

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଓଡ଼ିଶା ସରକାର

**ଶୀତ-୨୦୧୬**

କିଶୋର ସୃଜନର ସଂଗ୍ରହ




ସଂପାଦକ

**ଅଖିଳ ବିହାରୀ ଓତା**

ସହ ସଂପାଦକ

**ପରମାନନ୍ଦ ପଟେଲ**

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ**

**ଓଡ଼ିଶା ସରକାର**

ଶୀତ - ୨୦୧୬

ସଂପାଦକ : ଅଖିଳ ବିହାରୀ ଓତା

ସହ ସଂପାଦକ : ପରମାନନ୍ଦ ପଟେଲ

ସଦସ୍ୟ ସଚିବ,
© ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

ମୁଦ୍ରଣ :
କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଆଣ୍ଡ୍ କନ୍‌ସଲ୍‌ଟାନ୍ସି
ବି-୫୧, ଶହୀଦନଗର, ଭୁବନେଶ୍ୱର

# ସଂପାଦକଙ୍କ କଲମରୁ

କୋମଳମତି ବାଳକ ବାଳିକାମାନଙ୍କ ମଧ୍ୟରେ ଶିଖିବାର ପ୍ରବୃତ୍ତି ଏକ ସହଜାତ ଗୁଣ ଭାବେ ରହିଥାଏ । ପରିପାର୍ଶ୍ୱକୁ ଦେଖି, ଅନୁମାନ କରି ଏବଂ ନିଜର ସୃଜନଶୀଳତାକୁ ପରିଚାଳନା କରି ସେମାନେ ଗଠନ କରନ୍ତି ନିଜର ସୃଜନୀ ଜଗତ । ସେମାନେ ଅଦ୍ଭୁତ ଜିନିଷ ସବୁ ପରିକଳ୍ପନା କରନ୍ତି । ରୂପଦେବାର ପ୍ରଚେଷ୍ଟା କରନ୍ତି । ଶବ୍ଦ ଜ୍ଞାନ ଏଠି ବାଧକ ହୁଏ । ତେବେ ତାହା ମଧ୍ୟ ଦୂରୀଭୂତ ହୁଏ ନିଜ ଶବ୍ଦ ଜଗତକୁ ସଂଚାରିତ କଲେ । ପିଲାର ପ୍ରଜ୍ଞା ବୋଧ ଖୁବ୍ ବ୍ୟାପକ । ଆଗତ ଶବ୍ଦ ସହ ଏତେ ପରିଚିତ ନହେଲେ ମଧ୍ୟ ନିଜସ୍ୱ ଭାଷାରେ ପ୍ରକାଶ କରିବାରେ କିଛି ଅସୁବିଧା ନଥାଏ । ମାତ୍ର ଆମ ବ୍ୟବସ୍ଥା ତାଙ୍କୁ କୁଣ୍ଠିତ କରେ । ଆତ୍ମପ୍ରକାଶ ପ୍ରବଣତାରୁ ବଂଚିତ କରେ । ତେଣୁ ପିଲା ପ୍ରକାଶକ୍ଷମ ହୁଏ ନାହିଁ । ଚୁପ୍ ହୋଇଯାଏ ।

ପିଲାଏ ନିଜ ଜଗତକୁ ଦେଖିବେ, ଶିଖିବେ; ଆତ୍ମପ୍ରକାଶକ୍ଷମ ହେବେ ଏହି ଆଶା ନେଇ "ସର୍‌ଗିଫୁଲ୍" ର ପରିକଳ୍ପନା କରାଯାଇଛି । ଏହା ଏକ ଆନ୍ଦୋଳନ ନିଶ୍ଚୟ । ତେବେ ପିଲାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷକ ପାଖରେ ଯେଉଁ ଆବେଗଟା ରହିବା କଥା ତାହା ରହୁନାହିଁ । ଫଳତଃ ଅନେକ କଳିକା ପ୍ରୋତ୍ସାହନ ଅଭାବରୁ ଝଡ଼ି ଯାଉଛନ୍ତି ।

ପିଲାଏ ନିଜକୁ ଚିହ୍ନିବେ । ନିଜ ଗାଁ ପରିବେଶକୁ ଚିହ୍ନିବେ । ଏହି ମନୋବୃତ୍ତି ନେଇ ଆମେ ଗାଁ ଭୂଗୋଳ କଥା ଚିନ୍ତନ କରିଛୁ । ପ୍ରତ୍ୟେକ ଗାଁର ଏକ କିମ୍ବଦନ୍ତୀ ରହିଛି, ସୁନ୍ଦର ପରିବେଶ ରହିଛି; ତାକୁ କଲମ ମୁନରେ ଫୁଟାଇ ପାରିଲେ ଗାଁର ମହିମା ବଢ଼ିବ, ନିଜର ଆତ୍ମବିଶ୍ୱାସ ଆସିବ । "ମୋ ଗାଁ" ସହ ଅନ୍ୟମାନଙ୍କ ପରିଚୟ ହେବ; ସେହି ଉଦ୍ଦେଶ୍ୟ ନେଇ ଏଥର "ସର୍‌ଗିଫୁଲ୍" ରେ "ଏଇ ମୋର ଗାଁ ଟି" ପ୍ରଭାଗରେ ଚିତ୍ର / ଲେଖା ସଂଯୋଜିତ ହୋଇଛି । କନ୍ଧମାଳ ଜିଲ୍ଲାକୁ ପ୍ରଥମେ ସ୍ଥାନିତ କରିଛୁ, ଅନ୍ୟମାନଙ୍କୁ ଉତ୍ସାହିତ କରିବାକୁ । ଆମ ପାଖକୁ ନିଜ ଗାଁ ସଂପର୍କିତ ଲେଖା ଆସିଲେ ପରବର୍ତ୍ତୀ ସଂସ୍କରଣରେ ଏହାକୁ ସ୍ଥାନିତ କରିବୁ ।

ପିଲାଏ ଲେଖନ୍ତୁ । ତାଙ୍କ ଭିତରେ ଆତ୍ମ ବିଶ୍ୱାସଟାଏ ବଢ଼ୁ । "ସର୍‌ଗିଫୁଲ୍" ପ୍ରକାଶନ ଅବସରରେ ଏତିକି କାମନା ।

ଅଖିଳ ବିହାରୀ ଓତା



# ସୂଚୀପତ୍ର


ସମ୍ପାଦକୀୟ

ଏଇ ମୋର ଗାଁଟି

| | | |
|---|---|---|
| ୧. | ସାର୍ଭାଗୁଡ଼ା | ୨ |
| ୨. | କୁଡ଼ିପୁଞ୍ଜା | ୩ |
| ୩. | କେର୍କେ ବାଡ଼ି | ୪ |
| ୪. | ମୁଣ୍ଡା ଗାଁ | ୫ |
| ୫. | ସାତାଙ୍ଗ ଜାର୍ଗୀ | ୬ |
| ୬. | କିରାମାହା | ୮ |
| ୭. | କନାଡ଼ି | ୯ |
| ୮. | ବାଡ଼ାବାଙ୍କା | ୧୧ |
| ୯. | ଗିସ୍ତିଖୋଲ | ୧୨ |
| ୧୦. | ପିଶୁ ପଦର | ୧୩ |
| ୧୧. | ବାଦଗଡ | ୧୪ |
| ୧୨. | ବାଘଡଙ୍ଗେରୀ | ୧୬ |
| ୧୩. | କୁର୍ତ୍ତମଗଡ଼ | ୧୭ |
| ୧୪. | ପର୍ଭମାହା | ୧୮ |
| ୧୫. | ରେଡ଼ସିଂ | ୧୯ |
| ୧୬. | ଗାଡ଼ିଆପଡ଼ା | ୨୧ |
| ୧୭. | ସିନ୍ଦ୍ରି ଗାଁ | ୨୨ |
| ୧୮. | ଡ଼ାଙ୍ଗାଡ଼ଣ୍ଡ | ୨୩ |
| ୧୯. | ନିଲୁଙ୍ଗିଆ | ୨୫ |
| ୨୦. | ମୁସେଲିପଙ୍ଗା | ୨୬ |
| ୨୧. | ସଲାଗୁଡ଼ା | ୨୭ |
| ୨୨. | ଗୁନ୍ଧାଣୀ | ୨୮ |
| ୨୩. | ନାରିଙ୍ଗିଝୋଲା | ୨୯ |
| ୨୪. | ତୁଙ୍ଗି | ୩୦ |
| ୨୫. | ଦାମିଙ୍ଗିଆ | ୩୧ |
| ୨୬. | କୁପିବାଡ଼ି | ୩୩ |
| ୨୭. | ସେସ୍କାଯୋଡ଼ି | ୩୪ |
| ୨୮. | କାଙ୍ଗାପଡ଼ା | ୩୬ |
| ୨୯. | ବିଲେଇଡ଼ିହ | ୩୭ |
| ୩୦. | ଡଡ଼ାପଡ଼ା | ୩୯ |
| ୩୧. | ଗୁଗୁରୁମାହା | ୪୦ |
| ୩୨. | ତାଳପଡ଼ା | ୪୧ |
| ୩୩. | ବନ୍ତିଙ୍ଗିଆ | ୪୩ |
| ୩୪. | ବାଟାଗୁଡ଼ା | ୪୪ |
| ୩୫. | ରେବିଙ୍ଗିଆ | ୪୬ |




ନବ ସୃଜନ


୩୬. ଗ୍ରାମ୍ୟ ସଂସ୍କୃତି ୪୭
୩୭. ପିତାମାତା ୪୮
୩୮. ନୂଆ ବହି ୪୮
୩୯. ମନ ଲଗାଇ ପଢ଼ିଲେ ପାଠ, ରଖିବ ଦେଶର ନାଆଁ ୪୯
୪୦. ରେମୋ ୫୦
୪୧. ମୋ ଗାଆଁ ୫୦
୪୨. ଜୀବନ ୫୧
୪୩. ଆମ ପାଠପଢ଼ା ୫୧
୪୪. ବନ୍ଧୁତା ୫୨
୪୫. ବୃକ୍ଷ ରୋପଣ ୫୨
୪୬. କହିଲ ଦେଖି ୫୩
୪୭. ଜନମ ଭୂଇଁ ୫୩
୪୮. ମୋ ଗାଁ ୫୪
୪୯. ଆଦର୍ଶ ଛାତ୍ର ୫୪
୫୦. ଆମେ ଭାରତୀୟ ୫୫
୫୧. ଆମ ସମ୍ବିଧାନ ୫୫
୫୨. ଲଗାଅ ଅଧିକ ଗଛ ୫୬
୫୩. ସେ ମୋର ବନ୍ଧୁ ଟିଏ ୫୬
୫୪. ଆମ ବିଦ୍ୟାଳୟ ୫୭
୫୫. ମା ୫୭
୫୬. ଛୋଟ ବୋଲି ଭାବ ନାହିଁ ସାନ ହେଲେ ମୁହିଁ ୫୮
୫୭. ବଣ ମୂଲକରେ ଆମରି ଘର ୫୮
୫୮. କେଡ଼େ ସୁନ୍ଦର ଦିଶେ ଆମ ଆକାଶ ୫୯
୫୯. ମୋ ପାଠଶାଳା ୫୯
୬୦. ସ୍ମୃତି ୬୦
୬୧. ଛେଳି (ଆଦିବାସୀ କବିତା) ୬୦
୬୨. ନାମର କରାମତି ୬୧
୬୩. ଚତୁର ଠେକୁଆ ୬୩
୬୪. ଇଚ୍ଛାମୃତ୍ୟୁର ବର ୬୪
୬୫. କର୍ମର ଫଳ ୬୬
୬୬. ଶ୍ରେଷ୍ଠ ଶିଷ୍ୟ ୬୮
୬୭. ରାଜପୁତ୍ରଙ୍କ ମନ୍ଦ ଅଭ୍ୟାସ ୭୦
୬୮. ରାଜୁ ହେଲା ସୁନାପିଲା ୭୨
୬୯. ସେକାଳର ରଜାଝିଅ ଆଜିର ଧୂଆଁ ପତ୍ର ୭୩
୭୦. ନିଜ ସୁରକ୍ଷା ନିଜ ହାତରେ ୭୪
୭୧. କୁକୁଡ଼ା ଏବଂ ବିଲୁଆ କଥା ୭୫
୭୨. ସ୍ୱାଗତ ସଂଗୀତ ୭୭
୭୩. ଚିଠିଟିଏ ତୁମ ପାଇଁ ୭୮
୭୫. ଝଲକରେ ସରଗିଫୁଲ ୨୦୧୫ ୮୦



# ଏଇ ମୋର ଗାଁ ଟି



# ସାର୍ଚ୍ଚାଗୁଡ଼ା

ସାର୍ଚ୍ଚାଗୁଡ଼ା ଆଶ୍ରମ ବିଦ୍ୟାଳୟଟି ସାର୍ଚ୍ଚାଗୁଡ଼ା ନାମକ ଗ୍ରାମରେ ଅବସ୍ଥିତ । ଗ୍ରାମର ନାମାନୁସାରେ ବିଦ୍ୟାଳୟର ନାମକରଣ ହୋଇଛି ।ଏହା ଫୁଲବାଣୀ ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଅବସ୍ଥିତ । ଏହା ଗୋଛାପଡ଼ା ଯିବା ରାସ୍ତାର ଡ଼ାହାଣ ପାର୍ଶ୍ୱରେ ଅବସ୍ଥିତ । ଏହାର ଇତିହାସକୁ ଅବଲୋକନ କଲେ ଜଣାଯାଏ ଯେ ଏଠାରେ ବହୁ ପରିମାଣରେ ସଳପ ଗଛ ଥିଲା । କୁଇରେ 'ସଳପ'ର ଅର୍ଥ ସାରତା । ଏହି କାରଣରୁ ଉକ୍ତ ଗ୍ରାମର ନାମ 'ସାର୍ଚ୍ଚାଗୁଡ଼ା' ହୋଇଥିବାର ଜଣାଯାଏ । ଏହା ଏକ ଛୋଟ ଗ୍ରାମ । ଗ୍ରାମର ପରିବାର ସଂଖ୍ୟା ମୋଟ୍ ୬୦ ରୁ ୬୫ ଏଠାରେ ମୁଖ୍ୟତଃ 'କନ୍ଧ' ଆଦିବାସୀ ଶ୍ରେଣୀର ଲୋକ ବାସ କରନ୍ତି । ତତ୍ ସହିତ ଅନ୍ୟ କିଛି ସମ୍ପ୍ରଦାୟର ଲୋକମାନେ ବାସ କରନ୍ତି । ଏହା ଆଦିବାସୀ ବହୁଳ ଗ୍ରାମ ହେଲେ ମଧ୍ୟ ଏଠାକାର ଲୋକମାନେ ଆଦୌ 'କୁଇ' ଭାଷାରେ କଥାବାର୍ତ୍ତା କରନ୍ତିନାହିଁ । ଗ୍ରାମର ଲୋକମାନେ ମୁଖ୍ୟତଃ ଓଡ଼ିଆ ଭାଷାରେ କଥାବାର୍ତ୍ତା କରନ୍ତି । ଯେହେତୁ ଗ୍ରାମଟି ଫୁଲବାଣୀ ସହର ନିକଟରେ ଅବସ୍ଥିତି ତେଣୁ ଏଠାରେ ସହରି ଢାଞ୍ଚାରେ ଚଳଣି ପ୍ରାୟତଃ ଦେଖାଯାଏ । ଏହା ସତ୍ତ୍ୱେ ଏଠାରେ ଗ୍ରାମ୍ୟ ଚଳଣିର ଛାପ ରହିଛି ଲୋକମାନେ ମୁଖ୍ୟତଃ କ୍ଷୁଦ୍ରଚାଷୀ ବା ମୂଲିଆ ଶ୍ରେଣୀର । କାଁ ଭାଁ ଲୋକେ ସରକାରୀ ଚାକିରୀ କରନ୍ତି । ଏହି ଗ୍ରାମର ବିଶେଷତ୍ୱ ହେଲା ପ୍ରତିବର୍ଷ ଗାଁର ଲୋକମାନେ ଗ୍ରାମ ନିକଟରେ ଥିବା 'ପର୍ବତକୁ' ପୂଜା କରନ୍ତି । ଏହାକୁ ବଡ଼ ଦେଉନି ପୂଜା କୁହାଯାଏ । ପୂଜାରେ ପର୍ବତ ପୂଜା ସହ ଭୋଜିଭାତ କରନ୍ତି । ସେମାନେ ଚଳିବା ପାଇଁ ମୁଖ୍ୟତଃ ଏହି ପର୍ବତ ଉପରେ ନିର୍ଭର କରନ୍ତି ତେଣୁ ସେମାନେ ବିଶ୍ୱାସ କରନ୍ତି ଯେ ଏହାକୁ ପୂଜା କଲେ ସେମାନଙ୍କର ଜୀବନ ଜୀବିକା ସୁରୁଖୁରୁରେ ଚାଲିବ ।



ଜମ୍ବୁବଳୀ କହଁର, ଅଷ୍ଟମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଦୁଟୁଳି, କନ୍ଧମାଳ

# କୁଡ଼ିପୁଞ୍ଜା

ଗ୍ରାମ୍ୟ ଜୀବନ ଯଦି ଗୋଟିଏ ପ୍ରବାହିତ ନଦୀ ହୁଏ ତେବେ ତାର ଦୁଇ ତଟଦେଶ ଯଥାକ୍ରମେ ସଂସ୍କୃତି ଓ ସଭ୍ୟତା । ପ୍ରତିଟି ଗ୍ରାମ, ବସତି ଓ ନାମକରଣ ପଛରେ ସ୍ୱଭାବିକ କିଛି ନା କିଛି ପାରମ୍ପରିକ କଥା ଓ କଥନିକା ଲୁଚିରହିଥାଏ । କନ୍ଧମାଳ ଜିଲ୍ଲା ପ୍ରାଚୀନ, ଚୀନ୍ ପ୍ରରିବ୍ରାଜକ ହୁଏନ୍‌ସାଙ୍ଗ୍ ବର୍ଣ୍ଣିତ ଆଟବିକ ରାଜ୍ୟର ଅନ୍ତର୍ଭୁକ୍ତ । କନ୍ଧମାଳ ଜିଲ୍ଲା ଓଡ଼ିଶା ଭୂ-ଖଣ୍ଡର ମଧ୍ୟ ଭାଗରେ ଥିବାରୁ ଏହାକୁ କବିକଥାକାରମାନେ ଓଡ଼ିଶାର ନାଭିକେନ୍ଦ୍ର ଓ ଭୂ-ସ୍ୱର୍ଗ ବୋଲି ଅଭିହିତ କରନ୍ତି । ଏହାର ଅନେକ ଗ୍ରାମର ନାମ କୁଇଭାଷାରେ ଅଭିହିତ । ସେହି କ୍ରମରେ କୁଡ଼ିପୁଞ୍ଜା ଗ୍ରାମର ନାମ ଆସିଛି । କୁଡ଼ି-ଧାନ ଓ ପୁଞ୍ଜା-ମେଣ୍ଢା ଅର୍ଥାତ୍ କୁଡ଼ିପୁଞ୍ଜା ହେଉଛି ଧାନମେଣ୍ଢା । ମାର୍ଗଶିର ମାସର ଲକ୍ଷ୍ମୀପୂଜା ବେଳେ ଧାନ କେଣ୍ଡାକୁ ଗୋଟିଏ ବିଡ଼ା କରି ଲକ୍ଷ୍ମୀଙ୍କ ଆସ୍ଥାନ ପାଖରେ ରଖାଯାଏ । ଏହି ଗ୍ରାମର ଲୋକେ ପୂର୍ବ କାଳରେ ଧାନ କେଣ୍ଡାକୁ ଗୁନ୍ଥି ମେଣ୍ଢା କରୁଥିଲେ ଏହି କୁଡ଼ିମେଣ୍ଢା ହିଁ କ୍ରମଶଃ ନାମକରଣର ଯଥାର୍ଥତା ବହନ କରି ଆସିଥିବାର ଅନୁମାନ କରାଯାଏ । ଆହୁରି ମଧ୍ୟ ଲୋକକଥାରୁ ଜଣାଯାଏ ପ୍ରାୟ ବହୁବର୍ଷତଳେ ସ୍ଥାନୀୟ ତଳ ସାହିର ବୟୋବୃଦ୍ଧ ଲୋକେ ଧାନବିଡ଼ା (କୁଡ଼ିପୁଞ୍ଜା) ଦେଇ କ୍ରୟ କରିଥିବାରୁ ତାହାର ନାମ ଏ ପ୍ରକାର ରଖାଯାଇଛି ।

ଫୁଲବାଣୀ ବ୍ଲକ ଅଧନସ୍ଥ ମିଣିଆ ପଞ୍ଚାୟତର ଏହି ଗ୍ରାମ ରାଜସ୍ୱ ଗ୍ରାମର ମାନ୍ୟତା ପାଇଛି । ଏହାର ଭୌଗୋଳିକ ସ୍ଥିତି ଅନୁଯାୟୀ ଏହି ଗ୍ରାମ ସମତଳ ଅଂଚଳପରି ଧାନ, ପନିପରିବା ଏଠାକାର ପ୍ରଜାମାନଙ୍କର କୃଷି ଜୀବନ । ଏହି ଗ୍ରାମର ପ୍ରତ୍ୟେକ ପରିବାର ହିନ୍ଦୁ ବାଦର ବିଶ୍ୱାସୀ । ଭାଷା କୁଇ । ପାରମ୍ପରିକ ପାହାଡ଼, ଗୁହାଳ, ବୃକ୍ଷ ପୂଜା କରି ଧର୍ମଧାରଣାକୁ ପ୍ରକଟିତ କରିଥାନ୍ତି । ନୃତ୍ୟ ଗୀତ ଓ ଯାତ୍ରା ପ୍ରିୟ ଏହି ଅଧିବାସୀଙ୍କ ଜନଜୀବନ ଖୁବ୍ ପ୍ରେରଣାଦାୟୀ ଓ ପ୍ରଭାବୀ । ଏପରି ଗୋଟିଏ ସଂସ୍କୃତି ସଂପନ୍ନ ଗ୍ରାମରେ ଆଶ୍ରମ ସ୍କୁଲ ସ୍ଥାପନା ଆମକୁ ସନ୍ତୋଷ ପ୍ରଦାନ କରେ ।



ବିନିତା ମଲିକ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

# କେର୍କେ ବାଡ଼ି

ପୃଥିବୀରେ ଗୋଟିଏ ଜିନିଷ ଜାଣିବା ପାଇଁ ତାହାର ଗୋଟିଏ ନାମକରଣ କରାଯାଇଥାଏ । ତାହା ନ ହେଲେ କେଉଁ ଜିନିଷ ବା ଜୀବ ବିଷୟରେ କିଛି ଧାରଣା ମିଳି ନଥାଏ । ସେଥିପାଇଁ ହିଁ ପ୍ରତ୍ୟେକ ଜୀବ ନିର୍ଜୀବର ନାମ କରଣ ଦିଆଯାଇଥାଏ । ଫଳରେ ସେହି ଜିନିଷର ନାମ ପରିଚିତ ହୋଇଥାଏ । ଠିକ୍ ସେହିଭଳି କେର୍କେବାଡ଼ି ଗ୍ରାମର ଜଣେ ଭଦ୍ର ବ୍ୟକ୍ତିଙ୍କୁ ପଚାରି ବୁଝିଲା ପରେ ସେହି କେର୍କେବାଡ଼ି ଗ୍ରାମର ପୂର୍ବକାଳରେ ସେହି ଗ୍ରାମରେ ଗୋଟିଏ ବଡ଼ ପର୍ବତଟିଏ ଅଛି ସେହି ପର୍ବତରେ ବଡ଼ ସାପଟିଏ ରହୁଥିଲା । ସେ ସାପଟି ରାତିରେ କେରେ କେରେ ଡ଼ାକ ଛାଡୁଥିବା ଯୋଗୁଁ ସେହି ଗ୍ରାମର ନାମକରଣ କେର୍କେବାଡ଼ି ବୋଲି ନାମିତ କରାଯାଇଛି । କେର୍କେବାଡ଼ି ଗ୍ରାମରେ ସାଧାରଣତଃ ୪୦୦ ଘର ବସବାସ କରନ୍ତି । ୪୦୦ ଘର ବସବାସ କରିବା ମଧ୍ୟରେ ମୋଟ ଜନସଂଖ୍ୟା ୧୫୦୦ ଅଟେ । ତଥା ଗ୍ରାମଟିର ଚାରି ଦିଗ ଘଞ୍ଚ ଜଙ୍ଗଲ ଏବଂ ତାର ଚାରି ପାଖରେ ଗାଁଟି ପର୍ବତ ସମୂହରେ ଆବଦ୍ଧ । ଗାଁର ମଝିରେ ବିଲମାନ ଥାଇ ଗାଁଟିକୁ ସୁନ୍ଦର ଭାବରେ ଦୁଇ ଭାଗରେ ବିଭକ୍ତ କରିଅଛି । ସେହି ଗ୍ରାମର ଲୋକମାନେ ସାଧାରଣତଃ ହଳଦୀ, ଅଦା, କାନ୍ଦୁଳ, ପନିପରିବା, ଖଲି ଇତ୍ୟାଦି ଉତ୍ପାଦନ ତଥା ପ୍ରସ୍ତୁତି ଉପରେ ନିର୍ଭର କରି ନିଜର ଜୀବନ ଯାପନ କରନ୍ତି । ସାଧାରଣତଃ କେର୍କେ ବାଡ଼ି ଗାଁରେ ପ୍ରତ୍ୟେକ ମାସ ମୁଖ୍ୟ ପର୍ବ ପର୍ବାଣୀ ଗୁଡ଼ିକୁ ଧୁମ୍‌ଧାମ୍ ରୂପେ ଲାଳନ ପାଳନ କରନ୍ତି । ଗାଁର ରାସ୍ତା କଡ଼ରେ ଚର୍ଚ୍ଚଘରଟିଏ ଅଛି । ଚର୍ଚ୍ଚ ଘର ନିକଟରେ ବିଦ୍ୟାଳୟ ଅବସ୍ଥିତ କିନ୍ତୁ ପ୍ରତ୍ୟେକ ରବିବାର ଦିନ ଗ୍ରାମର ସମସ୍ତ କୁନି କୁନି ପୁଅ ଝିଅ ପୁରୁଷ ମହିଳା ଏକତ୍ରିତ ହୋଇ ଚର୍ଚ୍ଚ ଗୃହଠାରେ ଉପସ୍ଥିତ ହୁଅନ୍ତି । ଏବଂ ବାଜାବଜାଇ ସେହି ଦିନଟିକୁ ଅନନ୍ଦରେ ଉଲ୍ଲାସରେ କଟାନ୍ତି । ସେହି ଗ୍ରାମର ମୁଖ୍ୟତ କୁଇ ଭାଷାରେ କଥାବାର୍ତ୍ତା କରନ୍ତି ।

ଗ୍ରାମର ଚାରି ଦିଗରେ ଆମ୍ବତୋଟା ଥିବା ଯୋଗୁଁ ଗାଁଟି ଦେଖିବାକୁ ଅତି ସୌନ୍ଦର୍ଯ୍ୟପୂର୍ଣ୍ଣ ଅଟେ ଏବଂ ପରିବେଶ ପରିଷ୍କାର ଓ ପରିଚ୍ଛନ୍ନତା ଯୋଗୁଁ ଏ ଗ୍ରାମର ଶ୍ରୀବୃଦ୍ଧି ଘଟିଛି ।



ତୁମ୍‌କି ପ୍ରଧାନ, ଦଶମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କୁଦୁତୁଲି, କନ୍ଧମାଳ

# ମୁଣ୍ଡା ଗାଁ

ସବୁଜ ବନାନୀ ବଣ ପାହାଡ଼ ଘେରା ମଧ୍ୟ ଭାଗରେ ଅବସ୍ଥିତ ହୋଇଥିବା ଗାଁଟିର ନାମ ମୁଣ୍ଡା ଗାଁ । ଏହା ଚକାପାଦ ବ୍ଲକ ଅନ୍ତର୍ଗତ ପସରା ପଞ୍ଚାୟତରେ । ପସରା ପଞ୍ଚାୟତରୁ ଏହା ମାତ୍ର ସାତ କିଲୋମିଟର ଦୂରରେ । ଏହି ଗାଁକୁ ପସରା ପଞ୍ଚାୟତରୁ ଲମ୍ବିଯାଇଛି ପ୍ରଧାନମନ୍ତ୍ରୀ ସଡ଼କ ପଥ । ଗ୍ରାମର ପଶ୍ଚିମ ଦିଗରେ ଥିବା ଏକ ନଦୀ । ଓଡ଼ିଶାର ମାନଚିତ୍ରରେ ସ୍ଥାନ ପାଇଥିବା ଏହି ନଦୀ ବୃଉଗ୍ଗ ଅଟେ । ଏହି ଗାଁ ମୁଣ୍ଡରୁ ନଦୀଟି ବାହାରି ଥିବାରୁ ବୋଧ ହୁଏ ଏହି ଗାଁର ନାଁ ମୁଣ୍ଡା ଗାଁ ନାମ କରଣ କରାଯାଇଛି ।

ଗ୍ରାମରେ ଅନେକ ସାହି ରହିଛି । ସେହି ସାହି ଗୁଡ଼ିକ ହେଲା ଗିଧାମାଲା, ଗୁରୁସାହି, ମିସିମାଲା, ପାଏରିମାଲା, ଡ଼ିଗିସାହି, ଡୁମ୍ବେରିଗୁଡ଼ା । ଏହି ସାହିଗୁଡ଼ିକରେ ବିଭିନ୍ନ ଜାତିର ଲୋକ ବାସ କରୁଥିଲେ ମଧ୍ୟ ଅଧିକାଂଶ ଲୋକ କନ୍ଧ ଜାତିର । ଅନ୍ୟାନ୍ୟ ଜାତିର ଲୋକ ହେଲେ ଶୁଦ୍ଧ, ପାଣ, ଗଉଡ଼ । ଅଧିକାଂଶ ଲୋକଙ୍କର ମୁଖ୍ୟ ଜୀବିକା ହେଉଛି କୃଷି । କୃଷିଜାତ ଦ୍ରବ୍ୟ ମଧ୍ୟରେ ଧାନ ପ୍ରଧାନ । ଏହାଛଡ଼ା କାନ୍ଦୁଲ, କୋଳଥ ଓ ପନିପରିବା ଚାଷ ମଧ୍ୟ କରନ୍ତି ।

ଏହି ଗ୍ରାମରେ ଲୋକଙ୍କର ବର୍ତ୍ତମାନର ମୁଖ୍ୟ ଭାଷା ହେଉଛି ଓଡ଼ିଆ । ବୟସ୍କ ଲୋକମାନେ କୁଇ ଭାଷାରେ କଥାବାର୍ତ୍ତା କରନ୍ତି । ଆଜି କାଲିର ଛୋଟ ପିଲା ଓ ଯୁବକ ଯୁବତୀ କୁଇଭାଷା ଜାଣନ୍ତି ନାହିଁ । ଲୋକମାନେ ପ୍ରାୟ ସମସ୍ତେ ସରଳ



ଲିପିନା ପ୍ରଧାନ, ନବମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଦୁଟୁଲି, କନ୍ଧମାଳ

ପ୍ରକୃତିର। ଦେହ ଅସୁସ୍ଥ ହେଲେ ପ୍ରଥମେ ଗୁଣିଗାରେଡ଼ିର ଆଶ୍ରୟ ନିଅନ୍ତି। ସରୁପେନୁ (ପର୍ବତ ଦେବତା)ଙ୍କ ନିକଟରେ ଦେହ ସୁସ୍ଥ ହେବାପାଇଁ ମାନସିକ ରଖନ୍ତି। ପ୍ରତିବର୍ଷ ବୈଶାଖ ମାସରେ ମାନସିକଧାରୀ ସରୁପେନୁଙ୍କ ନିକଟରେ ନିଜର ମାନସିପାଇଁ କୁକୁଡ଼ା ବଳି ଦେଇ ମାନସିକ ପୂର୍ଣ୍ଣ କରିଥାନ୍ତି। ଖୁବ୍ କମ୍‌ଲୋକ ଡ଼ାକ୍ତରଖାନାକୁ ଯାଇ ନିଜର ଚିକିତ୍ସା କରାଇଥାନ୍ତି। ପ୍ରତିବର୍ଷ କାର୍ତ୍ତିକ ମାସରେ ସବୁପଡ଼ାରେ ଲୋକମାନେ ନିଜନିଜ ସାହିରେ ଖୁବ୍ ଧୁମ୍‌ଧାମ୍‌ରେ ପଞ୍ଚୁକ ପର୍ବ ପାଳନ କରନ୍ତି। ଗ୍ରାମରେ ମଧ୍ୟଭାଗରେ ପ୍ରାଥମିକ ସେବାଶ୍ରମ ମୁଣ୍ଡାଗାଁ ଅବସ୍ଥିତ। ସ୍କୁଲରେ ଗଣେଶ ଓ ସରସ୍ୱତୀ ପୂଜା ହେଲେ ପ୍ରାୟ ସମସ୍ତ ଗ୍ରାମବାସୀ ପୂଜାକୁ ଆସନ୍ତି ଓ ଏଥିରେ ସହଯୋଗ କରନ୍ତି।

ଧର୍ମିୟ ଭାବନା, ଗ୍ରାମରେ ମାଙ୍ଗଳିକ କାର୍ଯ୍ୟ ଗ୍ରାମର ସମସ୍ତ ଲୋକଙ୍କ ଉନ୍ନତି ମୂଳକ କାର୍ଯ୍ୟରେ ଏହି ସମସ୍ତ ଗ୍ରାମ/ପଡ଼ାର ଲୋକଙ୍କର ଏକତା ଅଛି। ଭିନ୍ନ ଭିନ୍ନ ଜାତିର ଲୋକ ବାସ କରୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ବାଛ ବିଚାର ନଥାଏ। ବିପଦ ଆପଦରେ ସମସ୍ତ ଲୋକ ଏକତା ବଦ୍ଧ ହୋଇ ପରସ୍ପରକୁ ସାହାଯ୍ୟ ଓ ସହଯୋଗ କରନ୍ତି। ଗାଁର ଐତିହ୍ୟ ଓ ପରମ୍ପରାକୁ ପ୍ରାୟ ବଜାୟ ରଖିବାରେ ଏମାନେ ଚେଷ୍ଟା କରିଥାନ୍ତି।

## ସାତାଙ୍ଗ ଜାର୍ଗୀ

ଇତିହାସର କେଉଁ ସମୟରୁ ପାହାଡ଼ ପ୍ରକୃତି ଘେରା ଛୋଟ ଗ୍ରାମଟି ସାତାଙ୍ଗଜାର୍ଗୀ, ସାଇନିପଦର ସେବାଶ୍ରମ ଠାରୁ ମାତ୍ର ଏକ କିଲୋମିଟର ଦୂରରେ ଅବସ୍ଥିତ। ବିଦ୍ୟାଳୟ ଓ ସାତାଙ୍ଗ ଜାର୍ଗୀ ଗ୍ରାମ ମଧ୍ୟରେ ବଡ଼ ସାଲୁଙ୍କି ନଦୀ ବାଧକ। ବର୍ଷସାରା ପ୍ରାୟ ଆଠମାସ ନଦୀରେ ପ୍ରଚୁର ପାଣିଥାଏ। ପୂର୍ବେ ଗ୍ରାମର ଅଧିବାସୀମାନେ କେବଳ ନଦୀ ପାର ହୋଇ ଜିଲା ସଦର ମହକୁମାକୁ ଯିବାଆସିବା କରୁଥିଲେ। ବର୍ଷାଦିନେ ପ୍ରାୟ ସେମାନେ ପୁଡ଼ିପାଦୁ ଦେଇ ଯିବାଆସିବା କରନ୍ତି ଓ ଜୀବନର ଆବଶ୍ୟକତା ପୂରଣ କରନ୍ତି। ଲୋକ ମୁଖରେ ଶୁଣାଯାଏ ଯେ କେଉଁ ଆବାହାନ କାଳରୁ କେବଳ ଆଦିବାସୀ କୁଇ ସମ୍ପ୍ରଦାୟର ଲୋକେ ପ୍ରାୟ ସତୁରୀରୁ ଅଶୀ ପରିବାର ବାସ କରନ୍ତି। ସେମାନଙ୍କ ଘର ଗୁଡ଼ିକ ସାଧାରଣତଃ ଚାଳ କୁଡ଼ିଆ ଝାଟି ମାଟିରେ ନିର୍ମିତ। ପୋଡୁଚାଷ, ପାରମ୍ପରିକ କୃଷି ଏହାଛଡ଼ା ଧାନ ମାଣ୍ଡିଆ, ମକା, କୋଳଥ, ହଳଦି, କାନ୍ଦୁଲ, କିଛି ପନିପରିବା ଆଦି ଚାଷ କରନ୍ତି। ଜଙ୍ଗଲରୁ ଫଳମୂଳ, ଶାଳପତ୍ର, କେନ୍ଦୁପତ୍ର, କାଠ ବାଉଁଶ, ସଂଗ୍ରହ କରନ୍ତି। ଗାଈ, ଛେଳି, ବାରହା, ଘୁଷୁରୀ, କୁକୁର, କୁକୁଡ଼ା ଆଦି ପାଳନ କରନ୍ତି। ପାରମ୍ପରିକ ଛାଷ ସେମାନଙ୍କର ମୁଖ୍ୟ ଅବଲମ୍ବନ।

ଗ୍ରାମର ନାମ କରଣ ସମ୍ପର୍କରେ ଜଣାଯାଏ ଯେ କୁଇ ଭାଷାରେ ସାତାଙ୍ଗ୍ ଅର୍ଥ ଛତା ଓ ଜାର୍ଗୀ ଅର୍ଥ ଶାଳଗଛର ବଣ। ଏହାର ଅର୍ଥକୁ ସାର୍ଥକ କରି ଏଠାରେ ପ୍ରଚୁର ଶାଳ ଗଛ ମଧ୍ୟ ଅଛି। ଅନ୍ୟ ଲୋକମୁଖରେ ଜଣାଯାଏ ଯେ କଳାହାଣ୍ଡି ଅଞ୍ଚଳର କୌଣସି ଏକ ରାଜା ବୌଦ୍ଧ ଅଞ୍ଚଳ ଓ କନ୍ଧମାଳ ଅଞ୍ଚଳକୁ ଜୟ କରିବା ନିମିତ୍ତ ଏହି ରାସ୍ତାରେ ଗଲାବେଳେ ସାଲୁଙ୍କି ନଦୀ କୂଳରେ ଏହି

ଉପତ୍ୟକାରେ ଶାଳବଣ ମଧ୍ୟରେ କିଛି ସମୟ ଅତିବାହିତ କରିଥିଲେ ଏବଂ ସାତାଙ୍କଜାର୍ଗୀ ଅର୍ଥ ରାଜା/ରାଣୀଙ୍କ ମୁଣ୍ଡରେ ଛତା ଅଭିହିତ କରିଥିବାରୁ ଏପରି ନାମକରଣ ହୋଇଛି ।

ଇତିହାସ ଅନୁସାରେ ଗାଁ ସମ୍ବନ୍ଧରେ ଜଣାଯାଏ ଯେ ଚୀନ ପରିବ୍ରାଜକ ହୁଏନ୍ ସାଂ ଯେତେବେଳେ ଭାରତ ଭ୍ରମଣରେ ବାହାରିଥିଲେ ସେତେବେଳେ ଆଶୋକଙ୍କ ସାମ୍ରାଜ୍ୟ ମଗଧରୁ କଳିଙ୍ଗ ଆସିଥିଲେ ଦକ୍ଷିଣ ଭାରତ ଯିବାପାଇଁ । ସେ ଗଞ୍ଜାମ ଜିଲ୍ଲାରୁ ଦାରିଙ୍ଗବାଡ଼ି, ଦାରିଙ୍ଗବାଡ଼ି ପଥ ଦେଇ ଫୁଲବାଣୀର କୁଡ଼ିପୁଞ୍ଜା ପଥଦେଇ ବିଳପଡ଼ା ଓ ସାଲୁଙ୍କି ନଦୀ କୂଳେ କୂଳେ ସାତାଙ୍ଗ ଜାର୍ଗୀ ଠାରେ ପହଞ୍ଚିଥିଲେ ସେଠାରେ କିଛି ସମୟ ରହିଥିଲେ । ଏଣୁ ତାଙ୍କୁ ସେମାନେ ରାଜା ଭାବି ରାଜାଙ୍କ ମୁଣ୍ଡରେ ଛତା ଦେଇ ସେହି ସ୍ଥାନକୁ ସାତାଙ୍କ ଜାର୍ଗୀ ନାମକରଣ କରିଛନ୍ତି ।



ପ୍ରିୟଙ୍କା ପ୍ରଧାନ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଦୁଟୁଲି, କନ୍ଧମାଳ

# କିରାମାହା

ବହୁତ ବର୍ଷ ପୂର୍ବେ ଜଙ୍ଗଲ ମଧ୍ୟରେ ଗୋଟିଏ ବିରାଟ ଆମ୍ବଗଛ ଥିଲା । ଆମ୍ବ ଗଛରେ ବହୁତ ମିଠା ମିଠା ଆମ୍ବ ଫଳୁଥିଲା । ଏହି ଆମ୍ବକୁ ଖାଇବା ପାଇଁ ଶୁଆ ପକ୍ଷୀଗୁଡ଼ିକ ଆସୁଥିଲେ ଏବଂ ସେହି ଗଛରେ ବସାବାନ୍ଧି ରହୁଥିଲେ । ଯେତେବେଳେ ସେହି ଜାଗାକୁ ସଫା କରି ଲୋକମାନେ ବସବାସ କଲେ । ସେହି ଆମ୍ବଗଛ ଓ ଶୁଆପକ୍ଷୀକୁ ନେଇ ଏହି ଗାଁର ନାମ "କିରାମାହା" ରଖାଗଲା । କୁଇଭାଷାରେ "କିରା" ଅର୍ଥ "ଶୁଆ"ଓ "ମାହା" ଅର୍ଥ ଆମ୍ବ ।

ଏହି କିରାମାହା ଗାଁଟି କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ବ୍ଲକ୍ ଅନ୍ତର୍ଗତ ଝିଞ୍ଜିରିଗୁଡ଼ା ଗ୍ରାମ ପଞ୍ଚାୟତରେ ଅବସ୍ଥିତ । ଏହି ଗାଁର ଚତୁଃପାର୍ଶ୍ୱ ବଣ ଜଙ୍ଗଲରେ ପରିପୂର୍ଣ୍ଣ । ଏହି ଗାଁକୁ ଯିବାକୁ ହେଲେ ବହୁତ ଗୁଡ଼ିଏ ବଣ ଜଙ୍ଗଲ ଦେଇ ଯିବାକୁ ପଡ଼େ ।

ଏହି ଗାଁରେ ପ୍ରାୟ ୬୦୦ରୁ ୮୦୦ ଲୋକ ବସବାସ କରନ୍ତି । ଏହି ଗାଁକୁ ୩ଟି ୱାର୍ଡ଼ରେ ବିଭକ୍ତ କରାଯାଇଛି । ଏଠାରେ ମୁଖ୍ୟତଃ ଦୁଇଟି ଜାତିର ଲୋକ ବାସ କରନ୍ତି ଯଥା-ଆଦିବାସୀ, ଅନୁସୂଚିତ ଜାତି । ଏଠାରେ ବାସ କରୁଥିବା ଆଦିବାସୀ ଓ ଘାସି ଲୋକମାନେ "କୁଇ" ଏବଂ ପାଣ ଜାତିର ଲୋକମାନେ "ଡ଼ମ୍‌ଭାଷା" କୁହନ୍ତି ।



ବ୍ଲେସି ପ୍ରଧାନ, ସପ୍ତମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

ଅନୁସୂଚିତ ଜାତିର ଲୋକମାନେ ପ୍ରାୟତଃ ଖ୍ରୀଷ୍ଟଧର୍ମୀ ଅଟନ୍ତି । ଏମାନେ ଖ୍ରୀଷ୍ଟଧର୍ମ ସମ୍ପର୍କୀତ ସମସ୍ତ ପର୍ବ ବଡ଼ ଧୁମ୍‌ଧାମ୍‌ରେ ପାଳନ କରନ୍ତି ଓ ପ୍ରତ୍ୟେକ ରବିବାର ଦିନ ଗୀର୍ଜାକୁ ଯାଇ ଖ୍ରୀଷ୍ଟଧର୍ମୀ ଗୀତ ଗୁଡ଼ିକ ଗାନ କରନ୍ତି, ନାଚନ୍ତି ଓ ବାଇବଲ୍ ପାଠ କରନ୍ତି । କିନ୍ତୁ ଆଦିବାସୀ ଓ ଘାସି ଲୋକମାନେ ଖ୍ରୀଷ୍ଟଧର୍ମ ପର୍ବ ସହ "ରେସା" ପର୍ବ ପାଳନ କରନ୍ତି ।ଏହି "ରେସା" ପର୍ବକୁ ସେମାନେ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ପାଳନ କରନ୍ତି । ପ୍ରତ୍ୟେକ ଦିନ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ଚାଙ୍ଗୁ ଓ ମହୁରୀର ତାଳେ ତାଳେ ସାହିରେ ଥିବା କୁମାରୀ କନ୍ୟାମାନେ ନିଜକୁ ବିଭିନ୍ନ ଶାଢ଼ୀରେ ସଜେଇ ହୋଇ ନାଚ କରନ୍ତି । ବୟସ୍କ ଲୋକମାନେ ମହୁଲୀ ନିଶାରେ ମାତାଲ୍ ହୋଇ ପର୍ବର ମଜା ନିଅନ୍ତି ଏବଂ ନାଚନ୍ତି । ସପ୍ତାହ ମଝିରେ ସେମାନେ ପାଖାପାଖୀ ଗାଁକୁ ଯାଇ ନାଚ, ଗୀତ କରନ୍ତି ଏବଂ ସେମାନଙ୍କର ନାଚ ଦେଖି ଲୋକମାନେ କିଛି କିଛି ପଇସା ମଧ ଦିଅନ୍ତି । ପର୍ବର ଶେଷ ଦିନରେ ପୂଜା ସ୍ଥାନରେ କୁକୁଡ଼ା, ଘୁଷୁରୀ ଓ ଛେଳିକୁ ବଳି ଦିଅନ୍ତି । ଏହି ଦିନ ଗାଁର ସମସ୍ତଲୋକ ଗୋଟିଏ ଜାଗାରେ ରୋଷେଇ କରି ସମସ୍ତେ ମିଶି ଖାଆନ୍ତି ।

ଏହି ଗାଁର ଲୋକମାନେ ସାଧାରଣତଃ ଦିନବେଳେ ପଖାଳ ଓ ରାତିରେ ଭାତ ଖାଇବାକୁ ପସନ୍ଦ କରନ୍ତି । ଏହି ସମୟରେ ଗାଇ, ଘୁଷୁରି ଓ କୁକୁଡ଼ା ମାଂସ ରୋଷେଇ କରାଯାଇଥାଏ ।

ଆଦିବାସୀ ଲୋକମାନେ ଜଙ୍ଗଲରେ ଅଦା, ହଳଦୀ ଓ କାନ୍ଦୁଲ ଚାଷ କରିଥାନ୍ତି ଏବଂ ବର୍ଷା ଦିନେ ଧାନ ଚାଷ କରିଥାନ୍ତି । ଅଧିକାଂଶ ଆଦିବାସୀ ଲୋକମାନେ ଦିନବେଳେ ଜଙ୍ଗଲରେ ରହି ବିଭିନ୍ନ କାମ କରିବାକୁ ପସନ୍ଦ କରନ୍ତି । ଘାସି ଲୋକମାନେ ଜଙ୍ଗଲରୁ ଅଙ୍ଗାର ଓ କାଠ ବିକି ନିଜର ଜିବୀକା ନିର୍ବାହ କରିଥାନ୍ତି । ଅନୁସୂଚିତ ଜାତିର ଲୋକମାନେ କୁଲି ମଜୁରୀ କରି ପେଟ ପୋଷନ୍ତି ।

# କନାଡ଼ି

ରାଇକିଆ ବ୍ଲକଠାରୁ ୨୫କି.ମି. ଦୂର କରଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ କନାଡ଼ି ଗ୍ରାମ ଅବସ୍ଥିତ । କୁଇଭାଷା ଅନୁସାରେ କନାଡ଼ି ଶବ୍ଦ କାନାଡ଼ିରୁ ଆସିଛି । କାନାଡ଼ି ଅର୍ଥ ପାଟିତୁଣ୍ଡ କରିବା ।

ରାଜା ରାଜୁଡ଼ା ପ୍ରାଚୀନ ସମୟରେ ଏଇଗ୍ରାମର ୫ କି.ମି ଦୂରରେ ଏକରାଜଗଡ଼ଥିଲା । ତାହା ବର୍ତ୍ତମାନ ଗ୍ରାମ ପଞ୍ଚାୟତ କରଡ଼ା ହୋଇଛି । କରଡ଼ା ଅଞ୍ଚଳ ସେଇ ସମୟରେ ଭଞ୍ଜରାଜାଙ୍କର ଅଧିନରେ ଥିଲା ଏଇ ଅଞ୍ଚଳ ଘଞ୍ଜଙ୍ଗଲ ମଧ୍ୟରେ ତେଣୁ ରାଜା ଶାସନ ନ କରି ଏକ ସାମନ୍ତଙ୍କୁ ନିଯୋଜିତ କରିଥିଲେ । କାଳକ୍ରମେ ରାଜାଶାସନ ବହିଯାଇ ଗଣତନ୍ତ୍ର ଶାସନ ଆସିଲା । ରାଜାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତି ହେଲା । ଜମିବାଡ଼ି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବଣ୍ଟା ହୋଇଗଲା । ବର୍ତ୍ତମାନ ମୂକସାକ୍ଷୀ ରୂପେ ଏକ ଛୋଟ ରାଜପ୍ରସାଦ ରକ୍ଷଣା ବେକ୍ଷଣାର ଅଭାବରେ ଭଗ୍ନ ଅବସ୍ଥାରେ ଠିଆ ହୋଇଅଛି । ଏହାକୁ ସ୍ଥାନୀୟଲୋକେ ରାଜିଗାଡ଼ା ବା ରଜାଗଡ଼ କହନ୍ତି । ବର୍ତ୍ତମାନ ଏହି ଗ୍ରାମରେ କିଛି ଖଣ୍ଡାୟତ, ଓଡ଼ିଆ, ବ୍ରାହ୍ମଣ, ତେଲି ଗୁଡ଼ିଆ, ପାଣ, ଶୁଣ୍ଢି ବାସକରନ୍ତି । ଏମାନେ ପ୍ରାୟତଃ ବ୍ୟବସାୟ କରି ଚଳିଥାନ୍ତି । ଗ୍ରାମଟି ଦେଖିବାକୁ ନିହାତି ମଫସଲ । ଏଠାରେ ସହରର କୌଣସି

ଚାକଚକ୍ୟ ନାହିଁ । ରାଇକିଆରୁ କରଡ଼ା ଯିବାକୁ ହେଲେ ମାଲାଗୁଡ଼ା ଘାଟି ଦେଇ ଯିବାକୁ ହୁଏ । ଏହି ଘାଟି ବଡ଼ ଭୟଙ୍କର ଓ ବିପଦ ସଙ୍କୁଳ ଅଟେ । କରଡ଼ା ଗଛରେ ଭରପୁର ଜଙ୍ଗଲ ଅତିକ୍ରମ କରି ଏଠାରେ ପହଞ୍ଚିବାକୁ ହୁଏ ତେଣୁ ବୋଧହୁଏ ଏହି ଗ୍ରାମର ନାମ କରଡ଼ା ।

ଏଇ ଗ୍ରାମରେ ବିଶେଷତଃ ଦୁଇ ସଂପ୍ରଦାୟର ଅଧିବାସୀ ବାସ କରନ୍ତି । ସେମାନେ ହେଲେ ସଉରା ଓ କନ୍ଧ । ସଉରା ଗୋଟିଏ ପାଖରେ ଓ କନ୍ଧ ଗୋଟିଏ ପାଖରେ ବାସକରନ୍ତି । ମିଶା ମିଶି ରହନ୍ତିନାହିଁ । ଉଭୟ ସଂପ୍ରଦାୟ ଓଡ଼ିଆ ଭାଷା କହନ୍ତି । କାଁ ଭାଁ ଗୋଟେ ଦିଟା ପୁରୁଣା ଲୋକଙ୍କୁ ଛାଡ଼ିଦେଲେ କେହି କନ୍ଧମାଳର କୁଇ ଭାଷା ବୁଝିପାରନ୍ତି ନାହିଁ । ଗଞ୍ଜାମ ଜିଲ୍ଲାର ସୀମାନ୍ତରେ ଅବସ୍ଥିତ ଥିବାହେତୁ ସମସ୍ତେ ଗଞ୍ଜାମ ଡାଞ୍ଚା ବା ଦକ୍ଷିଣ ଓଡ଼ିଶାର ଚଳଣିକୁ ଆପଣେଇଛନ୍ତି । ସ୍ତ୍ରୀ ଲୋକମାନେ ମୁଣ୍ଡରେ ଓଢ଼ଣା ଦେଇ ରହନ୍ତି । କାହାରି ପାଖରେ ଆଦିବାସୀର ଛାପ ଦେଖିବାକୁ ମିଳେନାହିଁ । ସମସ୍ତଙ୍କର ଚାଲିଚଳଣୀ, ବେଶଭୂଷା, ପର୍ବପର୍ବାଣୀ ଓଡ଼ିଆ ରୀତି ନୀତି ଅଟେ ।

ସବୁବର୍ଗର ଲୋକ ଚାଷ କାମଉପରେ ନିର୍ଭର କରନ୍ତି । କାନ୍ଦୁଲ ଓ ରାଶି ବହୁ ପରିମାଣରେ ଆଦାୟ ହୋଇଥାଏ । ଜଙ୍ଗଲରୁ ମହୁଲ, ଟୋଲ ଓ ମହୁ ମିଳେ । ଚାଷ ଜମିପରିମାଣ କମ୍ ହୋଇଥିବାରୁ ପୁରୁଷ ଲୋକ ବେଳେ ବେଳେ ରାଜ୍ୟ ଓ ରାଜ୍ୟବାହାରୁ କାମ କରିବାକୁ ଯାଇଥାନ୍ତି । ଏଠାରେ ରାକ୍ଷୀ ପୂର୍ଣ୍ଣିମା, ନୂଆଖାଇ, ଦଶହରା ଏମିତି ବାରମାସରେ ତେରପର୍ବ ନିଜନିଜ ଘରେ ପାଳନ ହୋଇଥାଏ ।



ପଦ୍ମିନୀ ପ୍ରଧାନ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

# ବାଡ଼ାବାଙ୍କା

ବାଡ଼ାବାଙ୍ଗା ସେବାଶ୍ରମଟି କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ବ୍ଲକ, ବାଡ଼ାବାଙ୍ଗା ଗ୍ରାମରେ ଅବସ୍ଥିତ ଅଟେ । ଏହିଁ ଗ୍ରାମଟି ଏକ ଛୋଟ ପାହାଡ଼ ତଳେ କାୟା ବିସ୍ତାର କରି ରହିଅଛି । ଗାଁଟି ଚାରି ଦିଗରୁ ପାହାଡ଼ ଘେରାରେ ରହିଅଛି । ଏହା ଫୁଲବାଣୀ ଠାରୁ ପ୍ରାୟ ୯୦(ନବେ) କି.ମି. ଦୂରରେ ରହିଅଛି ।

ବାଡ଼ାବାଙ୍କା ଗାଁରେ ପ୍ରାୟ ଛଅଶହରୁ ସାତଶହ ଲୋକ ବସବାସ କରିଥାନ୍ତି । ଏହି ଗ୍ରାମରେ ବିଭିନ୍ନ ସଂପ୍ରଦାୟର ଲୋକ ମିଳିମିଶି ରହି ଆସୁଛନ୍ତି । ଏହି ଗ୍ରାମରେ ଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ବର୍ଗର ଲୋକ ରହିଛନ୍ତି । ଆଦିବାସୀ ଲୋକସଂଖ୍ୟା ଗାଁରେ ଅଧିକ । ଏଠାରେ ଅନେକ ଧର୍ମ, ଜାତି ସମ୍ପ୍ରଦାୟ ଲୋକ ମିଳିମିଶି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିଥାନ୍ତି । ଏଠାକାର ଆଦିବାସୀମାନେ ବିଭିନ୍ନ ପ୍ରକାର ପର୍ବ ପର୍ବାଣି ଯଥା-ନୂଆଧାନ, କାନ୍ଦୁଲ, ମହୁଲନୁଆ ଆଦି ପର୍ବ (କଏରୀ) ପାଳନ କରିଥାନ୍ତି ଏବଂ ଦେବତା ପୂଜା ମଧ୍ୟ ଆଦିବାସୀ ଲୋକ ପାଳନ କରନ୍ତି । ଅନ୍ୟାନ୍ୟ ସମ୍ପ୍ରଦାୟ ଯଥା ସାଧାରଣ ବର୍ଗରଲୋକମାନେ ସାଧାରଣତଃ ଓଡ଼ିଆ ପ୍ରଥାନୁସାରେ ପର୍ବ ପର୍ବାଣୀ ପାଳନ କରିଥାନ୍ତି । ଏଠାକାର ପରିବେଶ ଶାନ୍ତ ଏବଂ ଶୃଙ୍ଖଳିତ ଅଟେ । ଲୋକମାନେ ଆଧୁନିକ ସଭ୍ୟତାର ଅନୁପ୍ରବେଶ ସତ୍ତ୍ୱେ ପ୍ରାଚୀନ ପରମ୍ପରାକୁ ସମ୍ମାନ ଦେଇ ଆସୁଛନ୍ତି ।

ବାଡ଼ାବାଙ୍ଗା ଗ୍ରାମଟି ମୋଟା ମୋଟି ଭାବେ ଏକ ସୁସଂଗଠିତ ଗ୍ରାମ ଅଟେ । ଏଠାକାର ଶାନ୍ତ ଶିଷ୍ଟ ପରିବେଶ ସମସ୍ତଙ୍କୁ ମନୋମୁଗ୍ଧ କରିଥାଏ ।



ସୁନେଲୀ ପ୍ରଧାନ, ଦଶମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଡୁତୁଲି, କନ୍ଧମାଳ

# ଗିସ୍ତିଖୋଲ

ଗିସ୍ତିଖୋଲ କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ୍ ଅନ୍ତର୍ଗତ ଚାହାଳୀ ଗ୍ରା.ପ ରେ ଅବସ୍ଥିତ । ଏହା ଗୋଟିଏ ଆଦିବାସୀ ମଫସଲ ଗାଁ ଅଟେ । ଏହି ଗାଁର ଭୌଗୋଳିକ ଅବସ୍ଥିତି ଏହିପରିକି ଗ୍ରାମର ଚତୁଃପାର୍ଶ୍ୱ ବଣଜଙ୍ଗଲ ଘେରା ସବୁଜ ଜଙ୍ଗଲ, ବୁଦାଳିଆ ଘଞ୍ଚ ବୃକ୍ଷରାଜି ଦ୍ୱାରା ଆଚ୍ଛାଦିତ । ଏହି ଗାଁକୁ ଯିବାକୁ ହେଲେ ଗୋଟିଏ ଅଣ ଓସାରିଆ ଜଙ୍ଗଲ ବୁଦା ପଥୁରିଆ ବାଟରେ ଯିବାକୁ ପଡେ । ସତେ ଯେପରି ଗୋଟିଏ ପଥର ଗୁମ୍ଫା ଭିତରକୁ ଗଲାଭଳି ଲାଗିବ । ଯେପରି ଗୋଟିଏ ପଥର ଗୁମ୍ଫା ଭିତରକୁ ଗଲାଭଳି ଲାଗିବ । ପୁଣି ଫେରିବାର ଅନ୍ୟ ରାସ୍ତାନାହିଁ । ଯହାକୁ ଲାଗେ ଗୋଟିଏ ଖୋଲ ଭିତରେ ପସିଲାପରି । ଏଠାରେ ପୂର୍ବ ପୁରୁଷମାନଙ୍କ ଲୋକକଥା ଆଧାର କରି ବୁଦାଉହାଡ଼ ଗୁଡ଼ିକ ଟାଣି ଖୋଲ ଭିତରକୁ ଗଲା ପରି ଲାଗୁଥିବାହେତୁ ଏହି ଗ୍ରାମର ନାମ ଗିସ୍ତିଖୋଲ ଯଥାର୍ଥତା ହୋଇଛି ।

ଉକ୍ତ ଗ୍ରାମରେ ଆଦିବାସୀ କନ୍ଧ ସଂପ୍ରଦାୟର ଲୋକ ବାସକରନ୍ତି । ଏହା ବ୍ୟତୀତ ହରିଜନ ଓ ଗୋପାଳ ପରିବାର ବାସ କରୁଛନ୍ତି । ଏଠାରେ ଲୋକମାନେ ଗାଉଁଲି ଓଡ଼ିଆ ଭାଷାରେ କଥାବାର୍ତ୍ତା କରନ୍ତି । କିଛି ବୟସ୍କ ଲୋକମାନେ କୁଇ ଭାଷାରେ କଥାବର୍ତ୍ତା କରନ୍ତି । ଏହି ଗ୍ରାମର ଗାଁ ମୁଣ୍ଡରେ ଗ୍ରାମ ଦେବତୀ ପୀଠ ଓ ମାଁ ପିତାବଳୀ ପୂଜା ପାଆନ୍ତି । ଏହିଠାରେ ପୂଜା ପାର୍ବଣରେ ଗ୍ରାମର ସମସ୍ତ ପରିବାର ଶୁଦ୍ଧପୂତ ଭାବେ ମିଳିମିଶି ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ସେମାନେ ପୁରାତନ ସଂସ୍କୃତିକୁ ଆଧାର କରି ଏହି ପୀଠମାନଙ୍କରେ କୁକୁଡ଼ା ଛେଳି ପୂଜା ଦେଇଥାନ୍ତି । ଏହିଦିନ ଗ୍ରାମର ଦେହେରୀ ଘରୁ ମାତାଲ ଅବସ୍ଥାରେ ନାଚଗୀତ କରି ଢ଼ୋଲ ବାଦ୍ୟ ଘଣ୍ଟି ସହ ପୂଜାପୀଠକୁ ଯାଇଥାନ୍ତି । ଗାଁରୁ ରୋଗ, ଦୁଃଖ ଦୂର ହେଉବୋଲି ଓ ଗ୍ରାମର ମଙ୍ଗଳ କାମନା କରି ବଳୀପୂଜା ଦେଇଥାନ୍ତି । ଏହାପରେ ଭୋଜିଭାତ, ମଉଜ ମଜଲିସରେ ଆସର ଜମିଥାଏ ।

ପୁରାତନ ସଂସ୍କୃତିକୁ ଆଜି ପର୍ଯ୍ୟନ୍ତ ଜୀବନ୍ତ କରି ରଖିପାରିଛନ୍ତି ଗ୍ରାମବାସୀ ।

ଝୁଲିମା ପ୍ରଧାନ, ଦଶମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତ୍ରୁଡୁଲି, କନ୍ଧମାଳ



# ପିଶୁ ପଦର

ପିଶୁପଦର ଗ୍ରାମଟି କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଫୁଲବାଣୀ ବ୍ଲକ୍‌ରେ ମିଣିଆ ଗ୍ରାମପଞ୍ଚାୟତ ମଧରେ ଅବସ୍ଥିତ। ଫୁଲବାଣୀ ସଦର ମହକୁମାଠାରୁ ୨୦କି.ମି. ଦୂରରେ, ସାଲୁଙ୍କି ନଦୀ କୂଳରେ କେଉଁ ଅନାଦି କାଳରୁ ଏହି ଗ୍ରାମଟି ଗଢ଼ିଉଠିଛି। ଉକ୍ତ ଗ୍ରାମର ଗୋଟିଏ ପାର୍ଶ୍ୱରେ ସାଲୁଙ୍କି ନଦୀ ଏବଂ ଅନ୍ୟ ତିନି ପାର୍ଶ୍ୱରେ ସବୁଜ ବନାନୀ ଘେରା।

ଗ୍ରାମର ନାମକରଣ- ପିଶୁପଦର ଗ୍ରାମର ନାମକରଣର ଯଥାର୍ଥତା ରହିଛି। ଏଠାକାର ଅଧିବାସୀଙ୍କଠାରୁ ଶୁଣିବାକୁ ମିଳେ "ପିଶୁ" ନାମକ ଏକପ୍ରକାର ଚଢ଼େଇରୁ ଏହି ଗ୍ରାମ ନାମିତ ହୋଇଥିବାର ଅଧିବାସୀଙ୍କ ଠାରୁ ଶୁଣିବାକୁ ମିଳେ। 'ପଦର'ର ଅର୍ଥ ପଡ଼ିଆ। ଏହି ପଡ଼ିଆରେ ଲଙ୍କାଭାଲିଆ ଗଛ ବହତ ଗୁଡ଼ିଏ ରହିଥିଲା। ଏହି ଗଛମାନଙ୍କରେ ପିଶୁ ଚଢ଼େଇ



ରିମିତା ପ୍ରଧାନ, ନବମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

ରହୁଥିଲେ । ଏଣୁ ଏହି ଗ୍ରାମକୁ ପିଣ୍ଡୁପଦର ବୋଲି ନାମକରଣ କରାଯାଇଛି ।

ଭାଷା- ଏହି ଗ୍ରାମର ଅଧିକାଂଶ ଅଧିବାସୀ ଓଡ଼ିଆ ଭାଷା କହନ୍ତି । କୁଇ ଭାଷାର ବ୍ୟବହାର ମଧ କେତେକ ବୟୋଜ୍ୟେଷ୍ଠ ଲୋକମାନଙ୍କ ଠାରେ ଦେଖିବାକୁମିଳେ । ବର୍ତ୍ତମାନ ପିଢ଼ୀର ଲୋକେ କେବଳ ଓଡ଼ିଆ କହନ୍ତି । ଏଣୁ କୁଇଭାଷା ଧିରେ ଧିରେ ଲୋପ ପାଇବାରେ ଲାଗିଛିବୋଲି ଜଣାଯାଉଛି । କୁଇଭାଷାକୁ ଆଞ୍ଚଳିକ ଭାଷାର ସ୍ବୀକୃତ୍ ଦେଲେ ଏହା ପ୍ରସାର ହୋଇପାରନ୍ତା ଏଠାରେ ପ୍ରାୟ ୬୦% ସାକ୍ଷର ବ୍ୟକ୍ତି ରହିଛନ୍ତି ।

ବୃତ୍ତି-ଏଠାକାର ଅଧିକାଂଶ ଅଧିବାସୀ ଚାଷଉପରେ ନିର୍ଭର କରିଥାଆନ୍ତି । ଏଠାରେ ଲୋକମାନେ ଧାନ, ହଳଦୀ, ଅଦା, ମକା,କାନ୍ଦୁଲ, ବିଭିନ୍ନ ପନିପରିବା ଚାଷ କରନ୍ତି । କେତେକ ଲୋକ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବିକ୍ରିକରି ଥାଆନ୍ତି । ଯଥା-ମହୁଲ, ଶାଳଫୁଲ, ଝୁଣା, ଲାଖ, ମହୁ, ଛତୁ, କେନ୍ଦୁପତ୍ର ଇତ୍ୟାଦି ଏବଂ ବିଭିନ୍ନ ଫଳମୂଳ ମଧ ସଂଗ୍ରହ କରନ୍ତି ।

ସଂସ୍କୃତି ପର୍ବପର୍ବାଣି- କନ୍ଧମାଳ ଜିଲ୍ଲାରେ ରହିଥିବା ସାଂସ୍କୃତିକ ପରମ୍ପରା ଏଠାରେ ପ୍ରତିଫଳିତ ହୋଇଥାଏ । ଏଠାକାର ଅଧିବାସୀମାନେ ନୂଆଖାଇପର୍ବ, ଦୁର୍ଗାପୂଜା, କାର୍ତ୍ତୀକବ୍ରତ, ଲକ୍ଷ୍ମୀପୂଜା, ଦୋଳପୂର୍ଣ୍ଣିମା, ଦୀପାବଳୀ ଇତ୍ୟାଦି ପର୍ବପର୍ବାଣୀପାଳନ କରିଥାଆନ୍ତି । ଏମାନଙ୍କର ସଂସ୍କୃତି ବହୁତ ପୁରୁଣା । ଏଠାକାର ଅଧିବାସୀମାନେ ବୃକ୍ଷପୂଜା ଓ ମାଟିପୂଜା ଅର୍ଥାତ୍ ପ୍ରକୃତି ପୂଜା କରିବାର ନଜର ରହିଛି ।

# ବାଦଗଡ

ବାଦଗଡ କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକ୍‌ରେ ଅବସ୍ଥିତ । ଏହି ଗ୍ରାମଟି ଦୁର୍ଗମ ଅଞ୍ଚଳରେ ଅବସ୍ଥିତ କାରଣ ଅଦ୍ୟାବଧି ସେହି ସ୍ଥାନକୁ କୌଣସି ବସ ଯୋଗାଯୋଗର ସୁବିଧାନାହିଁ । ବର୍ତ୍ତାମାନ ପର୍ଯ୍ୟନ୍ତ ଲୋକମାନେ ଦୀର୍ଘ ୧୫କି.ମି. ବାଟ ଚାଲିକି ଯାଆନ୍ତି ଏବଂ ସେହିଠାରୁ ବସରେ ନିଜର ବ୍ଲକ୍ କିମ୍ବା ତହସିଲ୍ ଯାଇଥାନ୍ତି । ତେଣୁ ସମୁଦାୟ ୫୦କି.ମି ଦୂରତା ଅତିକ୍ରମ କଲାପରେ ବ୍ଲକ୍ ପହଞ୍ଚିଥାନ୍ତି ।

ଗ୍ରାମର ଅଧିକାଂଶ ଲୋକ ଆଦିବାସୀ ସମ୍ପ୍ରଦାୟ ଲୋକ । ପୂର୍ବେ ଗ୍ରାମଟି ରଣବା ରାଜାଙ୍କ ଦ୍ବାରା ଶାସିତ ହେଉଥିଲା । ଯେଉଁଠାରେ ବର୍ତ୍ତମାନ ପଞ୍ଚାୟତ କାର୍ଯ୍ୟାଳୟ ଅଛି । ଲୋକଙ୍କ କହିବା ଅନୁଯାୟୀ ରାଜବାଟୀଠାରୁ ୪କି.ମି ଦୂରରେ ଥିବା ଏକ ଗ୍ରାମରେ ୧୦ରୁ୧୨ ପରିବାର ରହୁଥିଲେ । ଉକ୍ତ ଗ୍ରାମର ଲୋକ ଭାରୀ ଜିଦ୍‌ଖୋର ଥିଲେ ଏବଂ ନିଜ ନିଜ ମଧରେ ଅଧିକାଂଶ ସମୟ ବିଭିନ୍ନ ବାଦବିବାଦ ମଧରେ ରହୁଥିଲେ । ତେଣୁ ଅଧିକାଂଶ ସମୟ ରାଜାଙ୍କ ପାଖକୁ ବାଦବିବାଦ କଥା ନେଇ ଗ୍ରାମରୁ ଅଭିଯୋଗ ଆସୁଥିଲା । ତେଣୁ ରାଜା ସେହି ଛୋଟ ଗାଁଟିକୁ ବାଦଗଡ଼ ବୋଲି କହିଥିଲେ ଏବଂ ସେହି ଦିନଠାରୁ ଗ୍ରାମଟି ବାଦଗଡ଼ ନାମରେ ନାମିତ ହୋଇ ଆସୁଅଛି ।

ବର୍ତ୍ତମାନ ଲୋକସଂଖ୍ୟା ବୃଦ୍ଧିହେତୁ ଗ୍ରାମଟି ବଡ଼ରୂପ ଧାରଣ କରିଚି । ଗ୍ରାମ ନିକଟବର୍ତ୍ତୀ ଏକ ବିରାଟ ପାହାଡ଼ ଅଛି । ଯେଉଁଠାରେ ଏକ ଦେବୀ ଅବସ୍ଥାନ କରନ୍ତି ଏବଂ ସେହି ଦେବୀଙ୍କନାମ କଢ଼େଶ୍ଵରୀ । ଦେବୀଙ୍କ ନାମଅନୁସାରେ ସେହି ପାହାଡ଼କୁ କଡେଶ୍ଵରୀ ପାହାଡ଼ କୁହାଯାଏ । ଏହି ଦେବୀ ଗ୍ରାମର ଇଷ୍ଟଦେବୀ ଅଟନ୍ତି । ଦେବୀଙ୍କ ପାଇଁ ଏକ ଛୋଟ ମନ୍ଦିରଟିଏ କରାଯାଇଛି । ପ୍ରତିବର୍ଷ ମାଘ ପୂର୍ଣ୍ଣିମାରେ ମା କଡେଶ୍ଵରୀଙ୍କ ପୂଜା କରାଯାଇ ଏକଯାତ୍ରା ଅନୁଷ୍ଠିତ ହୋଇଥାଏ ଏବଂ ସେହି ଆଖପାଖ ଅଞ୍ଚଳର ବହୁଲୋକ ଏହି କଡେଶ୍ଵରୀ ଗ୍ରାମରେ ରହିବା ସହିତ ବହୁ ଆନନ୍ଦରେ ଯାତ୍ରାକୁ ଉପଭୋଗ କରିଥାନ୍ତି ।



ଅଞ୍ଜଳି ମଲ୍ଲିକ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁହୁଡ଼ୁଲି, କନ୍ଧମାଳ

# ବାଘଡଙ୍ଗେରୀ

ବାଘଡଙ୍ଗେରୀ ଆଶ୍ରମ, ବାଘଡଙ୍ଗେରୀ ଗ୍ରାମରେ ଅବସ୍ଥିତ। ଗ୍ରାମଟି କେତୋଟି ସାହିରେ ବିଭକ୍ତ ହୋଇଛି। ଡଙ୍ଗେରୀ ଅର୍ଥ ପର୍ବତ/ପାହାଡ଼। ଅତୀତରେ ଉକ୍ତ ଅଞ୍ଚଳର ପାହାଡ଼ରେ ବହୁତ ବାଘବାସ କରୁଥିବାରୁ ଏହାର ନାମ ବାଘଡଙ୍ଗେରୀ କରାଯାଇଥିବାର ଅନୁମାନ କରାଯାଏ। ଗ୍ରାମର ଜଙ୍ଗଲରୁ ଗୋଟିଏ ବାଘଛୁଆକୁ ଚିଡ଼ିଆଖାନାକୁ ପଠାଯାଇଥିବାର ସୂଚନାମିଳେ। ଏଠାରେ ପ୍ରାୟ ୧୬୦ଟି ପରିବାର ବାସ କରନ୍ତି ସେଥିମଧ୍ୟରୁ ଅଧିକାଂଶ ସଉରା ଜାତିର, ଆଉ ଅଳ୍ପ କିଛି ପରିବାର ଅନୁସୂଚିତ ଜାତି ବର୍ଗର ତଥା, ଘାସି, କୁମ୍ଭାର, ଗଉଡ଼, କେଉଟ ସଂପ୍ରଦାୟର ଲୋକମାନେ ବାସକରନ୍ତି। ଉକ୍ତ ଗ୍ରାମରେ କନ୍ଧ ସଂପ୍ରଦାୟର ଲୋକ ନଥିଲେ ମଧ୍ୟ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକରେ କନ୍ଧ ସଂପ୍ରଦାୟ ଲୋକ ବାସ କରନ୍ତି। ସଉରା ଲୋକମାନେ ସଉରା ଭାଷା କହିନଥାନ୍ତି। ସମସ୍ତ ସଂପ୍ରଦାୟ ବୌଦ୍ଧ, କନ୍ଧମାଳ ଅଞ୍ଚଳର ଭାଷା କହିଥାନ୍ତି। ସେମାନଙ୍କର ବିବାହ ସଂପର୍କ ଆଦି କନ୍ଧମାଳ ଅଞ୍ଚଳରୁ ହୋଇଥାଏ। ଚାଲିଚଳନ, ଲୁଗାପଟା ସବୁରେ ସ୍ଥାନୀୟ ଓଡ଼ିଆ ଲୋକଙ୍କ ପ୍ରଭାବ ପରିଲକ୍ଷିତ ହୋଇଥାଏ। ସ୍ଥାନୀୟ ହିନ୍ଦୁ ପରମ୍ପରାରେ ପ୍ରଚଳିତ ପର୍ବପର୍ବାଣି ଆଦି ପର୍ବପାଳନ କରନ୍ତି। ଧର୍ମ, କର୍ମ ପୂଜା ବ୍ରତ ଆଦି ଉକ୍ତ ଗ୍ରାମରେ କମ୍ ଦେଖିବାକୁ ମିଳେ। ସେମାନେ ସ୍ଥାନୀୟ ଦେବତାଙ୍କୁ ପୂଜା କରିଥାଆନ୍ତି। ଏଠାକାର ମୁଖ୍ୟ ଫସଲ ଧାନଚାଷ।



ପ୍ରିୟଙ୍କା ପ୍ରଧାନ, ଦଶମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁହୁଳି, କନ୍ଧମାଳ

# କୁର୍ତ୍ତମଗଡ଼

ବର୍ତ୍ତମାନର "କୁର୍ତ୍ତମଗଡ଼"ର ପୁରାତନ ନାମ "କୀର୍ତ୍ତୀଗାଡ଼ା"। "କୀର୍ତ୍ତୀଗଡ଼ା" ବୋଲି ନାମିତ ହେବା ପଛରେ ଏକ କାହାଣୀ ରହିଛି। ଏହି ଅଞ୍ଚଳରେ ପ୍ରଥମେ "କୀର୍ତ୍ତୀ" ନାମକ ଏକ ଆଦିବାସୀ ଏଠାରେ ଏକ ଗୃହ ସ୍ଥାପନ ହେଲା। ଏହି ସ୍ଥାନର ନାମ "କୀର୍ତ୍ତୀ"ଙ୍କ ନାମାନୁସାରେ "କୀର୍ତ୍ତୀଗାଡ଼ା" ବୋଲି ନାମିତ ହେଲା। କାଳକ୍ରମେ ଏହି "କୀର୍ତ୍ତୀଗାଡ଼ା" ନାମଟି ଅପଭ୍ରଂଶ ହୋଇ ବର୍ତ୍ତମାନର "କୁର୍ତ୍ତମଗଡ଼"।

ସାଧାରଣତଃ ଏହି "କୁର୍ତ୍ତମଗଡ଼" ଗ୍ରାମର ଅଧିବାସୀ ଆଦିବାସୀ (କନ୍ଧ) ଏବଂ କଥିତ ଭାଷା ହେଉଛି "କୁଇ"। ଏହି ଗ୍ରାମରେ ଦୁଇଟି ବଡ଼ପର୍ବ ପାଳନ କରାଯାଏ। ପ୍ରଥମଟି ହେଉଛି "କାନ୍ଦୁଲଭଜା"ଯାହା ଇଂରାଜୀ ମାସ ଜାନୁୟାରୀ ରେ ପାଳନ କରାଯାଏ ଏବଂ ଦ୍ୱିତୀୟଟି "ଧରଣୀ ଦେବତା ପୂଜା" ଯାହା "ପୋଡ଼ଯାତ୍ରା" ନାମରେ ପ୍ରସିଦ୍ଧ। ଏହି ପର୍ବଟି ଇଂରାଜୀ ମାସ "ଏପ୍ରିଲ"ରେ ପାଳନ କରାଯାଏ। ଏହା ସହିତ ଏହି ଗ୍ରାମରେ ଆଉ ଏକ ସଂସ୍କୃତି ରହିଛି। ଝିଅ ଘରକୁ ଆସିଲାବେଳେ ସେମାନେ ସାଙ୍ଗରେ ଗାଇ, ବଳଦ, ପୋଡ଼ ଏବଂ କାନ୍ଧରେ "ମଦକୁଣା"ବୋହି ଆସନ୍ତି। ଆସିଲା ସମୟରେ ଜଙ୍ଗଲ, ପରିବେଶ ଓ ସାଙ୍ଗରେ ଆଣିଥିବା ଜିନିଷକୁ ଆଧାର କରି ବିଭିନ୍ନ ପ୍ରକାରର ଗୀତକୁ ଗାଇ ନାଚିନାଚି ଝିଅ ଘରକୁ ଯାଆନ୍ତି। ଏହି ନାଚ ଗୀତରେ "ଖଞ୍ଜଣି" ନାମକ ଏକ ଆଞ୍ଚଳିକ ବାଦ୍ୟ ଯନ୍ତ୍ର ସହିତ ନୁପୁରର ରୁଣୁଝୁଣୁ ଶବ୍ଦ, କଙ୍କଣର କିଣି କିଣି ଶବ୍ଦ ସଂଭାରରେ ଗଗନ ପବନ ଓ ବନ, ଉପବନ ସଂଚରିତ ହୁଏ। ସେତେବେଳେ ମନେହୁଏ ସତେ ଯେମିତି ସ୍ୱର୍ଗର ଅପ୍‌ସରା ମାନେ କାନ୍ଧକୁ କାନ୍ଧ ମିଶାଇ, ହାତକୁ ହାତ ମିଶାଇ ଇନ୍ଦ୍ରପୁରରୁ ମର୍ତ୍ତ୍ୟମଣ୍ଡଳକୁ ପ୍ରବେଶ କରୁଛନ୍ତି।



ବିନିତା ମଲିକ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

# ପର୍ତ୍ତମାହା

ସୁନ୍ଦର ସବୁଜ ପାହାଡ଼ ନଦୀ ନାଳ ଘେରା ଗାଁ ପର୍ତ୍ତମାହା । ଓଡ଼ିଶାର ୩୦ଗୋଟି ଜିଲ୍ଲା ମଧ୍ୟରୁ କନ୍ଧମାଳ ଜିଲ୍ଲାର ୧୨ଗୋଟି ବ୍ଲକ୍ ମଧ୍ୟରୁ ଓଡ଼ିଶାର କାଶ୍ମୀର୍ ଭାବରେ ପରିଚିତ ଦାରିଙ୍ଗବାଡ଼ି ବ୍ଲକ୍‌ଠାରୁ ୧୦କି.ମି. ଦୂରରେ ଏହା ଅବସ୍ଥିତ ।

ଏହି ଗ୍ରାମଟି ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଅଟେ । ଏଠାକାର ଅଧିବାସୀ ଶତକଡ଼ା ୭୦ଭାଗ ଲୋକ ଆଦିବାସୀ ସମ୍ପ୍ରଦାୟର ବାକି ୩୦ଭାଗ ଅନୁସୂଚିତ ଜାତି ଓ ଅନ୍ୟାନ୍ୟ ସମ୍ପ୍ରଦାୟର । ଆଦିବାସୀ ଓ ଅନୁସୂଚିତ ଜାତିର ଲୋକ ସାଧାରଣତଃ କୁଇ ଭାଷାରେ କଥାବାର୍ତ୍ତା କରନ୍ତି । ଆଦିବାସୀ ସମ୍ପ୍ରଦାୟର ଲୋକ ପ୍ରାୟତଃ କୃଷି ଉପରେ ନିର୍ବାହ କରନ୍ତି । ଅନୁସୂଚିତ ଜାତି ସମ୍ପ୍ରଦାୟର ଲୋକ ଶ୍ରମିକ ଶ୍ରେଣୀର ଅଟନ୍ତି । ଏଠାରେ ଅନ୍ୟାନ୍ୟ ଜାତି ବାସକରୁଥିବା ଲୋକ ବ୍ୟବସାୟ କରିଥାନ୍ତି । ଏହି ଅଞ୍ଚଳରେ ପ୍ରଚୁର ପରିମାଣରେ ହଳଦୀ, ଅଦା, କାନ୍ଦୁଲ, ରାଶି, ସୋରିଷ, ଚିନାବାଦାମ୍ ଆଦି ଅର୍ଥକାରୀ ଫସଲ ଚାଷ କରାଯାଏ । ଜଙ୍ଗଲରୁ ମହୁ, ଝୁଣା, ସିଆଳି ପତ୍ରରୁ ଖଲି ସଂଗ୍ରହ କରିଥାନ୍ତି ।



ରଶ୍ମିତା ପ୍ରଧାନ, ନବମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

ଏହି ଅଞ୍ଚଳର ସମସ୍ତ ଆଦିବାସୀ ସମ୍ପ୍ରଦାୟର ଲୋକ ଖ୍ରିଷ୍ଟ ଧର୍ମାବଲମ୍ବି ଅଧିକାଂଶ ଖ୍ରୀଷ୍ଟିୟାନ୍ ଏବଂ ଅନ୍ୟାନ୍ୟ ଜାତିର ଲୋକ ହିନ୍ଦୁ ଧର୍ମାବଲମ୍ବି ଅଟନ୍ତି। ସଂଖ୍ୟା ବହୁଳ ଖ୍ରୀଷ୍ଟିୟ ଧର୍ମାବଲମ୍ବି ହେତୁ ଏଠାରେ ବଡ଼ଦିନ ନୁଆବର୍ଷ, ଗୁଡ୍‌ଫ୍ରାଇଡେ ଆଦି ପର୍ବ ଖୁବ୍ ଆଡ଼ମ୍ବର ସହକାରେ ପାଳନ କରନ୍ତି। ଏଠାକାର ହିନ୍ଦୁ ଧର୍ମାବଲମ୍ବି ରଥଯାତ୍ରା, ଦଶହରା, ହୋଲି, ଗଣେଷ ପୁଜା ଆଦି ପର୍ବ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଳନ କରିଥାନ୍ତି। ଏହି ଅଞ୍ଚଳରେ ମାଁ ମେରିଙ୍କର ଏକ ଯାତ୍ରା ପ୍ରତିବର୍ଷ ମାର୍ଚ୍ଚ ମାସ ୪,୫,୬ ରିଖ ତିନିଦିନ ଧରି ଖୁବ୍ ଆଡ଼ମ୍ବର ସହକାରେ ପାଳନ କରାଯାଏ। କୁହାଯାଏ ଏହି ଦିନ ଯେଉଁମାନେ ଶ୍ରଦ୍ଧା, ଭକ୍ତି, ନିଷ୍ଠା ସହ ମାଁଙ୍କୁ ପ୍ରାର୍ଥନା କରନ୍ତି ଭକ୍ତ ମାନଙ୍କର ମନସ୍କାମନା ପୂର୍ଣ୍ଣହୋଇଥାଏ। ଏହି ପର୍ବରେ ହଜାର ହଜାର ଲୋକ ସମଗ୍ର ଓଡ଼ିଶାର କୋଣ ଅନୁକୋଣରୁ ଆସିଥାନ୍ତି। ତାହା ସହିତ ଏହି ଅଞ୍ଚଳରେ ହିନ୍ଦୁ ସମ୍ପ୍ରଦାୟର ଲୋକ ମାଁ ଠାକୁରଣୀର ଏକ ଯାତ୍ରା ପାଳନ କରିଥାନ୍ତି। ଏହି ଯାତ୍ରାରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଯୋଗ ଦେଇଥାନ୍ତି।

# ରେଢ଼ସିଂ

ରେଢ଼ା ଗ୍ରାମର ଏଠାକାର ସମସ୍ତଲୋକ ଆଦିବାସୀ (କନ୍ଧ) ସଂପ୍ରଦାୟର। ଉକ୍ତ ଗ୍ରାମର ବୈଶିଷ୍ଟ୍ୟତା କହିଲେ, ପୂର୍ବ ପୁରୁଷରୁ ଏହି ଗ୍ରାମ ଏଠାରେ ନଥିଲା। ଆଜକୁ ପ୍ରାୟ ବହୁ ବର୍ଷତଳେ ପୂର୍ବ ପୁରୁଷ "କେନ୍ଦୁଗୁଡ୍ରୀ" ନାମକ ଗ୍ରାମରେ ବସବାସ କରୁଥିଲେ। ଏହି ଆଦିବାସୀ ଗ୍ରାମର ମୁଖିଆକୁ "ମୁଣ୍ଡିକିଆ ମୁଠା" କୁହାଯାଉଥିଲା। ଏକଦା ମୁଠାର ସ୍ତ୍ରୀ ରଘାର ଘୁଙ୍ଗୁର ପାଞ୍ଜୁରୀ ପିନ୍ଧି ଚଲାବୁଲା କରିବା ସମୟରେ ଏଠାକାର ଖଲିଆ ମାଟି ତାଙ୍କ ପାଦରେ ଲାଗି ଘୁଙ୍ଗୁର ଶବ୍ଦ ଆସିନଥିଲା। ସ୍ତ୍ରୀଟି ମୁଠିଆଙ୍କୁ କହି ଏଠାକାର ମାଟି ଭଲନୁହେଁ ଏଣୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପରାମର୍ଶ ଆବେଦନ କରିଥିଲେ ଉକ୍ତ ମୁଠିଆ ରେଢ଼ାନାମକପୋଢ଼ ପିଠିରେ ବସି ବର୍ତ୍ତମାନ ଥିବା ଗ୍ରାମର ଦକ୍ଷିଣ ଦିଗରେ ଥିବା ରାଇଗଟା ବିସ୍ତିର୍ଣ୍ଣ ପଡ଼ିଆକୁ ସମସ୍ତ ଆଦିବାସୀ ଚାଲିଆସିଲେ। ସେଠାରେ "କେଟୁ"ନାମକ ପୁଜା କରାଯାଇ ଉକ୍ତ ପୋଢ଼କୁ ବଳି ପ୍ରଦାନ କରାଯାଇଥିଲା। ଆସିଥିବା ସମସ୍ତ ଆଦିବାସୀ ଭିନ୍ନ ଭିନ୍ନ ଦଳରେ ବିଭକ୍ତ ହୋଇ ଅନ୍ୟତ୍ର ଯାଇ ଗ୍ରାମ ନିର୍ମାଣ କରିବାକୁ ସ୍ଥିର କରି ମୁଠା ମୁଖିଆଙ୍କୁ ନିବେଦନ କରିଥିଲେ। ତାଙ୍କ ନିଷ୍ପତ୍ତି ଅନୁସାରେ ବଳି ଦିଆଯାଇଥିବା ପୋଢ଼କୁ ୫/୬ ଭାଗରେ ବାଣ୍ଟିଦିଆଗଲା। ସେହିଭାଗ ମଧ୍ୟରୁ ରେଢାପୋଢ଼ର ମୁଣ୍ଡଟି ରେଢ଼ାସିଂ ଗ୍ରାମ ଭାଗରେ ପଡ଼ିଥିଲା। ସେହି ଦିନଠାରୁ ମୁଠା ମୁଖିଆଙ୍କ ନିଷ୍ପତ୍ତି ଅନୁସାରେ "ରେଢ଼ସିଙ୍ଗ" ନାମରେ ଗ୍ରାମ ନିର୍ମାଣ କରାଯାଇଥିଲା। କାଳକ୍ରମେ ଉକ୍ତ ଗ୍ରାମଟି ଅପଭ୍ରଂଶ ହୋଇ "ରେଢ଼ସିଂ" ନାମରେ ଅଦ୍ୟାବିଧି ପରିଚିତ ହୋଇଆସୁଅଛି। ଉକ୍ତ ଗ୍ରାମର ପୂର୍ବପଟେ "କୁନାଅଠା ସରୁ" ପଶ୍ଚିମ ଓ ଦକ୍ଷୀଣ ପଟେ "କୁମ୍ଭକୁରୀ ସରୁ" ଓ ଉତ୍ତର ପଟେ "ଗୁପ୍ତଗଙ୍ଗା" ଅବସ୍ଥାନ କରି ଗ୍ରାମର ଶୋଭାବର୍ଦ୍ଧନ କରୁଅଛି।

କିମ୍ବଦନ୍ତୀ ଅନୁସାରେ ଏକଦା ପଞ୍ଚୁପାଣ୍ଡବଙ୍କ ବନବାସ ସମୟରେ ଏହି ଗ୍ରାମ ସନ୍ନିକଟ। ଘଞ୍ଚବନାନୀର ସୌନ୍ଦର୍ଯ୍ୟ ଦେଖି ମାତା କୁନ୍ତୀ କିଛି ସମୟ ବିଶ୍ରାମ ନେବାକୁ ଚାହିଁଥିଲେ। ସେହି ସମୟରେ ମାତା କୁନ୍ତୀଙ୍କୁ ପ୍ରବଳ ଶୋଷ ହେବାରୁ ଅର୍ଜୁନଙ୍କ ବାଣରୁ ମାତା ଗଙ୍ଗାଙ୍କୁ ଏହି ସ୍ଥାନରେ ଆବାହନ କରି ଜଳ ପ୍ରଦାନ କରିବାକୁ ନିବେଦନ କରିଥିଲେ। ସେହି ଦିନଠାରୁ ଏହି ସ୍ଥାନରେ ଉତ୍ପତ୍ତି ହୋଇଥିବା "ଗୁପ୍ତଗଙ୍ଗା" ନାମରେ ଅଦ୍ୟାବଧି ପରିଚିତ ହୋଇ ରହିଅଛି। ଏହାର ଭୂମୀତଳେ ଗର୍ତ୍ତ ରହିଥିବାରୁ ଏଠାରେ ପୂଜାପାଠ କରାଯାଥିବା ଫୁଲ, ଫଳ, ଚାଉଳ ଆଦି ମଣିଉହା ନଦୀରେ ଦୃଶ୍ୟମାନ ହୋଇଥାଏ। ଏହି ଦୃଶ୍ୟ ଦେଖି ମଣିଉହାରେ ମା ଗଙ୍ଗାଦେବୀଙ୍କ ପୂଜା ଆରଧନା କରାଯାଇଥାଏ। ବର୍ତ୍ତମାନ ଏହି ସ୍ଥାନ "କୃତ୍ତଗଙ୍ଗ"ନାମରେ ପରିଚିତ।

ପର୍ବପର୍ବାଣୀ-ଏହି ଗ୍ରାମର ମୂଖ୍ୟପୂଜା "ପିତାବଳୀପୂଜା" ଏହା ବୈଶାଖ ମାସରେ ପାଳନ କରାଯାଏ। "ଧରଣୀପୂଜା" ବର୍ଷକୁ ୪/୫ ଥର ପାଳନକରାଯାଏ। ଏଠାକାର ଆଦିବାସୀ ପ୍ରଥମ ଫଳ, ଫୁଲ, ପତ୍ର, ଖାଦ୍ୟ ଦ୍ରବ୍ୟ ଆଦି ଅର୍ପଣ କରିସାରିବାପରେ ହିଁ ସେମାନେ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି। ଏହା ନିଷ୍ଠାର ସହ ପାଳନ କରାଯାଏ। ଏହା ଛଡ଼ା ମାଟି ପୂଜା ମଧ୍ୟ କରାଯାଏ। ଏଠାକାର ଅଧିବାସୀ ଜାକଜମକରେ "କେନ୍ଦୁ" ପୂଜା ପାଳନ କରିଥାନ୍ତି।



ମିତା ମଲିକ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

# ଗାଡ଼ିଆପଡ଼ା

ଗାଡ଼ିଆପଡ଼ା ଖଜୁରୀପଡ଼ା ବ୍ଲକ୍ କନ୍ଧମାଳ ଜିଲ୍ଲାରେ ଅବସ୍ଥିତ । ଗାଡ଼ିଆପଡ଼ା ଗ୍ରାମର ତାତ୍ପର୍ଯ୍ୟ ଏହିକି ଏହି ଗ୍ରାମର ବଡ଼ ବଡ଼ ପାହାଡ଼ ଚାରିପଟେ ଘେରି ରହିଛି ଏବଂ ଏହି ସ୍ଥାନଟି ଗୋଟିଏ ଉପତ୍ୟକା ଗାଡ଼ିଆ ଜାଗାଟି ହୋଇଥିବାରୁ ଏହି ଗ୍ରାମକୁ ଗାଡ଼ିଆପଡ଼ା ବୋଲି ନାମିତ ହୋଇଛି କରାଯାଇଛି ।

ଗାଡ଼ିଆପଡ଼ା-ଏହି ଗ୍ରାମଟି ଗାଡ଼ିଆ ଏବଂ ଗାଡ଼ିଆକୁ ଲାଗି ଗହୀର ଜମି ଓ ପଥୁରିଆ ଜାଗା ଅଛି । ଗହୀର ଜମିରେ ଲୋକମାନେ ଧାନଚାଷ କରନ୍ତି ଏବଂ ପଥୁରିଆ ଜମିରେ ଆଣ୍ଠଧାନ ବୁଣନ୍ତି, କୋଳଥଚାଷ କରନ୍ତି । ମକାଚାଷ କରନ୍ତି, ମାଣ୍ଡିଆ ଚାଷ ମଧ କରନ୍ତି । କେହି କେହି ଝୁଡ଼ଙ୍ଗ, କାନ୍ଦୁଲ ଚାଷ ମଧ କରନ୍ତି । ହଳଦୀ ଚାଷ ମଧ କରନ୍ତି । ଏଠିକାର ଲୋକମାନେ ପ୍ରାୟ ତିନିଜାତିର । ସେମାନେ ହେଲେ, କନ୍ଧ, ଗୌଡ଼ ଓ ପାଣ (ଅନୁସୂଚତି ଜାତି) । ସେମାନଙ୍କ ଜୀବିକା ହେଉଛି ଚାଷ କାମ ଓ କୂଲି ମଜୁରୀ । ଏଠିକାର ଲୋକମାନେ (ପୁରୁଷ) ରସ, ମଦ ବେଶୀ ପିଅନ୍ତି । ସ୍ତ୍ରୀ ଲୋକମାନେ କାମଧନ୍ଦା କରି ଘରର ଗୁଜୁରାଣ ମେଣ୍ଟନ କରନ୍ତି । ସେମାନେ ବିଭିନ୍ନ ପ୍ରକାର ପର୍ବ ପାଳନ କରିଥାନ୍ତି । ଯଥା-ଗହ୍ମା ପୂର୍ଣ୍ଣିମା, ରାହାସ ପୂର୍ଣ୍ଣିମା, ଗୁହାଳ ପୂଜା, ପର୍ବତ ପୂଜା, ମାଟିପୂଜା ଇତ୍ୟାଦି । ଏଠାକାର ଲୋକମାନଙ୍କ ମୁଖ୍ୟ ପର୍ବ ହେଉଛି ଡ଼ାଲଖାଇ ଏହି ପର୍ବକୁ ସେମାନେ ବହୁତ



ମାଣିକେଶ୍ୱରୀ ପ୍ରଧାନ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଡୁତୁଲି, କନ୍ଧମାଳ

ଆଡ଼ମ୍ବରରେ ପାଳନ କରିଥାନ୍ତି । ଏହି ପର୍ବର ଚାରିଦିନ ପୂର୍ବରୁ ଘରଦ୍ୱାର ଲୁଗାପଟା, କୁଲାରୁ ଛାଞ୍ଚୁଣି ସବୁ ସଫା କରନ୍ତି । ବଜାରରୁ ନୂଆ ଲୁଗା, ପିଲାମାନଙ୍କ ପାଇଁ ପୋଷାକ, ଦେହୁରୀ, ବାହାକ, ଜାନୀ ମାନଙ୍କ ମଧ ନୁଆ ଲୁଗା କିଣି ଆଣି ରଖିଥାନ୍ତି । ପୂଜା ସାମଗ୍ରୀ ମଧ ପୂଜାର ଦୁଇଦିନ ଆଗରୁ କିଣି ଆଣି ରଖିଥାନ୍ତି । ପୂଜାର ପୂର୍ବଦିନ ବାର କରାଯାଏ । ବାଜା ବାଦ୍ୟ ବଜାଇ ଦେହୁରୀ, ଝାଙ୍କର, ଜାନୀଙ୍କୁ ଘରୁ ଗାଁର ସମସ୍ତ ପୁରୁଷ ସ୍ତ୍ରୀ ତାଙ୍କ ଘରୁ ବନ୍ଦାଇ ବାଜା ବଜାଇ ସମସ୍ତେ ନାଚ କରି କରି ପୂଜାଶାଳକୁ ନିଅନ୍ତି । ସେଠାରେ ପୂଜା କରାଯାଏ । ପୂଜା ସରିବା ପରେ ପୁଣି ଆଉଥରେ ବାଜା ବଜାଇ ସାହି ସାହି ବୁଲନ୍ତି ସେ ଦିନ ସେମାନଙ୍କର ଖୁସି କହିଲେ ନ ସରେ । ଗାଡ଼ିଆପଡ଼ା ଗ୍ରାମର ଲୋକମାନଙ୍କର ଭାଷା ହେଉଛି ଓଡ଼ିଆ ଭାଷା । ସେମାନେ କୁଇ କୁହନ୍ତି ନାହିଁ ।

# ସିନ୍ଦ୍ରି ଗାଁ

ସିନ୍ଦ୍ରିଗାଁର ବୈଶିଷ୍ଟ୍ୟ- ଏହି ଗାଁଟି ଏକ ସୁନ୍ଦର ପରିବେଶ ମଧରେ ଗଢ଼ିଉଠିଅଛି ।ଏହାର ତିନିପାର୍ଶ୍ୱରେ ଖଡ୍ଗନଦୀ କୁଳୁ କୁଳୁ ହୋଇ ବହିଯାଉଅଛି । ବାଲିଗୁଡ଼ା ସଦର ମହକୁମାଠାରୁ ମାତ୍ର ୬କି.ମି ଦୂର ଏହି ଗ୍ରାମ ।

କଥିତ ଅଛି ବା ଲୋକଙ୍କ ମୁଖରୁ ଶୁଣିବାକୁ ମିଳିଥାଏ ଯେ, ଯେତେବେଳେ ରାଜା ଶାସନ ଚାଲିଥିଲା, ସେତେବେଳେ ସେ ଶାସନ ଦୃଷ୍ଟିରୁ ଜମିଦାର ବା ଗ୍ରାମର “ମୁଠାଦାର”ମାନଙ୍କ ଦ୍ୱାରା ଶାସନ କାର୍ଯ୍ୟ ତୁଲାଉଥିଲେ । ଅତଏବ ଏହି ଗ୍ରାମର



ବିନିତା ମଲିକ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

ମୁଖିଆ ମଧ ଜଣେ "ମୁଠାଦାର"ଦ୍ୱାରା ଖଜଣା ଆଦାୟ କରୁଥିଲେ ।

ସେତେବେଳେ ଏହି ଅଞ୍ଚଳର ପ୍ରାକୃତିକ ଶୋଭାରାଶି ମନଲୋଭା ଥିଲା । ଖଡ୍ଗନଦୀ କୁଳୁକୁଳୁ ଗୀତ, କୋଇଲିର ମିଠା କୁହୁତାନ କବି ତଥା ଭାବୁକି ମନରେ ଶୀହରଣ ଖେଳାଇ ଦେଉଥିଲା । ସେଥିପାଇଁ ଏହି ଗ୍ରାମଟିର ନାମ "ସୁନ୍ଦରୀ ଗାଁ"ରୁ ଅପଭ୍ରଂଶ ହୋଇ କାଳକ୍ରମେ "ସିନ୍ଦ୍ରି ଗାଁ" ହୋଇଅଛି ।

ସଂସ୍କୃତି ପରମ୍ପରା- ଏହି ସିନ୍ଦ୍ରି ଗାଁର ନିଷ୍କପଟ ଆଦିବାସୀ ତଥା ଅନୁସୂଚିତ ଜାତିର ଲୋକ ବସବାସ କରିଥାଆନ୍ତି । ସେମାନଙ୍କର ମୁଖ୍ୟ ଜିବୀକା କୃଷି, ପୋଡୁଚାଷ, ହଳଦି ଚାଷ ଇତ୍ୟାଦି । ନିରୀହ ଆଦିବାସୀମାନେ ପାଳନ କରିଥାନ୍ତି ବାର ମାସରେ ତେରପର୍ବ । ସେଥିମଧରୁ ପୋଡ଼ଯାତ୍ରା, କାନ୍ଦୁଲଯାତ୍ରା,ମାଙ୍କଡ଼ କେଡୁ, ନୁଆଖାଇ ଆଦିବାସୀ ଇତ୍ୟାଦି ମୁଖ୍ୟପର୍ବ । ପୋଡ଼ଯାତ୍ରାରେ ଆଦିବାସୀ ଉଭୟ ସ୍ତ୍ରୀ, ପୁରୁଷ, ଯୁବକ ଓ ଯୁବତୀ ଆବଳ ବୃଦ୍ଧ ବନୀତା ମହୁଲି ମଦପାନ କରି ଚାଙ୍ଗୁ ବାଦ୍ୟର ତାଳେ ତାଳେ ନାଚରେ ଝୁମି ଯାଆନ୍ତି । ଏଥିରେ ଆଖପାଖ ଗାଁରୁ ମଧ ଲୋକମାନେ ଆସି ନାଚ କରନ୍ତି । ଶେଷରେ ତାଙ୍କର ମାଟି ଦେବତାଙ୍କୁ ଖୁସିକରିବା ପାଇଁ ପଡ଼ିଥାଏ "ପୋଡ଼ବଳୀ" ।

ଏହାଛଡ଼ା କାନ୍ଦୁଲ, ଆମ୍ବ, ମହୁଲ, ଶିମ୍ବ ଇତ୍ୟାଦି ଖାଇବା ପୁର୍ବରୁ ସେମାନେ ତାକୁ ପ୍ରଥମେ ତାଙ୍କର ଠାକୁରଙ୍କ ନିକଟରେ ପୂଜା କରନ୍ତି ଏବଂ ପରେ ବ୍ୟବହାର କରିଥାଆନ୍ତି । କୌଣସି ରୋଗ ହେଲେ ତାଙ୍କର ଠାକୁରଙ୍କ ପାଖରେ ମାନସିକ କରିଥାନ୍ତି ।

ଉପସଂହାର- ଏହି ସୁନ୍ଦର ଗାଁଟିର ନାଁ ସିନ୍ଦ୍ରି ଗାଁ ହେବାର ପ୍ରକୃତ ଯଥାର୍ଥ ହୋଇଛି । ତେଣୁ ଧାଙ୍ଗଡ଼ା ଧାଙ୍ଗଡ଼ି ପାଟିରୁ ସ୍ୱତଃ ବାହାରିପଡେ । "ବାଦୁ ବାଦୁଲା, ସିନ୍ଦ୍ରି ଗାଁ ତାନିସାନା, ସିନ୍ଦ୍ରି ଗାଁ ତାନିସାନା ।"

## ଡାଙ୍ଗାଡଣ୍ଡ

ସବୁଜ ସୁନ୍ଦର ବନାନୀ ଘେରା, ପାହାଡ଼, ପର୍ବତ ଛୋଟ ଛୋଟ ନଦୀ ନାଳ ଘେରା ମଧଭାଗସ୍ଥିତ କନ୍ଧମାଳ ଜିଲ୍ଲା ସ୍ଥିତ ରାଇକିଆ ବ୍ଲକ୍ ଅନ୍ତର୍ଗତ ଏକ ଛୋଟିଆ ଗାଁ ନାମ ତାର ଡ଼ାଙ୍ଗାଡ଼ଣ୍ଡ ।

ଗ୍ରାମଟିରେ ଡାଙ୍ଗାଡଣ୍ଡ ଅର୍ଥାତ୍ ଡ଼ାଙ୍ଗା ଅର୍ଥ ବିସ୍ତିର୍ଣ୍ଣ ପଡ଼ିଆ ଏବଂ ଦନ୍ଡ ଅର୍ଥ ଦେବତା ଯିଏ ଗ୍ରାମବାସୀଙ୍କ ଦ୍ୱାରା ପୂଜା ପାଆନ୍ତି । ଯାହାଙ୍କୁ କୁହାଯାଏ ଗ୍ରାମ ଦେବୀ, ସେହି ଦେବୀଙ୍କୁ ସନ୍ତୁଷ୍ଟ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇନଥାଏ । ଏକ ନିର୍ଦ୍ଦିଷ୍ଟ ପରିବାର ତାଙ୍କୁ ପୂଜା ତଥା ସନ୍ତୁଷ୍ଟ କରିବା ନିମନ୍ତେ ଉତ୍ସର୍ଗୀକୃତ ହୋଇଥାନ୍ତି ।

ସର୍ବଧାରଣରେ ସେମାନେ ଅର୍ଥାତ୍ ଗ୍ରାମବାସୀ ପ୍ରାକୃତିକ ପୂଜା ପର୍ବ ପାଳନ କରିଥାନ୍ତି । ବର୍ତ୍ତମାନ ସେମାନେ କେତେକ ବ୍ରାହ୍ମଣ ପୂଜକ ମଧ ପୋଷ୍ୟ କରିଛନ୍ତି । ଅଧିକନ୍ତୁ ସେମାନଙ୍କର ମୂଳ ପର୍ବ ଧରଣୀ ପେନୁ, କେଡୁପୂଜା, ଗ୍ରାମ ଦେବୀ ପୂଜା ପ୍ରଧାନ ।

ନୂତନ ସନ୍ତାନର ଆଗମନରେ ସେମାନଙ୍କର ଅନେକ ନିୟମ ନୀତି ଥାଏ ତାକୁ ସେମାନେ କଡ଼ା କଡ଼ି ପାଳନ କରିଥାନ୍ତି ଯାହାକି ପରିବାର ତଥା ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସହ ସଂପର୍କୀତ ଥାଏ ।

ଗାଁର କୌଣସି ପରିବାର ସଦସ୍ୟଙ୍କ ମୃତ୍ୟୁ ସମୟର ପରମ୍ପରା ଅତି ଉନ୍ନତ । ମରଣ ଦିନ ଠାରୁ ଅର୍ଥାତ୍ ଶବଦାହ ଠାରୁ ସେମାନଙ୍କର ଶୁଦ୍ଧିକ୍ରିୟା ପର୍ଯ୍ୟନ୍ତ ସେମାନେ ନିଜର ଦୈନନ୍ଦିନ କାମକୁ ସ୍ଥଗିତ ରଖନ୍ତି ଏବଂ ମୃତ ପରିବାର ସଦସ୍ୟଙ୍କ ସହ ଶୋକ ପାଳନ କରନ୍ତି । ଏହା ପ୍ରାୟତଃ ତିନିଦିନ କିମ୍ବା ଦଶଦିନ ହୋଇଥାଏ ।

ଏଠିକା ଆଦିବାସୀମାନେ ଭାରିପରିଶ୍ରମୀ ଅଦା, କଦଳୀ, କାନ୍ଦୁଲ, ଧାନ ବିଭିନ୍ନ ପ୍ରକାରର ପରିବା ଚାଷ କରନ୍ତି । ଶାଳପତ୍ର, ଖଲିପତ୍ର ଅର୍ଥାତ୍ ଶିଆଳି ପତ୍ରରୁ ସେମାନେ ଖଲି, ଠୁଙ୍ଗା ଆଦି ତିଆରି କରି ବିକ୍ରୟ କରନ୍ତି ।

ଏହି ଗ୍ରାମରେ ଆଦିବାସୀ, ଅନୁସୂଚିତ ଜାତି ଏବଂ ଅନ୍ୟାନ୍ୟ ଜାତି ଯଥା-ବିନ୍ଧାଣୀ, ଭୋଇ, ମଦାରୀ ବାସକରନ୍ତି ଏବଂ ଏହି ସମସ୍ତ ଜାତିର ଲୋକ ମାନେ କୁଇ (କନ୍ଧ) ଭାଷାରେ କଥାବାର୍ତ୍ତା କରନ୍ତି ।



ସାନ୍ତନା ପ୍ରଧାନ, ସପ୍ତମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଦୁତୁଲି, କନ୍ଧମାଳ

# ନିଲୁଙ୍ଗିଆ

ନିଲୁଙ୍ଗିଆ ଗ୍ରାମ ଉଦୟଗିରି ବ୍ଲକ ଅନ୍ତର୍ଭୁକ୍ତ କନ୍ଧମାଳ ଜିଲ୍ଲାରେ ଅବସ୍ଥିତ । ନିଲୁଙ୍ଗିଆ ଗ୍ରାମରେ ଦୁଇ ପ୍ରକାର ଲୋକ ବାସ କରନ୍ତି । ଯଥା- ଆଦିବାସୀ ଓ ଅନୁସୂଚିତ ଜାତି । କନ୍ଧ ସଂପ୍ରଦାୟ ଆଦିବାସୀମାନେ ଏହିଠାରେ ବାସ କରନ୍ତି । ସେମାନଙ୍କ ଭାଷା "କୁଇ" ଅଟେ । ଚାଷ କରି ଜୀବିକା ନିର୍ବାହ କରନ୍ତି । ଆଦିବାସୀ ଓ ଅନୁସୂଚିତ ଜାତି ପରସ୍ପର ମିଶି ବିଭିନ୍ନ ପର୍ବପର୍ବାଣୀ ପାଳନ କରନ୍ତି । ଏହି ଆଦିବାସୀ ମାନଙ୍କ ବିଭିନ୍ନ ପର୍ବପର୍ବାଣୀ ଯଥା-ଦଶହରା, ଗ୍ରାମଦେବୀ ପୂଜା ଇତ୍ୟାଦି । ଏହି ସମସ୍ତ ପର୍ବପର୍ବାଣୀ ମଧ୍ୟରୁ ଗ୍ରାମଦେବୀ ପୂଜା ମୁଖ୍ୟ ଅଟେ । ଏହି ପୂଜା ସ୍ଥଳକୁ ଦାରନି କୁହାଯାଏ । ଏହି ଦାରନି ପେନୁ ପୂଜା ଏକ ନିର୍ଦ୍ଦିଷ୍ଟ ଲୋକ ପୂଜାକରେ । ସେହି ଲୋକ କାହାର ଖାଦ୍ୟ/ପାଣି ଗ୍ରହଣ କରେନାହିଁ । ଏହି ଆଦିବାସୀମାନେ ବାଡ଼ରେ ଯେ କୌଣସି ଫଳ ବା ପନିପରିବା ଅମଳ କରନ୍ତି ପ୍ରଥମେ ଗ୍ରାମ ଦେବୀଙ୍କୁ ସମର୍ପଣ କରନ୍ତି ତାପରେ ବ୍ୟବହାର କରନ୍ତି । ଏଥିରେ ବ୍ୟତିକ୍ରମ କଲେ ଦେବୀ କୋପ କରନ୍ତି ବୋଲି ବିଶ୍ୱାସ କରନ୍ତି ।

ବିଶ୍ୱାସମୂଳେ ଏ ଜଗତ । ଏହି ଉକ୍ତିକୁ ବିଶ୍ୱାସ କରି ଏହି ଗ୍ରାମର ଆଦିବାସୀ ଓ ଅନୁସୂଚିତ ଜାତି ଅଧିବାସୀମାନେ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରି ପରସ୍ପର ସୁଖ ଦୁଃଖରେ ଭାଗୀ ହଅନ୍ତି ।



କ୍ରିଷ୍ଣା ବଲ୍ୟାରସିଂ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଟୁଗୁଳି, କନ୍ଧମାଳ

# ମୁସେଲିପଙ୍ଗା

କନ୍ଧମାଳ ଜିଲ୍ଲାକୁ ଘେରି ରହିଥିବା ପାହାଡ଼ ପର୍ବତ ନଈ ନାଳ ଥିବା ଫିରିଙ୍ଗିଆ ବ୍ଲକ୍ ଅନ୍ତର୍ଗତ ପଲାବୁଡ଼ି ପଞ୍ଚାୟତରେ ଏହି ମୁସେଲିପଙ୍ଗା ଅବସ୍ଥିତ।

ଏହି ଗାଁରେ ପ୍ରାୟତଃ ଦୁଇଶହ ଆଦିବାସୀ ଲୋକମାନେ ବସବାସ କରନ୍ତି। ଏମାନଙ୍କ ମୁଖ୍ୟ ଜୀବିକା ଚାଷ କରିବା ଏମାନଙ୍କ ବୃତ୍ତି। ଅନ୍ୟ ଜାତିର ଲୋକମାନଙ୍କଠାରୁ ଆମ ଆଦିବାସୀ ଲୋକମାନେ ବହୁତ ଗରୀବ ଅଟନ୍ତି। ସେମାନେ ବଣ, ଜଙ୍ଗଲରେ ବୁଲି ବୁଲି କିଛି କନ୍ଦମୂଳ ସଂଗ୍ରହ କରି ନିଜର ଖାଦ୍ୟ ରୂପେ ଗ୍ରହଣ କରନ୍ତି। ଏହି ଅଞ୍ଚଳର ଆଦିବାସୀ ଭାଇ ଭଉଣୀମାନେ ବହୁତ ଗରୀବ ଶ୍ରେଣୀର ଅଟନ୍ତି। ପିଲାମାନେ ମୂଲିଆ କାମ କରନ୍ତି। ଜଙ୍ଗଲରୁ ବିଭିନ୍ନ ପ୍ରକାର କାଠ, ପତ୍ରଆଦି ସଂଗ୍ରହ କରି ସେଥିରୁ ବିଭିନ୍ନ ପ୍ରକାର ଠୁଙ୍ଗା, ଖଲି ପ୍ରସ୍ତୁତ କରି ବଜାରରେ ବିକ୍ରି କରି "ଦି" ପଇସା ରୋଜଗାର କରି ନିଜ ପରିବାରର ଭରଣ ପୋଷଣ କରନ୍ତି। ଯଦ୍ୱାରା ସେମାନେ ନିଜ ପିଲାମାନଙ୍କୁ ଭଲ ପାଠ ପଢାଇ ପାରନ୍ତି ନାହିଁ।

ଗାଁର ନାମ ମୁସେଲିପଙ୍ଗା ହେଲା କାହିଁକି- ପୂର୍ବ ପୁରୁଷଙ୍କ କଥାନୁସାରେ ଏହି ଗାଁ ମୁସେଲିପଙ୍ଗା ହେଲା ତାହା ମୋ ଅନୁଭୂତି ସକ୍ଷେପରେ ଲେଖୁଛି। ଶୁଣିବା କଥା ଆଗ କାଳରେ ଏହି ଗାଁରେ ଅଧିକାଂଶ ପଲାସ (ମୁସେଲି ମ୍ରାକା) ଗଛ ଥିଲା। ସେହି (ପଲାସ) ମୁସେଲିମ୍ରାକାନି ଫୁଲ ଫୁଟି ଗାଁର ଚତୁଃପାର୍ଶ୍ୱକୁ ରଙ୍ଗିନ୍ କାଗଜରେ ସଜାଇବା ଭଳି ପରିବେଶଟି ଅତି ସୁନ୍ଦର ଦେଖା ଯାଉଥିଲା ଏହି ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରି ବା ଦେଖି ଆଗ କାଳରେ ପୂର୍ବ ପୁରୁଷମାନେ ଏହି ଗାଁଟିକୁ ମୁସେଲିପଙ୍ଗା ରଖିବା ବୋଲି ବିଚାର କଲେ। ସେହି ମୁସେଲି ପୁଲୁ ପାଦା ଅନୁସାରେ ଗାଁର ନାଁ ମୁସେଲିପାଙ୍ଗା ରଖାଗଲା।



ମାମିନୀ ପ୍ରଧାନ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଦୁତୁଲି, କନ୍ଧମାଳ

# ସଲାଗୁଡ଼ା

କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ୍ ଅନ୍ତର୍ଗତ ସଲାଗୁଡ଼ା ଗ୍ରାମପଞ୍ଚାୟତରେ ସଲାଗୁଡ଼ା ଗ୍ରାମ ଅବସ୍ଥିତ । କୁଇ ଭାଷାରେ ସଲା କହିଲେ ଘାସ, ଗୁଡ଼ା କହିଲେ ଗ୍ରାମ ବା ପଡ଼ା । ଏକଦା ଏହି ଅଞ୍ଚଳରେ ଘାସ ପ୍ରଚୁର ପରିମାଣରେ ଜନ୍ମୁଥିବାରୁ ଗ୍ରାମର ନାମ ସଲାଗୁଡ଼ା ହୋଇଥିବା ଗ୍ରାମର ବୟସ୍କ ଲୋକଙ୍କଠାରୁ ଜଣାଯାଏ । ଏହି ପଞ୍ଚାୟତଟି ଜିଲ୍ଲାର ଉପାନ୍ତ ଅଞ୍ଚଳ ଅଟେ । ଗ୍ରାମର ଚାରିପଟେ ପ୍ରାଚୀର ଭଳି ପାହାଡ଼ ଘେରି୍ ରହିଛି । ଗ୍ରାମ ଅନତି ଦୂରରେ ବାଘନଦୀ କୁଳୁ କୁଳୁ ହୋଇ ବହିଯାଉଅଛି । ଗ୍ରାମଟିର ଲୋକସଂଖ୍ୟା ପ୍ରାୟ ୫୦୦ ହେବ । ଗ୍ରାମରେ ଆଦିବାସୀ (କନ୍ଧ) ଅନୁସୂଚିତ ଜାତି (ପାଣ) ଏବଂ ଅନ୍ୟାନ୍ୟ ସବର୍ଣ୍ଣ ଜାତିର ଲୋକମାନେ ବାସ କରନ୍ତି । ଉଭୟ ଗୋଷ୍ଠୀ କୁଇ ଭାଷାରେ କଥାବାର୍ତ୍ତା କରିଥାନ୍ତି ଅନ୍ୟାନ୍ୟ ଅଳ୍ପ ସଂଖ୍ୟକ ଲୋକେ ଓଡ଼ିଆରେ କଥାବାର୍ତ୍ତା ହୁଅନ୍ତି । ଗ୍ରାମର ଉଭୟ ପୁରୁଷ ଓ ମହିଳା ପରିଶ୍ରମୀ । ଗ୍ରାମର ପୁରୁଷ ଲୋକଙ୍କ ସ୍ୱାକ୍ଷରତା ହାର ପ୍ରାୟ ୬୦% ହୋଇଥିବାବେଳେ ମହିଳା ସ୍ୱାକ୍ଷରତା ପ୍ରାୟ ୪୦% ହେବ । ଶିକ୍ଷାର ପ୍ରସାର ଏହି ଅଞ୍ଚଳରେ ବ୍ୟାପକ ହୋଇପାରିନାହିଁ । ଏହି ଅଞ୍ଚଳର ଲୋକମାନେ ବିଭିନ୍ନ ପ୍ରକାର କାର୍ଯ୍ୟ କରି ଜୀବିକା ନିର୍ବାହ କରନ୍ତି ଯଥା- କୃଷି, ମଜୁରୀ ଇତ୍ୟାଦି ।

ଏହି ଅଞ୍ଚଳର ମୁଖ୍ୟ ଖାଦ୍ୟ ହେଲା ଭାତ, ପେଜ, କାନ୍ଦୁଲ ଇତ୍ୟାଦି । ଲୋକମାନେ ଖାଦ୍ୟ ଶସ୍ୟ ରୂପେ ଧାନ, କୁଇରି , ମାଣ୍ଡିଆ, କାନ୍ଦୁଲ, ଝୁଡ଼ଙ୍ଗ, ମକା ଚାଷ କରନ୍ତି ।

ଗ୍ରାମର ଲୋକମାନଙ୍କର ନିଜସ୍ୱ ସଂସ୍କୃତି ରହିଛି । ବିଭିନ୍ନ ପର୍ବ ପର୍ବାଣୀ ଯଥା- ପର୍ବତ ପୂଜା, ମାଳ ପୂଜା ଅନ୍ଧାର ବାରତିପୁଜା ପାଳନ କରନ୍ତି । ଏହି ଗ୍ରାମରୁ ୧୦ କି.ମି ଦୂରରେ କାତ୍ରାମାଲା ଜଳ ପ୍ରପାତ ଅବସ୍ଥିତ । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ମନମୁଗ୍ଧକର । ଏହି ପ୍ରପାତର ଜଳ କୁଣ୍ଡରେ ଏକ ଅଲଗା ପ୍ରଜାତିର ମାଛମାନେ ଦେଖାଯାନ୍ତି । ସେମାନେ ପର୍ଯ୍ୟଟକଙ୍କ ହାତରୁ ମୁଢ଼ି ବିସ୍କୁଟ ଖାଆନ୍ତି । ଲୋକ ମୁଖରୁ ଶୁଣାଯାଏ ଯେ ମା ପେଞ୍ଚେଇବୁଢୀ ନିଜର ଶାବକମାନଙ୍କୁ ମାଛରୂପରେ ରଖିଛନ୍ତି ତେଣୁ ଲୋକମାନେ ଏହି କୁଣ୍ଡରେ ଥିବା ମାଛକୁ ଧରନ୍ତି ନାହିଁ ।



ଜିନା ପ୍ରଧାନ, ଷଷ୍ଠ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁହୁତୁଲି, କନ୍ଧମାଳ

# ଗୁନ୍ଧାଣୀ

ଗୁନ୍ଧାଣୀ ଗ୍ରାମ ରାଇକିଆ ବ୍ଲକ୍ ଅନ୍ତର୍ଗତ ରାଇକିଆ ଠାରୁ ପ୍ରାୟ ୩କି.ମି. ଦୂରରେ ଅବସ୍ଥିତ ।

ଏହି ଗ୍ରାମର ନାମ "ଗୁନ୍ଧାଣି" ହେବାର କାରଣ ଅନୁସନ୍ଧାନ କଲେ ଜଣାଯାଏ ଯେ ପୂର୍ବେ ଏଠାକୁ ଜି-ଉଦୟଗିରି ବ୍ଲକ୍ ଅନ୍ତର୍ଗତ "ଗୁନ୍ଦାବାଡ଼ି" ଗ୍ରାମର କେତେକ ଲୋକ କୌଣସି କାରଣ ହେତୁ ବସବାସ କରିବାକୁ ଲାଗିଲେ ଏବଂ ସେମାନେ ସେମାନଙ୍କର ପୂର୍ବଗ୍ରାମର ନାମ ଅନୁସାରେ ଏହି ଗ୍ରାମର ନାମ "ଗୁନ୍ଧାଣି" ରଖିଦେଲେ ।

ଏହି ଗ୍ରାମରେ ବିଭିନ୍ନ ଜାତି, ଧର୍ମର ଲୋକମାନେ ବାସ କରନ୍ତି, ଯଥା-କନ୍ଧ, ପାଣ, ହିନ୍ଦୁ, ଖ୍ରୀଷ୍ଟିୟାନ । ଧାନଚାଷ ବ୍ୟତୀତ ଏହି ଗ୍ରାମର ଲୋକମାନେ ବନ୍ଧାକୋବି, ଫୁଲକୋବି, ବାଇଗଣ, ମଟର ବିନ୍‌ସ ଇତ୍ୟାଦି ଚାଷକରି ବ୍ୟବସାୟ କରନ୍ତି । କେତେକ ମୂଲିଆ କାମ କରନ୍ତି । ଆଉ କେତେକ ଖଲିପତ୍ର ସଂଗ୍ରହ ଓ ଜଙ୍ଗଲ ଜାତ ଦ୍ରବ୍ୟ ଯଥା- ଗରା, ମହୁଲ, ଶାଳୁଆ ଫୁଲ, କାଠ ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି ।

ଏହି ଗ୍ରାମର ଲୋକେ ବିଭିନ୍ନ ପର୍ବପର୍ବାଣି ପାଳନ କରନ୍ତି, ଯଥା- ଦଣ୍ଡଯାତ୍ରା, ବଲାଣି ଇତ୍ୟାଦି ।



ଅସ୍ମିତା ପ୍ରଧାନ, ଷଷ୍ଠ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଦୁତୁଲି, କନ୍ଧମାଳ

# ନାରିଙ୍ଗିଝୋଲା

ବଣ ପାହାଡ଼ ଘେରା, ଖାଲ ଢିପ ଜଙ୍ଗଲ ମଧ୍ୟରେ ଅବସ୍ଥିତ ନାରିଙ୍ଗିଝୋଲା ଗ୍ରାମ । ଏହି ଗ୍ରାମ କନ୍ଧମାଳ ଜିଲ୍ଲା ତିକାବାଲି ବ୍ଲକ ଅନ୍ତର୍ଗତ ଅଟେ ।

ଏହି ଗ୍ରାମରେ ସାଧାରଣତଃ ଆଦିବାସୀ ଓ ଅନୁସୂଚିତ ଜାତିର ଲୋକମାନେ ବସବାସ କରନ୍ତି । ଏହି ଗ୍ରାମରେ ଲୋକମାନେ କେବଳ ଓଡ଼ିଆ ଭାଷାରେ କଥାବାର୍ତ୍ତା ହୁଅନ୍ତି ଏବଂ ନିଜର ଭାବ ବିନିମୟ କରନ୍ତି । ଏହି ଗ୍ରାମକୁ ଗାଁର ନାମକୁ ନେଇ କୌଣସି ଇତିହାସ ଲେଖାହୋଇ ନାହିଁ । ଏହି ଗ୍ରାମରେ ସାଧାରଣତଃ ୪/୫ ପ୍ରକାର ବଂଶର ଲୋକମାନେ ବସବାସ କରନ୍ତି, ଯଥା- ସେବା ଲାକେରା, ମଣ୍ଡା, ଲାସ୍ ଗୁଣ୍ଡି, ରାଗା ବଡ଼ା, ଅଲି ଗଞ୍ଜୁହୁ, ଏହି ଗ୍ରାମରେ ଲୋକମାନେ ସାଧାରଣତଃ ବିଭିନ୍ନ ପ୍ରଥା ଉପରେ ବେଶୀ ବିଶ୍ୱାସ ରଖନ୍ତି । ସଂଧ୍ୟା ସମୟରେ ଧର୍ମ ମଣ୍ଡପରେ ବସି ଲୋକମାନେ ଖଞ୍ଜର ବାଜା ବଜାନ୍ତି ଏବଂ ନଦିଆ କୀର୍ତ୍ତନ କରି ସଂଧ୍ୟା ସମୟଟା କଟାଇ ଦିଅନ୍ତି । ଆଉ କେତେକ ଲୋକ ସକାଳ ସମୟରେ ଓ ସଂଧ୍ୟା ସମୟରେ ଖଜୁରୀ ରସ ଓ ସଲପ ରସ ପିଇ ମାତାଲ ହୋଇ ସମୟଟା କଟାଇ ଥାଆନ୍ତି ।

ଗୁଣି ଗାରେଡ଼ି ଏହି ଗ୍ରାମରେ ବେଶ୍ ପ୍ରସିଦ୍ଧ । ଶୁଣିବାକୁ ମିଳେ, ଏହି ଗ୍ରାମରେ ଜଣେ କନ୍ଧ ଲୋକ ଅନ୍ୟ ଗ୍ରାମକୁ ଝିଅ ଦେଖିବାକୁ ଯାଇଥିଲା । ପୁଅର ପସନ୍ଦ ହେଲା, କିନ୍ତୁ ଝିଅର ପସନ୍ଦ  ନ ହେବାରୁ ଝିଅଟି ଗୋଟେ ମହୁଲ ଗଛ ଉପରେ ଚଢ଼ି ଲୁଚି ଯାଇଥିଲା । ସେତେବେଳେ ପୁଅର ବାପା ଗୁଣି ମାଧ୍ୟମରେ ସେହି ଗଛକୁ ଟଲେଇ ନିଜ ଗ୍ରାମକୁ ଆଣିଥିଲେ ବୋଲି ଏହି ଗ୍ରାମର ଲୋକମାନେ କୁହନ୍ତି । ତେଣୁ ଏହି ଗ୍ରାମକୁ ଗୁଣି ଗାରେଡ଼ି ଗାଁ ବୋଲି ଲୋକମାନେ କହନ୍ତି ।



ମାଣିକେଶ୍ୱରୀ ପ୍ରଧାନ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁହୁଲି, କନ୍ଧମାଳ

# ଡୁଙ୍ଗି

ଡୁଙ୍ଗି ଗ୍ରାମ ଓ ତାର ସାହି ବସତିଗୁଡ଼ିକ ମୁଖ୍ୟତଃ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ବାସିନ୍ଦାଙ୍କଦ୍ୱାରା ପରିପୂର୍ଣ୍ଣ। ଏମାନେ ପ୍ରାୟ ଦୁଇଶହ ବର୍ଷତଳୁ ଏହି ସ୍ଥାନରେ ବସବାସ କରିଆସୁଛନ୍ତି। ପରବର୍ତ୍ତୀ ସମୟରେ କନ୍ଧଗଉଡ଼, କନ୍ଧ କମାର (ଲୁହୁରା) ମାନେ ଏମାନଙ୍କ ସହ ଯୋଗ ଦେଇଛନ୍ତି ଓ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ସେମାନେ ବର୍ଷସାରା ବିଭିନ୍ନ ପର୍ବ ପର୍ବାଣି, ସାମାଜିକ ଉତ୍ସବ ତଥା ପାରିବାରିକ ଉତ୍ସବଗୁଡ଼ିକରେ ମିଳିତ ହୋଇଥାନ୍ତି। ଏହି ପର୍ବଗୁଡ଼ିକ ମଧ୍ୟରେ "ଦଣ୍ଡ ଓ ମେରୁଯାତ୍ରା" ଶିବରାତ୍ରି ଆଦି ପ୍ରଧାନ। ପାରିବାରିକ ଉତ୍ସବ ମଧ୍ୟରେ ବିବାହ, ଶିଶୁର ହାଣ୍ଡିସରା ଆଦି ଅତି ଉତ୍ସାହ ପୂର୍ବକ ପାଳନ କରାଯାଏ। ଏମାନଙ୍କ ସରଳ ଓ ସହଯୋଗୀ ଜୀବନଧାରା ବାସ୍ତବିକ ଅନୁକରଣୀୟ । ଏମାନଙ୍କ ମଧ୍ୟରୁ ଅନେକ ଏବେ ବି ଅରଣ୍ୟଜାତ ପଦାର୍ଥ ଯଥା- ଜାଳେଣିକାଠ, ଖଲିପତ୍ର, ଝୁଣା, ମହୁ ଆଦି ସଂଗ୍ରହ କରି ଚଳନ୍ତି। କୃଷି ବ୍ୟତୀତ ଅରଣ୍ୟ ଏମାନଙ୍କର ପ୍ରଧାନ ଅବଲମ୍ବନ କହିଲେ ଅତ୍ୟୁକ୍ତି ହେବନାହିଁ।



ସିବାନୀ ମଳିକ, ଷଷ୍ଠ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

"ଢୁଙ୍ଗି" ନାମକରଣର ତାତ୍ପର୍ଯ୍ୟ-

ନାମକରଣକୁ ନେଇ ଅନେକ କାହାଣୀ ପ୍ରଚଳିତ ଥିଲେ ମଧ ସେଥିରୁ କେତେକ ତଥ୍ୟ ନିମ୍ନରେ ଅବତାରଣା କରାଗଲା ।

୧. ଏହି ଗ୍ରାମ ଓ ତତ୍‌ସଲଗ୍ନ ଅଂଚଳ ଏକ ଅଣଓସାରିଆ ଅଂଚଳ (କୃଷିକ୍ଷେତ୍ର) ରୂପେ ଏକ ପର୍ବତ ଓ ନାଳର ମଧ୍ୟବର୍ତ୍ତୀ ଅଂଚଳରେ ଥିବାରୁ ସ୍ୱାଧୀନତାର ପୂର୍ବବର୍ତ୍ତୀ କାଳରେ ରାଜସ୍ୱ ଅଧିକାରୀମାନଙ୍କଦ୍ୱାରା ଏହାକୁ "ଡୋଙ୍ଗି" (Dongi) ରୂପେ ଚିହ୍ନଟ କରାଯାଇଥିଲା । ଉକ୍ତ ନାମଟି ପରବର୍ତ୍ତୀ କାଳରେ ଅପଭ୍ରଂଶ ହୋଇ "ଢୁଙ୍ଗି" ରେ ପରିଣତ ହୋଇଥିବା ଅନୁମେୟ ।

୨. ଏହି ଢୁଙ୍ଗି ଅଂଚଳରେ ଖ୍ରୀ.ଅ ଅଷ୍ଟମ ଶତାବ୍ଦୀ ପୂର୍ବରୁ ଏକ ଅତି ପ୍ରାଚୀନ ବୌଦ୍ଧକୀର୍ତ୍ତି ରହିଥିବା ଐତିହାସିକମାନେ କହନ୍ତି । ଏହାର ପ୍ରମାଣ ଏବେ ମଧ ମାଟିତଳୁ ମିଳିଥିବା ଖୋଦିତ ଶିଳା ଓ ଶିଳାମୂର୍ତ୍ତିରୁ ଜଣାଯାଏ । ଏଣୁ ଏକ ଉଦ୍ଧୃତ ଶିଳା ଉପରେ ଡ଼ୋମ୍ / ଅର୍ଦ୍ଧବୃତ୍ତ ଚିତ୍ରର ନାମ ଆଧାରରେ ଏହି ସ୍ଥାନକୁ ଢୁଙ୍ଗି ରୂପେ ଚିହ୍ନଟ କରାଯାଇଥିବା କୁହାଯାଏ ।

## ଦାମିଙ୍ଗିଆ

ଦାମିଙ୍ଗିଆ, ଫିରିଙ୍ଗିଆ ପଞ୍ଚାୟତ ସମିତି ଅନ୍ତର୍ଗତ ଜଳେସ୍‌ପାଙ୍ଗା ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ । ଭୌଗୋଳିକ ପରିସ୍ଥିତିକୁ ଦେଖିଲେ ଏହି ଗ୍ରାମ ଚାରିପଟେ ସବୁଜିମା ପର୍ବତ ରହିଅଛି । ଗ୍ରାମରୁ ଫିରିଙ୍ଗିଆ ସାଡ଼ିଙ୍ଗିଆ, କଟାପଙ୍ଗା ଯିବାପାଇଁ ସୁଦୀର୍ଘ ଅଙ୍କାବଙ୍କା ପିଚୁ ରାସ୍ତା ଲମ୍ବିଯାଇଅଛି । ଏହି ଅଞ୍ଚଳର ଅଧିବାସୀମାନେ ବହୁ ସରଳ ବିଶ୍ୱାସୀ ଏବଂ ନିଜ ନିଜ ପୁଅ/ଝିଅଙ୍କ ପାଠପଢ଼ା ପ୍ରତି ଅଧିକ ଯତ୍ନବାନ ।

ଏହି ଗ୍ରାମରେ ପ୍ରାୟତଃ ଆଦିବାସୀମାନେ ବସବାସ କରିଅଛନ୍ତି । ଆଦିବାସୀମାନେ ସାଧାରଣତଃ ବିଭିନ୍ନ ପୂଜା, ପର୍ବପର୍ବାଣୀ ଉପରେ ବେଶି ବିଶ୍ୱାସୀ ଯେପରି ପର୍ବତପୂଜା, ମାଟିପୂଜା, ଗୁହାଳ ପୂଜା, ବାଟପୂଜା ଇତ୍ୟାଦି । ସେମାନଙ୍କ କହିବା ଅନୁସାରେ ଆମେ ଆମର ଗାଈଗୋରୁ କିପରି ସବୁବେଳେ ଭଲରେ ରହିବେ ତେଣୁ ପ୍ରତି ବର୍ଷ କୁକୁଡ଼ା କିମ୍ବା ଛେଳି ବଳିଦେଇ ଗୁହାଳପୂଜା କରିଥାଉ । ଠିକ୍ ସେହି ଭାବନା ନେଇ ବାଟପୂଜା ପର୍ବତ ପୂଜା କରିଥାଉ । ଘରର ସଦସ୍ୟଙ୍କ ଯଦି ଦେହ ଖରାପ ହୁଏ ତାହାହେଲେ ଔଷଧ ଖାଇବା ଯେତିକି ଗୁରୁତ୍ୱ ଦିଅନ୍ତି ସମାନ୍ତରଳଭାବେ ପୂଜାବିଧି କରି ଆରୋଗ୍ୟ ହେବାକୁ ଚେଷ୍ଟା କରିଥାନ୍ତି । ଗ୍ରାମର ଯେ କୌଣସି ସମସ୍ୟାକୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ବିଶେଷ ଗୁରୁତ୍ୱ ଦେଇଥାଆନ୍ତି ।

ଏଠିକାର ଆଦିବାସୀ ଉଭୟ କୁଇ ଏବଂ ଓଡ଼ିଆ ଭାଷା ମାଧ୍ୟମରେ ନିଜର ଭାବର ଆଦାନ ପ୍ରଦାନ କରିଥାଆନ୍ତି । ବିଦ୍ୟାଳୟକୁ ଆସୁଥିବା ଆଦିବାସୀ ଛାତ୍ର ଛାତ୍ରୀମାନେ କୁଇ ଭାଷା

ଜାଣିଥିଲେ ମଧ୍ୟ ଓଡ଼ିଆ ଭାଷାର ବହୁଳ ବ୍ୟବହାର କରିଥାଆନ୍ତି । ଏଠିକାର ଆଦିବାସୀମାନେ ମୁଖ୍ୟତଃ ଧାନ ଓ ପନିପରିବା ଚାଷ କରି ଜୀବିକା ନିର୍ବାହା କରିଥାଆନ୍ତି । ଯେହେତୁ ଏହି ଅଞ୍ଚଳର ସମସ୍ତ ଫସଲ ଉପଯୋଗୀ ଜମିକୁ ଜଳସେଚନର ସୁବିଧା ନାହିଁ, ତେଣୁ କେବଳ ବର୍ଷାଋତୁ ଉପରେ ସମସ୍ତେ ଭରସା ରଖିଥାଆନ୍ତି । ଏଠିକାର ପରିବାର ଆଜବେଷ୍ଟସ୍, ଟିଣ ନିର୍ମିତ ପକ୍କାଘରେ ବସବାସ କରିଥାଆନ୍ତି । ଏମାନେ ଗୃହ ପାଳିତ ପଶୁପକ୍ଷୀ ଭାବରେ ଗାଈ, ମଇଁଷି, ଛେଳି, କୁକୁଡ଼ା ପାଳନ କରିଥାଆନ୍ତି ।



ପଞ୍ଚମୀ ପ୍ରଧାନ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଦୁତୁଲି, କନ୍ଧମାଳ

# କୁପିବାଡ଼ି

କୁପିବାଡ଼ି ଗ୍ରାମଟି ତିନୋଟି ପଡ଼ା ସାହିକୁ ନେଇ ଗଠିତ। ଏହି ଗ୍ରାମରେ ୮୦ଟି ପରିବାର ବସବାସ କରନ୍ତି। ସାଧାରଣତଃ ଅନୁସୂଚିତ ଜାତି ଓ ଆଦିବାସୀ ଏହି ଗ୍ରାମର ବାସିନ୍ଦା। ଏଥି ମଧ୍ୟରୁ ୭୩ଟି ପରିବାର ଅନୁସୂଚିତ ଜାତି ଓ ୭ଟି ପରିବାର ଆଦିବାସୀ। ଗ୍ରାମର ସମସ୍ତ ପରିବାର ଖ୍ରୀଷ୍ଟିଆନ ଅଟନ୍ତି। ଯଦିଓ ଖ୍ରୀଷ୍ଟିଆନ, ବିଦ୍ୟାଳୟରେ ଅନୁଷ୍ଠିତ ସମସ୍ତ ପର୍ବ ଯଥା-ଗଣେଷ ପୂଜା, ସରସ୍ୱତୀପୂଜା, ଅଗଷ୍ଟ ୧୫, ଜାନୁଆରୀ ୨୬ ଏବଂ ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ ରହିଥାଏ। ଚର୍ତୁଦିଗ ପାହାଡ଼ ଘେରା ମଧ୍ୟରେ ଏହା ଅବସ୍ଥିତ। ପାଣିର ସୁବିଧା ଥିବାରୁ ବାର୍ଷିକ ୨ଥର ଧାନଚାଷ ହୋଇଥାଏ। ଧାନଚାଷ ବ୍ୟତୀତ, ମକା, କଟିଙ୍ଗ୍, ଝୁଡଙ୍ଗ, ଜହ୍ନୀ, ସୋରିଷ, ହଳଦୀ ଚାଷ ବହୁଳ ପରିମାଣରେ ହୋଇଥାଏ। ଜଙ୍ଗଲଜାତ ପଦାର୍ଥ ମଧ୍ୟରେ ମହୁ, ଝୁଣା, ଅଁଳା, ବାହାଡ଼ା, ହରିଡ଼ା ଏଠାରେ ବହୁଳ ପରିମାଣରେ ମିଳିଥାଏ।

ଏହି ଗ୍ରାମର ନାମକରଣ ବିଷୟରେ ପୁରୁଖା ଲୋକଙ୍କଠାରୁ କୌଣସି କିମ୍ବଦନ୍ତୀ ପ୍ରାୟ ମିଳେନାହିଁ। କଥିତ ଅଛି ଏଠାରେ ଲୋକମାନେ



ବନିତା ପ୍ରଧାନ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

ସମସ୍ତେ ହିନ୍ଦୁ ସଂପ୍ରଦାୟର ଥିଲେ । ପୁରୁଣାକାଳରେ ଏଠାରେ ଏକ ପୂଜାପାଠ ସମୟରେ ବିଭିନ୍ନ ପ୍ରକାର ସାପ ଆସି ଗୋଟିଏ ସ୍ଥାନରେ ଖେଳନ୍ତି । ଛୁଆର ହାବା ପାଣିର ରଙ୍ଗ ରକ୍ତବର୍ଣ୍ଣିତ ହୋଇଥାଏ । ସେହିଦିନ ରାତିରେ କୌଣସି ଏକ ପରିବାର ବର୍ଣ୍ଣିତ ଭୌତିକ କାଣ୍ଡ ଦ୍ୱାରା ଜର୍ଜରିତ ହୋଇଥାନ୍ତି । ଏହି ସବୁ ଘଟଣାପରେ ତଥା ଖ୍ରୀଷ୍ଟୀଆନ ପ୍ରଚାରକଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ସମସ୍ତେ ଖ୍ରୀଷ୍ଟୀଆନ୍ ଧର୍ମକୁ ଗ୍ରହଣ କରନ୍ତି ।

ଉକ୍ତ ଗ୍ରାମରେ ଥିବା ସମସ୍ତ ପ୍ରକାରର ଗଣ୍ଡଗୋଳ ବା ମତପାର୍ଥକ୍ୟ ଗ୍ରାମସଭାରେ ହିଁ ଫଇସଲା ହୋଇଥାଏ । ଦୋଷିକୁ ସ୍ୱଳ୍ପ ପରିମାଣର ଆର୍ଥିକ ଓ ଶାରିରୀକ ଦଣ୍ଡ ଦିଆଯାଇ ଘଟଣାର ଅବସାନ ଘଟାଇଥାନ୍ତି ।

# ସେସ୍କାଯୋଡ଼ି

ସେସ୍କାଯୋଡ଼ି ଗ୍ରାମଟି ଫିରିଙ୍ଗିଆ ବ୍ଲକ୍ ଅଧିନସ୍ଥ ଓ କନ୍ଧମାଳ ଜିଲ୍ଲାର ମଧଭାଗରେ ଅବସ୍ଥିତ । ପଞ୍ଚାୟତ ହେଲା ରତଙ୍ଗ । ଏହି ଗ୍ରାମରେ ସାଧାରଣତଃ ଆଦିବାସୀ (କନ୍ଧ) ସଂପ୍ରଦାୟର ଲୋକବାସ କରନ୍ତି ।

ସେସ୍କାଯୋଡ଼ି ଗ୍ରାମରେ ମଧ ଅଧିକ ଲୋକ କନ୍ଧ ସଂପ୍ରଦାୟ କିନ୍ତୁ ବର୍ତ୍ତମାନ ଏହି ଗ୍ରାମରେ ଅନ୍ୟ ସଂପ୍ରଦାୟ ଲୋକମାନେ ମଧ ବସବାସ କରି ରହିଆସୁଛନ୍ତି । ଏଠାକାର ଲୋକଙ୍କ ଭାଷା ହେଲା "କୁଇ" ଓ "ଓଡ଼ିଆ" । ଏହି କୁଇ ବା କନ୍ଧ ଲୋକମାନେ ବର୍ତ୍ତମାନ ଅନ୍ୟ ସଂପ୍ରଦାୟ ଲୋକଙ୍କ ସଂସ୍ପର୍ଶରେ ଆସି ଓଡ଼ିଆ ଭାଷାକୁ ଅଧିକ ମାତ୍ରାରେ ବ୍ୟବହାର କରୁଛନ୍ତି । ଏହି ଗ୍ରାମରେ ସୁଦ୍ର, ଗଉଡ଼, କୁମ୍ଭାର ଜାତିର ଲୋକମାନେ ମଧ ବସବାସ କରୁଛନ୍ତି । ସେମାନଙ୍କ ସଂସ୍ପର୍ଶରେ ଆସି କନ୍ଧ ଲୋକଙ୍କ ଚାଲିଚଳନ, ବ୍ୟବହାର, ଭାଷା ଇତ୍ୟାଦିର ପରିବର୍ତ୍ତନ ହେବାର ଲକ୍ଷ୍ୟ କରାଯାଉଛି । କିଛି ବର୍ଷ ପୂର୍ବେ ଏହି ଗ୍ରାମରେ ଲୋକମାନେ କେବଳ କୁଇଭାଷା ବ୍ୟବହାର କରୁଥିଲେ କିନ୍ତୁ ତାହା ପରିବର୍ତ୍ତନ ଘଟିଛି । ଗ୍ରାମ ମଧଦେଇ ଏକ ସୁନ୍ଦର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧମରେ ଏକ ସଡ଼କ ଲମ୍ବିଯାଇଛି । ଯାହାଦ୍ୱାରା ଏଠିକାର ଲୋକଙ୍କ ଅନ୍ୟ ସହର ବା ଅନ୍ୟ ସଂପ୍ରଦାୟ ଲୋକଙ୍କ ସହ ଯୋଗାଯୋଗ ହେବାର ପରିଲକ୍ଷିତ ହୋଇଛି । ଏହା ଏକ ଛୋଟିଆ ଗ୍ରାମଟିଏ । ଚାରିପଟେ ବଡ଼ ବଡ଼ ପାହାଡ଼ ଘେରି ରହିଛି । ପୂର୍ବଭାଗରେ ବନ୍ଧଗଡ଼ ଗ୍ରାମଟି ଅବସ୍ଥିତ । ଯେଉଁଠାରେ କି ମାଁ ବରାଳଦେବୀ ପୂଜା ପାଉଛନ୍ତି । ପଶ୍ଚିମ ଭାଗରେ କେଲାପଡ଼ା ଗ୍ରାମ ଅବସ୍ଥିତ । ଉତ୍ତର ଭାଗରେ ବଡ଼ ପାହାଡ଼ଟିଏ ରହିଛି । ଦକ୍ଷିଣ ଭାଗରେ ସାଙ୍କଡ଼ ଅଞ୍ଚଳର କିଛି ପାହାଡ଼ ଘେରୀ ରହିଛି । ଗ୍ରାମରେ ପ୍ରତିବର୍ଷ ପର୍ବତ

ପୂଜା ହୋଇଥାଏ । ପର୍ବତ ପୂଜାର ପୂଜକଙ୍କୁ ଦେହୁରୀ ବୋଲି କୁହାଯାଏ । କହିବାକୁ ଗଲେ ଏହି ଗ୍ରାମରେ ସେ ମୁଖିଆ ଅଟନ୍ତି । ନିକଟରେ ଗୋଟିଏ ନାଳଟିଏ ବହିଯାଇଛି । ଏଠିକାର ଲୋକଙ୍କ ବର୍ତ୍ତମାନ ମୁଖ୍ୟ ଚାଷ ହେଲା ଧାନ । ଏଥିସହିତ ଏମାନେ କାନ୍ଦୁଲ, ମାଣ୍ଡିଆ, ହଳଦୀ, ସୋରିଷ, କୁଳଥ ଇତ୍ୟାଦି ଚାଷ କରନ୍ତି । କିଛି ଲୋକ ପନିପରିବା ଚାଷ କରି ପେଟ ପୋଷନ୍ତି । ପନିପରିବା ଭିତରେ ବନ୍ଧାକୋବି, ଫୁଲକୋବି, ବାଇଗଣ, ଟମାଟୋ ଇତ୍ୟାଦି ପ୍ରଧାନ ।



ଯଶୋଦା ପ୍ରଧାନ, ଷଷ୍ଠ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁହୁଡ଼ୁଲି, କନ୍ଧମାଳ

# କାଙ୍ଗାପଡ଼ା

କାଙ୍ଗାପଡ଼ା ଗ୍ରାମ କ୍ରାଣ୍ଡିବାଲି ଗ୍ରାମପଞ୍ଚାୟତ ଅଧିନସ୍ଥ ଏକ ଛୋଟିଆ ଗ୍ରାମ ଅଟେ । କନ୍ଧମାଳ ଜିଲ୍ଲାର ଗୋଛାପଡ଼ା ଥାନା ତଥା ଫିରିଙ୍ଗିଆ ବ୍ଲକ ଯଥାକ୍ରମେ ଏହି ଗ୍ରାମଠାରୁ ୧୦ କି.ମି ଓ ୩୩ କି.ମି ଦୂରରେ ଅବସ୍ଥିତ ।

ଏହି ଗ୍ରାମ ନାମର ଏକ ଯଥାର୍ଥତା ରହିଅଛି । ଏହି ଗ୍ରାମ କାଙ୍ଗାପଡ଼ା ହେବାର ଅର୍ଥ କୁଇ ଭାଷାରେ କାଙ୍ଗା କହିଲେ କାନ୍ଦୁଲ ବୁଝାଏ । ଏହି ଗ୍ରାମ ଏକ ପାହାଡ଼ ବେଷ୍ଟିତ ହୋଇଥିବାରୁ ଗ୍ରାମର ଲୋକମାନେ ଜଙ୍ଗଲରେ ପୋଡୁଚାଷ କରି କାନ୍ଦୁଲ ଲଗାନ୍ତି । ଏଣୁ ଏହା କାନ୍ଦୁଲ ଗ୍ରାମ ବା କାଙ୍ଗାପଡ଼ା ହୋଇଅଛି ।

ଏହି ଗ୍ରାମ ଛୋଟିଆ ହେଲେ ମଧ୍ୟ ନିକଟବର୍ତ୍ତୀ କେତେକ ଛୋଟ ଛୋଟ ଗ୍ରାମ ଯଥା- ସୁବେରୀପଙ୍ଗା, କ୍ରାଣ୍ଡିବାଲି, ପଦର ସାହି, ଡ଼ାଡିଲାଇ, ସିଲେରିକୁମା, ପରଙ୍ଗି ସାହି, ସିପାଡି ଆଦି ଚର୍ତୁଃପାର୍ଶ୍ୱରେ ପଡ଼ିଶା ଗ୍ରାମ ଭାବେ ଘେରି ରହିଛନ୍ତି । ଏହି ଅଞ୍ଚଳର ଚତୁଃପାର୍ଶ୍ୱରେ ଛୋଟ ବଡ଼ ପାହାଡ଼ ପର୍ବତ ତଥା ବାଘ ନଦୀ ରହିଅଛି । ଏଠାରେ ବିଭିନ୍ନ ଜାତି ଓ ଜନଜାତିର ଲୋକ ବସବାସ କରନ୍ତି । ଯଥା- କନ୍ଧ, ଗଉଡ଼, କୁମ୍ଭାର ଜାତିର ଲୋକ ବାସ କରନ୍ତି । କନ୍ଧ ସଂପ୍ରଦାୟ ଲୋକମାନେ ଅଧିକଭାବେ ବସବାସ କରନ୍ତି । ସେମାନଙ୍କ ଭାଷା କୁଇ ଏବଂ ଅନ୍ୟ ସଂପ୍ରଦାୟ ଠାରୁ



ନିବେଦିତା ପ୍ରଧାନ, ଦଶମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

ପୂଜା, ପର୍ବ ତଥା ଚାଲିଚଳନରେ ଭିନ୍ନତା ଦେଖାଯାଏ । ଘରେ ଗାଈ ଗୋରୁ, ଛେଳି, କୁକୁଡ଼ା, ଘୁଷୁରୀ ଆଦି ପଶୁପକ୍ଷୀ ପାଳନ କରନ୍ତି । ଏମାନେ ମୁଖ୍ୟତଃ ଚାଷ କାମ ଓ ମୂଲିଆ, ମଜୁରୀ ଆଦି କାମ କରି ପେଟ ପୋଷନ୍ତି । କନ୍ଧ ସଂପ୍ରଦାୟ ଲୋକେ ଛୋଟିଆ ଘର କରି ସେହିଘରେ ନିଜେ ରହିବା ସଙ୍ଗେ ସଙ୍ଗେ ନିଜ ଗାଈ ଗୋରୁ ରଖନ୍ତି ଓ ରୋଷେଇ କରନ୍ତି । ଏହି ଅଞ୍ଚଳରେ ଜ୍ୟେଷ୍ଠମାସରେ ପର୍ବତ ପୂଜା, ଭାଦ୍ରବରେ ନୂଆଖାଇ, ମାଘମାସରେ ପିତାବଳୀ ପୂଜା, ମଣ୍ଡପ ମେଳା, ମାର୍ଗଶୀରରେ ଲକ୍ଷ୍ମୀପୂଜା, ଗ୍ରାମଦେବୀ ଇଆପେନୁଙ୍କୁ ପୂଜା କରିଥାନ୍ତି ।

ଏମାନଙ୍କ ବେଶଭୂଷା ତଥା ଖାଦ୍ୟପେୟ ଅତି ସାଧାରଣ । ସହରୀ ସଭ୍ୟତାକୁ ଅନୁକରଣ କରି ବର୍ତ୍ତମାନର ଝିଅ ବୋହୂମାନଙ୍କଠାରେ ପୋଷାକ ପରିଛଦ ପିନ୍ଧା ତଥା ଅଳଙ୍କାର ଧାରଣା କ୍ଷେତ୍ରରେ ନୂତନତା ଦେଖାଯାଏ । ପୂର୍ବରୁ ମହିଳା ମାନେ ଯେପରି ମୁହଁରେ କଳାପଟିର ଦାଗ ଦେଉଥିଲେ ବର୍ତ୍ତମାନ ତାହା ଦେଖାଯାଉନାହିଁ । ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କର ଅବିଭାବକମାନେ ସେମାନଙ୍କ ପିଲାଙ୍କ ପାଠପଢ଼ା ତଥା ଚାକିରି ପାଇଁ ବେଶ୍ ତତ୍ପରତା ପ୍ରକାଶ କରୁଛନ୍ତି ।

## ବିଲେଇଡ଼ିହ

ଜୀବନର ମୂଳଦୁଆ ହେଉଛି ଗ୍ରାମ । ଗ୍ରାମ୍ୟ ଜୀବନ ଅତ୍ୟନ୍ତ ସ୍ୱଚ୍ଛ, ସରଳ, ନିରାଡ଼ମ୍ବର ଓ ନିର୍ମଳ । ମଣିଷ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ତାଙ୍କର ଜୀବନ ଗ୍ରାମରୁ ସହର, ସହରରୁ ନଗର ଆଡ଼କୁ ଅଗ୍ରସର ହୋଇଥାଏ । ଏହିପରି ଏକ ଛୋଟ ଗାଁ ରହିଛି ଯାହାର ନାମ ବିଲେଇଡ଼ିହ । ଏହା ଚାହାଳୀ ପଞ୍ଚାୟତ, ଚକାପାଦ ବ୍ଲକ ଏବଂ କନ୍ଧମାଳ ଜିଲ୍ଲାରେ ଅନ୍ତର୍ଗତ ଅଟେ ।

ବିଲେଇଡ଼ିହ ଗ୍ରାମ- ବିଲେଇଡ଼ିହ ଗ୍ରାମଟି ଏକ ମଫସଲ ପହାଡ଼ିଆ ଗାଁ । ଚତୁଃପାର୍ଶ୍ୱରେ କେବଳ ବିରାଟ ପାହାଡ଼ ଗୁଡ଼ିକ ପାଚେରୀ ସଦୃଶ ଦଣ୍ଡାୟମାନ । ମଧ୍ୟ ଭାଗ ଉପତ୍ୟକାରେ କୃଷିକ୍ଷେତ୍ର ଓ ପଦର ପଡ଼ିଆ । ଗ୍ରାମର ସମସ୍ତ ଲୋକ ଆଦିବାସୀ କନ୍ଧ ସଂପ୍ରଦାୟର । ସମସ୍ତେ କୃଷି ଜୀବି । ଗ୍ରାମରେ ଦୁଇପ୍ରକାର ଭାଷା ପ୍ରଚଳିତ ଯଥା- କୁଇଭାଷା ଓ ଓଡ଼ିଆ ଭାଷା ।

ସଂସ୍କୃତି ଓ ପରମ୍ପରା-ଗ୍ରାମର ମୁଖ୍ୟ ଆକର୍ଷଣ "ଜନ୍ତାଳ ପର୍ବ । ଏହା ଜମିରେ ମଞ୍ଜି ବୁଣିବା ପୂର୍ବରୁ ହୋଇଥାଏ । ଜନ୍ତାଳ ଦିନ ଗ୍ରାମ ଦେବୀଙ୍କୁ ବଳୀ ପୂଜା କରାଯାଏ । ବାଜା, ମହୁରୀରେ ପବିତ୍ର ମନରେ ରାଗ ଭୋଗ ଲଗାଇ ଗ୍ରାମ ମୁଖିଆ ପୂଜା କରନ୍ତି । ଗ୍ରାମରେ ଘରେ ଘରେ ଗୁହାଳ ପୂଜା କରାଯାଏ । ବନ୍ଧୁକ ପୂଜା କରିଥାନ୍ତି । ରାତିରେ ଗ୍ରାମର ଭାଇ ଭଉଣୀ ରଙ୍ଗ ବେରଙ୍ଗ ପୋଷାକରେ ନିଜକୁ ସଜ୍ଜିତ କରି ବାଦ୍ୟ ମହୁରୀ ତାଳେ ତାଳେ ନାଚଗୀତରେ ନିଜକୁ ହଜାଇ ଦେଇ ଗ୍ରାମ ଦେବୀଙ୍କୁ ପୂଜା ମଣ୍ଡପରୁ ଗ୍ରାମ ପୀଠକୁ ଫେରାଇ ଆଣନ୍ତି ।

ଗ୍ରାମର ନାମ ବିଲେଇଡ଼ିହ କାହିଁକି ହୋଇଛି-ପୂର୍ବ କାଳରେ ଜଣେ ବିଲେଇ ସଦୃଶ କଟରା କଟରା ନିଶ ରଖିଥିବା ବୁଢ଼ାଟିଏ ପଦର ବା ଜଙ୍ଗଲ ସଫାକରି ବସତି ସ୍ଥାପନ କରିଥିଲେ। ଡ଼ିହ କହିଲେ ପଦର ବା ପଡ଼ିଆ। ବିଲେଇ ବୁଢ଼ାଙ୍କ ନାମ ଆନୁସାରେ ଉକ୍ତ ଡ଼ିହ ବା ପଦର ନାମ ରଖାଗଲା "ବିଲେଇଡ଼ିହ"।

ଗ୍ରାମରେ ଏକ ସୁନ୍ଦର ସେବାଶ୍ରମ ବିଦ୍ୟାଳୟ ରହିଅଛି। ବିଦ୍ୟାଳୟରେ କେବଳ ଆଦିବାସୀ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ସବୁଜ ବାଡ଼ ଓ ସବୁଜ ବନାନୀରେ ଶୋଭାପାଉଥିବା ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଆକର୍ଷଣ କରେ।

ପର୍ବପର୍ବାଣୀ- ବିଲେଇ ଗ୍ରାମରେ ଜନ୍ତାଳ ବ୍ୟତୀତ, ଜହ୍ନି ଓଷା, ଲକ୍ଷ୍ମୀ ବ୍ରତ, କାର୍ତ୍ତିକ ପୂର୍ଣ୍ଣିମା ମହା ହରଷରେ ପାଳନ କରିଥାନ୍ତି।

ଦର୍ଶନୀୟ ସ୍ଥାନ- ଗ୍ରାମ ନିକଟରେ ଏକ ପଥର ଗୁମ୍ଫା ଅବସ୍ଥିତ। ଉକ୍ତ ସ୍ଥାନର ନାମ ଘାଟିଶୂଳା। ଉକ୍ତ ପୀଠରେ ମାଆ ଦକ୍ଷିଣକାଳୀଙ୍କର ପୂଜା କରାଯାଏ। ଏଠାରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ମହା ଜନ ସମାଗମ ହୋଇଥାଏ।



ଦିପାଞ୍ଜଳୀ ପ୍ରଧାନ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଦୁତୁଲି, କନ୍ଧମାଳ

# ଡଡ଼ାପଡ଼ା

କନ୍ଧମାଳ ଜିଲ୍ଲା, ଉଦୟଗିରି ବ୍ଲକ, ରଡିଙ୍ଗିଆ ପଞ୍ଚାୟତରେ ଡଡ଼ାପଡ଼ା ଗ୍ରାମ ଅବସ୍ଥିତ। ଚତୁର୍ଦ୍ଦିଗ ପାହାଡ଼ରେ ପରିପୂର୍ଣ୍ଣ ମଝିରେ ଗାଁ, ନିକଟରେ ବିରାଟ ଏକ ଡେମ୍ ଅବସ୍ଥିତ। ଏଠାରେ ବିଶେଷକରି କନ୍ଧ ଓ ଅନୁସୂଚିତ ଜାତି ସଂପ୍ରଦାୟର ଲୋକ ବାସ କରନ୍ତି। ଗାଁ ନିକଟରେ ଗୋଟାଏ ବିରାଟ ପାହାଡ଼ ଅଛି ଯେଉଁଠି ଗାଁର ଲୋକେ ପ୍ରତିବର୍ଷ ଚିଇ ସପ୍ତମୀରେ ଏକ ମେଳାର ଆୟୋଜନ କରି ରାତ୍ରି ଜଜାଗର କରିଥାନ୍ତି। ଏହି ପାହାଡ଼ର ନାମ ହେଉଛି "ଡଡ଼ାସରୁ" । ଏହି ପାହାଡ଼ର ନାମକୁ ନେଇ ଡଡ଼ାପଡ଼ା ବୋଲି ଆଗ କାଳର ଲୋକମାନେ "ଡଡ଼ାସରୁ" ରୁ ଡଡ଼ାପଡ଼ା ବୋଲି ନାମ କରଣ କରିଥାନ୍ତି। ପ୍ରଚଳିତ ପ୍ରଥାନୁଯାୟୀ ବର୍ତ୍ତମାନ ତାହା ଡଡ଼ାପଡ଼ା ନାମରେ ପ୍ରଚଳିତ ହୋଇଅଛି। ଏଠାରେ ରହୁଥିବା ଲୋକମାନେ ବିଶେଷତଃ କୁଇ ଓ ଓଡ଼ିଆଭାଷାରେ କଥାହୋଇଥାନ୍ତି। ଗାଁରେ ଯେଉଁମାନେ ବାସକରିଥାନ୍ତି ସେମାନଙ୍କ ବୃତ୍ତି ଚାଷ। ବର୍ତ୍ତମାନ ହାଁ ଭାଁ ଜଣେ ଦୁଇଜଣ ସରକାରୀ ଚାକିରି କରିଆସୁଛନ୍ତି। ଚାଷ କାମ ମୁଖ୍ୟ ଜିବୀକା ରୂପେ ଏମାନେ ବୃତ୍ତିକରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ପାହାଡ଼ିଆ ଅଞ୍ଚଳ ହୋଇଥିବା ଯୋଗୁଁ ରାସ୍ତାଘାଟର ସୁବିଧା ନାହିଁ ଫଳରେ ଲୋକମାନେ ବିଶୈଷ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପୂର୍ବ ଅପେକ୍ଷା ବର୍ତ୍ତମାନ ବିଶେଷ ଉନ୍ନତି ହେବାକୁ ଲାଗିଛି। ଏଠାରେ ନଇନାଳ ନାହିଁ, କେବଳ ଡେମ୍‌କୁ ଆଶ୍ରା କରି ଲୋକମାନେ ଜୀବନ ବିତାଇଥାନ୍ତି। ବର୍ଷତମାମ ଏହି ଡେମ୍‌ଉପରେହିଁ ନିର୍ଭର କରି ଚଳନ୍ତି। ଡ଼ାକ୍ତରଖାନର କୌଣସି ସୁବିଧାନାହିଁ, ଯଦି କୌଣସି ବ୍ୟକ୍ତି ରୋଗାକ୍ରାନ୍ତ ହୋଇଥାଏ, ଦୀର୍ଘ ୧୦କି.ମି ଦୂରକୁ ଯାଇ ଚିକିତ୍ସିତ ହେବାକୁପଡେ। ଗାଁରେ ଯେଉଁସବୁ ଲୋକମାନେ ବସବାସ କରନ୍ତି ସେମାନେ ନିକଟ ଜଙ୍ଗଲରୁ କାଠ, ପତ୍ର ଫଳ ଇତ୍ୟାଦି ସଂଗ୍ରହ କରି ଚଳିଥାନ୍ତି।



ଲଳିମା ମଲ୍ଲିକ, ଦଶମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନୁଡୁଗୁଡି, କନ୍ଧମାଳ

# ଗୁଗୁରୁମାହା

ଗୁଗୁରୁମାହା ଗ୍ରାମ ନିଘଞ୍ଚ ବନାନୀ ଘେରା ପାହାଡ଼ର ଗୋଟିଏ ପାର୍ଶ୍ୱରେ ଅବସ୍ଥିତ । ପାହାଡ଼ର ସବୁଜିମା କୋଳରେ ଅଙ୍କେଇ ବଙ୍କେଇ ହୋଇ ରାସ୍ତାଟିଏ ପହଞ୍ଚିଯାଇଛି ଏହି ଗ୍ରାମକୁ । କନ୍ଧମାଳ ଜିଲ୍ଲା ସଦରମହକୁମାଠାରୁ ପ୍ରାୟ ୧୭୦କି.ମି ଦୂରତା ଗଲାପରେ ଏହି ଗ୍ରାମ ଦେଖିବାକୁ ମିଳେ । ଏହି ଗ୍ରାମ କୋଟଗଡ଼ ବ୍ଲକଠାରୁ ଦୂରତା ପ୍ରାୟ ୩୫କି.ମି ଅଟେ ।

ଏହି ଗ୍ରାମର ନାମ ଗୁଗୁରୁ ମାହା ନାମକରଣର ମଧ୍ୟ ଗୋଟିଏ ତାତ୍ପର୍ଯ୍ୟ ରହିଛି । ବହୁତଦିନ ତଳର କଥା ଏଠାରେ ସେମିତି କିଛି ଗ୍ରାମ ନଥିଲା । କେବଳ ଜଣେ ବୁଢ଼ୀ ଯାହାର ନାମ କି "ରାଧାମାଈ" । ରାଧାମାଈ ନିଜର କେତେକ ଲୋକଙ୍କୁ ନେଇ ଅଞ୍ଚଳର ବିରାଟ ବଡ଼ ଆମ୍ବତୋଟା ନିକଟରେ ବସତି ସ୍ଥାପନ କରି ନିଜର ଜୀବିକା ନିର୍ବାହ କରିରହୁଥିଲା । ଏହି ସମୟ ମଧ୍ୟରେ କପୋତ ଚଢେଇ ଆସି ଏହି ବିରାଟ ଆମ୍ବତୋଟାରେ ପ୍ରତ୍ୟେକଦିନ ରାବ ଦେଉଥାଏ । କପୋତ ଚଢେଇକୁ କୁଇ ଭାଷାରେ "ଗୁଗୁରିପଟା" ବୋଲି କହନ୍ତି । ଆମ୍ବକୁ କୁଇଭାଷାରେ "ମାହା"



ସୁନୀତା ବଡ଼ସେଟ୍, ସପ୍ତମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁଗୁଲି, କନ୍ଧମାଳ

ବୋଲି କହନ୍ତି । ତେଣୁ ଏହିପରି ଭାବରେ ଏହି ଗ୍ରାମର ନାମ "ଗୁଗୁରମାହା" ବୋଲି ନାମକରଣ କରାଯାଇଛି ।

ଏହି ଅଞ୍ଚଳରେ ସାଧାରଣତଃ ଆଦିବାସୀ (କନ୍ଧ) ଏବଂ ଡମ୍, ପାଣ(ଅନୁସୂଚିତ ଜାତି) ସଂପ୍ରଦାୟର ଲୋକ ବସବାସ କରିଥାନ୍ତି । କନ୍ଧଲୋକମାନେ କୁଇ ଭାଷାରେ ଓ ଡମ୍, ପାଣଲୋକମାନେ ତାଙ୍କର ସ୍ୱ-ଭାଷାରେ କଥାବାର୍ତ୍ତା କରିଥାନ୍ତି । ସାଧାରଣତଃ ଏହି ଅଞ୍ଚଳର ଆଦିବାସୀ ଲୋକମାନେ କାନ୍ଦୁଲ, ଝୁଡ଼ଙ୍ଗ, ବିରି, କୋଳଥ, ତିଳା ପାହାଡ଼ ଉପରେ ଚାଷକରି ଜୀବିକା ନିର୍ବାହ କରନ୍ତି । ଡ଼ମ୍ ଓ ପାଣ ଲୋକମାନେ ଛୋଟ ବ୍ୟବସାୟକରି ଜୀବିକା ନିର୍ବାହ କରିଥାନ୍ତି । ଏହି ଅଞ୍ଚଳରେ ଅଧିକାଂଶ ଲୋକମାନେ ଖ୍ରୀଷ୍ଟିଆନ ଧର୍ମରେ ଦୀକ୍ଷିତ । ହିନ୍ଦୁଧର୍ମର ଲୋକମାନେ ଦଶହରା, ନୂଆଖାଇ ଆଦିପର୍ବ ପାଳନ୍ତ କରନ୍ତି । ଖ୍ରୀଷ୍ଟଧର୍ମରେ ଲୋକେ କେବଳ ବଡ଼ଦିନ ଓ ଶୁଭ ଶୁକ୍ରବାର ଆଦିପର୍ବ ପାଳନ୍ତି । ବେଶ ପୋଷାକ ମଧ୍ୟ ସାଧରଣ ଅଟେ ।

# ତାଳପଡ଼ା

ଗ୍ରାମ ର ନାମ ତାଳପଡ଼ା ଏହା କନ୍ଧମାଳ ଜିଲ୍ଲାର ଫୁଲବାଣୀ ବ୍ଲକ ଅନ୍ତର୍ଗତ ଅଟେ । ଏହା ଫୁଲବାଣୀ ଠାରୁ ପ୍ରାୟ ୨୫କି.ମି ଦୂରତା ମଧ୍ୟରେ ଅବସ୍ଥିତ । ଏହା ଫୁଲବାଣୀ ବ୍ଲକର ଦୁଲୁକି ଗ୍ରାମ ପଞ୍ଚାୟତରେ ଅବସ୍ଥିତ । ଗାଁର ନିକଟବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ଓଡ଼ିଆ ଜାତିର ଅଧିବାସୀ ବସବାସ କରିଥାନ୍ତି । ତାଳପଡ଼ା ଗ୍ରାମଟି ଦୁଲୁକି ଗ୍ରାମ ପଞ୍ଚାୟତର ସବୁଠାରୁ ନିକଟବର୍ତ୍ତୀ ଓ ମୁଖ୍ୟ ଗ୍ରାମ ହୋଇଥିଲେ ମଧ୍ୟ ଏବଂ କିଛି ଦୋକାନ ବଜାର, ଅଙ୍ଗଡ଼ବାଡ଼ି କେନ୍ଦ୍ର ପଶୁ ଡ଼ାକ୍ତରଖାନା, ଆମ ବିଦ୍ୟାଳୟ ଓ ଏକ ଏ.ଏନ୍. ଏମ୍ ସେଣ୍ଟର ରହିଥିଲେ ମଧ୍ୟ ଏହି ଗ୍ରାମରେ ହାଟ ନାହିଁ । ତେଣୁ ପନିପରିବା ଇତ୍ୟାଦି ପାଇଁ ଆଖପାଖ ଗ୍ରାମ ଉପରେ ନିର୍ଭର କରିବାକୁ ପଡେ ଓ ସେଥିପାଇଁ ସେଠାକାର ଗ୍ରାମବାସୀମାନଙ୍କ ସହିତ ଏହି ଗ୍ରାମର ଏକ ଘନିଷ୍ଠ ସମ୍ପର୍କ ଗଢିଉଠିଛି ।

ଆଖପାଖ ଗ୍ରାମର କିଛି ବରିଷ୍ଠ ଲୋକମାନଙ୍କର ମତ ଅନୁସାରେ, ବହୁବର୍ଷ ପୂର୍ବେ ଏହି ତାଳପଡ଼ା ଗ୍ରାମ ସ୍ୱାଧିନତା ସଂଗ୍ରାମୀ ମାନଙ୍କର ବସତି ସ୍ଥଳୀ ଥିଲା । ସେମାନେ ପାଖରେ ଥିବା (ଅନ୍ୟୁନ୍ୟ ୧୦କି.ମି) ବିଶିପୂଜାରେ ରହୁଥିବା "ବିଶି" ମାନଙ୍କ ସହ ମିଶି ସ୍ୱାଧିନତା ସଂଗ୍ରାମରେ ଭାଗ ନେଉଥିଲେ ।

ଆଉ କିଛି ବରିଷ୍ଠ ବ୍ୟକ୍ତିମାନଙ୍କ ଅନୁସାରେ ତାଳପଡ଼ାର ନାମକରଣ ପଛରେ ଏକ ସୁନ୍ଦର ଇତିହାସ ରହିଛି । ଇତିହାସ ଅନୁସାରେ ଗୋଟିଏ

ଜାଗାର ବସତିକୁ ବାଛି ଅନ୍ୟ ଏକ ଜାଗାରେ ନୂତନ ବସତି ସ୍ଥାପନ କରୁଥିଲେ । ଗ୍ରାମ ଚତୁଃପାର୍ଶ୍ୱରେ ପାହାଡ଼ ପର୍ବତମାନ ରହିଅଛି । ପାହାଡ଼ ଗୁଡ଼ିକର ବର୍ଷାପାଣି ଆସି ଏକ କେନାଲ ସୃଷ୍ଟି କରିଛି । ତେଣୁ ଲୋକମାନେ ଏହି କେନାଲ କୂଳରେ ବସବାସ ସୃଷ୍ଟି କରିଥିଲେ । ପାହାଡ଼ର ପାଦଦେଶରେ ବା ତଳେ ବସତି ସ୍ଥାପନ ହୋଇଥିବାରୁ ଏହାକୁ "ତାଳପଡ଼ା" ନାମିତ କରାଗଲା କିନ୍ତୁ ଅନତି ଦୂରରେ ଆଉ ଏକ ତଳପଦା ନାମ ଏକ ଗ୍ରାମ ଥିବାରୁ ଏହି ନୂତନ ଗ୍ରାମକୁ ଚିହ୍ନିବାରେ ଅସୁବିଧା ହେଲା । ତେଣୁ ଲୋକମାନେ ଏହି ଗ୍ରାମକୁ ସହଜରେ ଚିହ୍ନିବା ପାଇଁ ଏହି ଗ୍ରାମର ନାମକୁ "ତଳପଡ଼ା" ପରିବର୍ତ୍ତେ "ତାଳପଡ଼ା" ନାମରେ ନାମିତ କଲେ । ସେହି ଦିନଠାରୁ ଏହି ଗ୍ରାମଟି "ତାଳପଡ଼ା" ନାମରେ ଲୋକଙ୍କ ମୁଖରେ ପ୍ରଚଳିତ ।



ଲକ୍ଷ୍ମୀ କହଁର, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁଡୁଲି, କନ୍ଧମାଳ

# ବସ୍ତିଙ୍ଗିଆ

ବସ୍ତିଙ୍ଗିଆ ଗ୍ରାମର ପୂର୍ବଦିଗରେ ଗୋଟିଏ ମନ୍ଦିରଟିଏ ଅବସ୍ଥିତ ଯାହା ବୃଭଙ୍ଗ ମନ୍ଦିର ନାମରେ ନାମିତ । କହିବା ଅନୁସାରେ ବୃଭଙ୍ଗ ମନ୍ଦିରରୁ ବାହାରଛି ବୃଭଙ୍ଗ ନଦୀ । ଏହି ନଦୀ ଦଶପଲ୍ଲାଦେଇ ନୟାଗଡ଼ ଜିଲ୍ଲାର ପଦ୍ମାବତୀ ଗ୍ରାମର ମହାନଦୀଠାରେ ପଡ଼ିଛି ।

ଏହି ଗ୍ରାମଟି ବେହେରା ଗ୍ରାମପଞ୍ଚାୟତରେ ଅନ୍ତର୍ଭୁକ୍ତ । ଏହି ଗ୍ରାମର ଲୋକସଂଖ୍ୟା ପ୍ରାୟ ୫୦୦ ରୁ ୮୦୦ ହେବ । ପ୍ରାୟ ଅଧିକାଂଶ ଲୋକ ଗ୍ରାମର ଆଦିବାସୀ ସଂପ୍ରଦାୟର । ଶତକଡ଼ା ୭୫% ଭାଗ ଆଦିବାସୀ, ଶତକଡ଼ା୧୫% ଭାଗ ଅନୁସୂଚିତ ଜାତି ଓ ୧୦% ଭାଗ ଲୋକ ଅନ୍ୟାନ୍ୟ ବର୍ଗର ଅଟନ୍ତି । ଆଦିବାସୀମାନଙ୍କର ଭାଷା କୁଇ, ସେମାନଙ୍କର ପୁଅଝିଅମାନେ କୁଇକଥା କହିଥାନ୍ତି । କୁଇ ସେମାନଙ୍କର ମାତୃଭାଷା । ଆଦିବାସୀ ପରିବାରମାନଙ୍କ ମଧ୍ୟରୁ କେତେକ ପରିବାର ସେମାନଙ୍କର ପିଲାମାନଙ୍କୁ ଜନ୍ମରୁ ଓଡ଼ିଆ ଶିଖାଇ ଥାଆନ୍ତି କିନ୍ତୁ ସେମାନେ କୁଇରେ ପରିବାର ସଦସ୍ୟଙ୍କ ମଧ୍ୟରେ କଥାବାର୍ତ୍ତା କରିଥାନ୍ତି ।



କନକଲତା ମଲିକ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁହୁଡୁଲି, କନ୍ଧମାଳ

ଏହି ଗ୍ରାମଟି କାହିଁକି ବସ୍ତିଗିଁଆ ହେଲା କେହି ସଠିକ ଭାବରେ ଜଣାନାହି । ଗାଁ ଲୋକ ପ୍ରକୃତିକୁ ଭଲପାଆନ୍ତି । ପ୍ରକୃତି ସହିତ ବଞ୍ଚିବା ଏକ ନିଆରା ଅଭ୍ୟାସ । ପ୍ରତ୍ୟେକ ଲୋକ ଘରକରଣା ସାମଗ୍ରୀ ତିଆରି କରିବାରେ ସିଦ୍ଧହସ୍ତ । ସେମାନେ ଗୋଟିଏ ଗୋଟିଏ ଶିଳ୍ପୀ । ନିଜ ହାତରେ ନିଜେ ସୁନ୍ଦର ଘର ନିର୍ମାଣ କରିବାରେ ସେମାନେ ସିଦ୍ଧହସ୍ତ । ଏହି ଗ୍ରାମରେ ଜଣେ ଆଦିବାସୀ ଲୋକଟିଏ, ଆଗକାଳରେ ପ୍ରଚଳିତ ୨୦ପଇସା ମୁଦ୍ରା ଆକାରରେ ଗୋଟିଏ ସୁନ୍ଦର ଘରଟିଏ ନିର୍ମାଣ କରିଛନ୍ତି । ଦେଖିଲେ ମନରେ ଅନେକ ଆନନ୍ଦ ଆସିଥାଏ ।

ଗ୍ରାମ ନିକଟରେ ଶିବ ମନ୍ଦିରଟିଏ ଅବସ୍ଥିତ। ସେହି ଗ୍ରାମଟି ଡୁଙ୍ଗୀ ନାମରେ ପରିଚିତ। ଏହିଠାରେ ପଞ୍ଚଲିଙ୍ଗେଶ୍ୱର ଆବିର୍ଭାବ ହୋଇଥିବାର ପ୍ରନ୍ତତାତ୍ତ୍ୱିକ ଖନନଦ୍ୱାରା ଅନୁମେୟ। ଏଠାରେ କାର୍ତ୍ତୀକ ମାସର ଶେଷ ସୋମବାର ଦିନ ପ୍ରବଳ ଲୋକଙ୍କର ସମାଗମ ହୋଇଥାଏ । ଏହି ଦିନ ଆଦିବାସୀ ସଂପ୍ରଦାୟର ଲୋକମାନେ ନଦିଆ କିର୍ତ୍ତନ କରିଥାଆନ୍ତି ।

# ବାଟାଗୁଡ଼ା

ବାଟାଗୁଡ଼ା ଗ୍ରାମର ନାମକରଣ ଏହି ପ୍ରକାର ହେଉଛି ଯେ, ବାଟାଙ୍ଗ୍ କହିଲେ କୁକୁଡ଼ା ଅଣ୍ଡାଗୁଡ଼ା, କହିଲେ ଗୋଲ୍ ଅର୍ଥାତ୍ ବାଟାଗୁଡ଼ା । ସେହି ଗ୍ରାମରେ ପୂର୍ବ ଦିନରେ ବହୁତ ପରିମାଣରେ କୁକୁଡ଼ା ଅଣ୍ଡା ମିଳୁଥାଏ କାରଣ ସେହି ଗ୍ରାମରେ ପ୍ରତ୍ୟେକ ଘରେ ମାଈ କୁକୁଡ଼ା ଯଦି ଅଣ୍ଡାଦିଏ ତାହାହେଲେ ପ୍ରାୟ ୨୫-୩୦ଟି ଅଣ୍ଡା ଦେଇଥାଏ । ସେଥିପାଇଁ ସେହି ଗ୍ରାମର ନାମ ବାଟବୁଡ଼ା ରଖାଯାଇଛି । ଏହି ଗ୍ରାମ ପ୍ରାୟ ୫୦୦ ଲୋକସଂଖ୍ୟା ବିଶିଷ୍ଟ ଅଟେ ।

ବାଟାଗୁଡ଼ା ଗ୍ରାମ ଗୋଟିଏ ମନୋରମ ଗ୍ରାମ ଅଟେ । ସେହିଗ୍ରାମ ଚାରିପଟେ ପାହାଡ଼ ଘେରି ରହିଛି ଏବଂ ଗ୍ରାମଦେଇ ଗୋଟିଏ ନଦୀ ପ୍ରବାହିତ ହୋଇଛି । ସବୁ ସମୟରେ ନଦୀର ଜଳ କୁଳୁକୁଳୁ ନାଦ କରି ଆଗକୁ ମାଡି ଯାଉଛି । ସେହି ନଦୀ ଥିବାରୁ ସେହି ଗ୍ରାମର ଲୋକମାନେ ବିଭିନ୍ନ ପ୍ରକାର ଶସ୍ୟ, ପନିପରିବା ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ନଦୀ ଥିବାରୁ ଗ୍ରାମର ଲୋକମାନେ ଖୁସିରେ ଜୀବନଯାପନ କରନ୍ତି । ବାଟଗୁଡ଼ା ଗ୍ରାମର ପୂର୍ବ ଦିଗରେ ବାଟଗୁଡ଼ା ଆଶ୍ରମ ବିଦ୍ୟାଳୟ ଅବସ୍ଥିତ । ସେଠାରେ ସବୁବର୍ଗର ଛାତ୍ରଛାତ୍ରୀ ଅଧ୍ୟୟନ କରିଥାନ୍ତି । ପୂର୍ବ ଦିଗରେ ବହୁତ ପୁରୁଣା ଶିବ ମନ୍ଦିରରେ ସ୍ୱୟଂ ନୀଳକଣ୍ଠେଶ୍ୱର ବାବା ପୂଜା ପାଆନ୍ତି ।

ବାଟଗୁଡ଼ା ଗ୍ରାମର ସଂସ୍କୃତି ଅତି ପୁରୁଣା । ଗ୍ରାମର ଲୋକମାନେ ଅଧିକାଂଶ ହିନ୍ଦୁ ଧର୍ମାବଲମ୍ବୀ ଅଟନ୍ତି । ଗ୍ରାମର ଲୋକମାନେ ବର୍ଷରେ ବିଭିନ୍ନ ପୂଜା ପର୍ବାଣୀ ପାଳନ କରନ୍ତି । ସେହି ପର୍ବମାନଙ୍କ ମଧ୍ୟରୁ ଚୈତ୍ର ପର୍ବ ଗୋଟିଏ ମୁଖ୍ୟ ପର୍ବ ଅଟେ। ସେହି ପର୍ବରେ ଗୋଟିଏ ପୋଡ଼କୁ ପୂଜା କରାଯାଏ । ପୋଡ଼ଯାତ୍ରା କରିବା ପାଇଁ ପ୍ରଥମେ

ସେମାନେ ଗ୍ରାମର ପ୍ରତ୍ୟେକ ବ୍ୟକ୍ତି ସାହି ମଝିରେ ବସି ଗୋଟିଏ ବୈଠକ କରନ୍ତି । ପୋଡ଼ଯାତ୍ରା ପାଇଁ ଦିନ ଧାର୍ଯ୍ୟ ଏବଂ ଯାତ୍ରା କିପରି ସୂଚାରୁ ରୂପେ ପାଳନ କରିହେବ । ସେହି ପ୍ରଥମେ ନିଷ୍ପତ୍ତି ନିଅନ୍ତି । ତାହାପରେ ଯେଉଁଦିନ ପୋଡ଼ ବଳି ଦିଆଯିବ ସେହିଦିନ ସେମାନେ ଚତୁଃପାର୍ଶ୍ୱର ଗ୍ରାମର ଲୋକମାନଙ୍କୁ ନିମନ୍ତ୍ରଣ କରନ୍ତି । ସେହିଭଳି ପ୍ରତ୍ୟେକ ଲୋକମାନେ ଗୋଟିଏ ନିର୍ଦ୍ଦିଷ୍ଟ ପୂଜା ସ୍ଥାନକୁ ଚାଙ୍ଗୁ ଓ ଢୋଲ ଧରି ଗ୍ରାମର ସମସ୍ତ ବାପା, ମା, ଭାଇ ଭଉଣୀ ଆସନ୍ତି ଏବଂ ସେହି ପୋଡ଼କୁ ଗୋଟିଏ ଖୁଣ୍ଟରେ ବାନ୍ଧି ଗୋଟିଏ ଦିନ ନାଚନ୍ତି । ତାହର ପରଦିନ ପୁଣି ସେହି ପୋଡକୁ ସମସ୍ତ ଲୋକମାନେ ଗୋଟିଏ ସ୍ଥାନରେ ରୁଣ୍ଡହୋଇ ରଖନ୍ତି । ସେ ପୋଡ଼ ମାଂସକୁ ନେଇ ଜମିରେ ପେଡ଼ନ୍ତି କାରଣ ସେମାନେ ବିଶ୍ୱାସ କରନ୍ତି ଯେ, ଏହା ଦ୍ୱାରା ଶସ୍ୟ ଅମଳ ଅଧିକ ହୁଏ ।

ଭାଷା-ଏହି ଗ୍ରାମର ଲୋକମାନେ ଆଦିବାସୀ ସଂପ୍ରଦାୟ ହୋଇଥିବାରୁ ଆଦିବାସୀ ଭାଷା ବିଶେଷତଃ କୁଇ ଭାଷାରେ କଥାବାର୍ତ୍ତା କରନ୍ତି । ବେଳେ ବେଳେ ସେମାନେ ଓଡ଼ିଆ ଭାଷାରେ କଥାବାର୍ତ୍ତା ହୁଅନ୍ତି ।



ଅନିମା ପ୍ରଧାନ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଦୁତୁଲି, କନ୍ଧମାଳ

# ରେବିଙ୍ଗିଆ

ଗ୍ରାମର ନାମ ରେବିଙ୍ଗିଆ । ଏହି ଗ୍ରାମ ଓଡ଼ିଶାର କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ବାଲିଗୁଡ଼ା ବ୍ଲକର ରେବିଙ୍ଗିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ । ଏହି ଗ୍ରାମର ଚାରିପାଖ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ । ଏହି ଜଙ୍ଗଲରେ ମୁଖ୍ୟତଃ ଶାଳୁଆ ଗଛ ଅଧିକାଂଶ ରହିଛି । ଏହାର ଚାରିପାଖରେ ଥିବା ନିକଟତମ ଗ୍ରାମଗୁଡ଼ିକ ହେଉଛି ପୂର୍ବରେ ବାରଖମା, ପଶ୍ଚିମ ଦିଗରେ ସାତମାସ୍କା, ଉତ୍ତରରେ କୁଟିଗୁଡ଼ା ଓ ଦକ୍ଷିଣରେ ଗକାରି ସାହି ରହିଛି । ଏହାର ଆଖପାଖ ଗ୍ରାମଗୁଡ଼ିକ ହେଉଛିମାଦା, ଡ଼ାପ ଡ଼ାଙ୍ଗିଆ, ବୁଦାଗୁଡ଼ା ଇତ୍ୟାଦି । ଏହି ଗ୍ରାମର ମଝିରେ ମଝିରେ ଆମ୍ବ ଗଛ, ପଣସ ଗଛ, ଜାମୁ, ବରକୋଳି ଗଛ ରହି ଗ୍ରାମର ପରିବେଶକୁ ସୁନ୍ଦର କରୁଛି । ଏହି ଗ୍ରାମରେ ମୋଟ ୪୦୦ ଘର ରହିଛି । ଘର ଗୁଡ଼ିକ ମୁଖ୍ୟତଃ ଛପର ଘର । ଅଳ୍ପ କେତୋଟି କୋଠା ଘର । ଏହି ଗ୍ରାମର ବିଦ୍ୟାଳୟର ନାମ ହେଉଛି "ଉନ୍ନିତ ଆଶ୍ରମ ବିଦ୍ୟାଳୟ", ରେବିଙ୍ଗିଆ । ଏହି ସ୍କୁଲରେ ପ୍ରାୟ ୩୭୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରିଥାନ୍ତି ।

ଏହି ଗ୍ରାମରେ ମୋଟ ବିଭିନ୍ନ ସଂପ୍ରଦାୟର ପ୍ରାୟତଃ ଦୁଇ ହଜାରରୁ ଅଧିକ ଲୋକ ବାସ କରନ୍ତି । ଲୋକମାନଙ୍କ ମଧ୍ୟରୁ ପ୍ରାୟତଃ କନ୍ଧ ଜାତିର ଅଧିକାଂଶ ଲୋକ ବାସ କରନ୍ତି । ଏହାଛଡ଼ା ଏହି ଗ୍ରାମରେ ବ୍ରାହ୍ମଣ, ଗଉଡ଼, ଧୋବା, କୁମ୍ଭାର ଲୋକ ବାସ କରନ୍ତି । ଏହି ଗ୍ରାମର ଲୋକମାନେ ମୁଖ୍ୟତଃ ଓଡ଼ିଆ ଓ କୁଇ ଭାଷାରେ କଥାବାର୍ତ୍ତା କରିଥାନ୍ତି । ଏହି ଗ୍ରାମର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି । ଚାଷିମାନେ ବିଭିନ୍ନ ପନିପରିବା ଯଥା-ଆଳୁ, କୋବି, ଟମାଟୋ, ମଟର, ବାଇଗଣ, ସାରୁ ଇତ୍ୟାଦି ଫସଲ ଯଥା-ଧାନ, ମକା, ହଳଦୀ, ବିରି, ମୁଗ, କଦଳୀ ଚାଷ କରିଥାନ୍ତି । ଏହି ଗ୍ରାମରେ ଅଳ୍ପ ଦୋକାନ ରହିଛି, ତେଣୁ ଲୋକମାନେ ମୁଖ୍ୟତଃ ବାଲିଗୁଡ଼ା ବଜାର ଓ ବାରଖମା ବଜାର ଉପରେ ନିର୍ଭର କରିଥାନ୍ତି ।

ଏହି ଗ୍ରାମରେ ବିଭିନ୍ନ ପର୍ବପର୍ବାଣୀ ଯଥା- ରଜ, ଗହ୍ମା ପୂର୍ଣ୍ଣିମା, ଦଶହରା, କାର୍ତ୍ତିକ ପୂର୍ଣ୍ଣିମା ମାଣବସା ଗୁରୁବାର, ମେରୁଯାତ୍ରା ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ । ଏହି ଗ୍ରାମରେ ପ୍ରତିବର୍ଷ ଦୌଡ଼ ଯାତ୍ରା ମାର୍ଚ୍ଚ ମାସରେ ଅନୁଷ୍ଠିତ ହୁଏ ।



ବିନିତା ମଳିକ, ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ



# ନବ ସୃଜନ

## ଗ୍ରାମ୍ୟ ସଂସ୍କୃତି

ହେଲା କନ୍ଧମାଳ ଥିଲା ଫୁଲବାଣୀ
କାହିଁକି ହେଲା କେଜାଣି
ଏହି ଭଳି ଆମ ଗ୍ରାମ ବିବରଣୀ
ଶୁଣ ମୋ ଭାଇ ଭଉଣୀ

ବେଶି ବଡ଼ ନାହିଁ ଛୋଟ ବି ନୁହଁଇ
ଗ୍ରାମଟି ନାରିଙ୍ଗି ଝୋଲା
ଅତୀତ କାହଣୀ କେ ପାରିବ ଜାଣି
ବର୍ଣ୍ଣି ନ ପାରିବେ ଭୋଳା

କହୁଥିଲେ ଦିନେ ଜେଜେ ବାପାମାନେ
ଶୁଣି ଅଛି ମୁହିଁ କାନେ
ନାନା ରଙ୍ଗେ ନାରୀ ବିଭୂଷିତା ହୋଇ
ଝୁଲୁଥାନ୍ତି ଉପବନେ

ସେଇ ଦିନୁ ନାମ ନାରିଙ୍ଗି ଝୋଲାଟି
ଅଟଇ ଆମ ଗ୍ରାମର
ଅନେକ ଫୁଲରେ ମାଳଟିଏ ପରି
ଦିଶଇ କେଡେ ସୁନ୍ଦର

ଗ୍ରାମ ଶୁଣୀ, ପିତାବଳୀ ଦେବୀ ଆଦି
ଗୁହାଳେ କରନ୍ତି ପୂଜା

ଛେଳି କୁକୁଡ଼ା ବି ବାଦ୍ ପଡ଼ନ୍ତି ନି
ମହୁରୀ ସଂଗରେ ବାଜା
ମଦ ପାଣି ପିଇ ମାତାଲ ହୋଇଣ
କାନ୍ଧକୁ ମିଶାଇ କାନ୍ଧ
ଗୀତ ସ୍ୱରେ ସ୍ୱରେ ନାଚନ୍ତି ନାରୀଏଁ
ମନରେ ଭରି ଆନନ୍ଦ

ଲେଖୁ ଲେଖୁ କେତେ ଲେଖିଦେଇ ଅଛି
ମନେ ଧରିବନି ଦୋଷ
ଗ୍ରାମର ନାମକୁ ଗ୍ରାମର ସଂସ୍କୃତି
ଏଇଠି କରିଲି ଶେଷ



# ପିତାମାତା



ପିତା ମାତା ଆମ ବଡ଼ ଦେବତା
ସେହି ଆମର ଜଗତ ପିତା
ମା ହିଁ ଆମକୁ ପାଳିଥାଏ ସତ
ଭଲବାଟ ଦିଏ ଗୁରୁଜଗତ ।
ତାଙ୍କଠାରୁ ଆମେ ଶୁଣୁ ବଚନ
ପିତାମାତାଙ୍କୁ ଦେଉ ସମ୍ମାନ
ତାଙ୍କଠାରୁ ଆମେ କଣ ନ ପାଉ
ତାଙ୍କୁ ପାଇଁ ଆମେ ଖୁସି ମନାଉ ।
ପିତା ହିଁ ଆମର ପ୍ରଥମ ଗୁରୁ
ମାତା ଆର୍ଶୀବାଦ ଆମେ ଅଳିକରୁ ।
ପିତାମାତାଙ୍କର ମୁଖ ଦର୍ଶନ
ସଫଳ କରିବା ତାଙ୍କର ମନ ।
ପିତା ମାତାଙ୍କଠୁ ବଡ଼ନାହିଁ କେହି
ତାଙ୍କ ରକତଠୁ ଗଢ଼ା ମୁହିଁ
ପିତା ମାତାଙ୍କ ଯେ କରେ ଅପମାନ
ବଢ଼େନାହିଁ ତାର ମାନ ସମ୍ମାନ
ପିତା ମାତା ମୋର ବଡ଼ ସମ୍ପଦ
ତାଙ୍କେ ଥିଲେ ମୋର ନାହିଁ ବିପଦ ।

**କମଳିନୀ ପ୍ରଧାନ**
ନବମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କୁତୁତୁଲି, କନ୍ଧମାଳ

# ନୂଆ ବହି

ପରୀକ୍ଷା ସରିଛି
ନୂଆ ବହି ପାଇଁ ଅପେକ୍ଷା କରିଛି ।
ଆସିବ ବହି,
ଗୋଟି ଗୋଟି କରି ସବୁ ଦେଖିବି
ଦେଇ ମଲାଟ
ସବୁ ବହିରେ ଲେଖିବି ନାମ ।

ରଙ୍ଗ ବେରଙ୍ଗର
ଚିତ୍ର ଆଗରେ ମୋ ବହିସବୁ
ସଜାଡ଼ି ଦେବି ।
ବିଦ୍ୟାଳୟ ଯେବେ ଆରମ୍ଭ ହେବ
ନୂଆ ନୂଆ ଖାତା କେତେ ଯେ ଆସିବ ।
ନୂଆ ପାଠକୁ ଆଦର ବଢ଼େ
ଅତି ଯତନରେ ତାକୁଇ ପଢ଼େ ।
ବରଷକର ଅପେକ୍ଷା ଶେଷ ହୋଇଛି,
ନୂଆ ବହି ସବୁ ସାଇତି ରଖିଛି ।
ଭଳି ଭଳି ବହି ପାଖରେ ଥିଲେ,
ସମୟ ସାଥିରେ ଚାଲଇ ସିଏ ।

**ସୁମଲତା ପ୍ରଧାନ**
ଦଶମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କୁତୁତୁଲି , କନ୍ଧମାଳ



# ମନ ଲଗାଇ ପଢ଼ିଲେ ପାଠ, ରଖିବ ଦେଶର ନାଆଁ

ପୂରୁବ ଦିଗେ ସୂରୁଜ ଉଏଁ
କାଉ ଡ଼ାକଇ କାଆ ।
ମନଲଗାଇ ପଢ଼ିଲେ ପାଠ
ରଖିବ ଦେଶର ନାଆଁ ।
ବସନ୍ତ କାଳେ ମଳୟ ବାଆ
ଦକ୍ଷିଣ ଦିଗୁ ବହେ
କର୍ମଠ ହୋଇ କାର୍ଯ୍ୟ କରିଲେ
ଦେଶ ଉନ୍ନତ ହୁଏ ।
ଗ୍ରୀଷମ କାଳେ ପାଚିଲା ବେଲ
ଦେହକୁ ବଡ଼ ହିତ
ବହି ଆମର ଅଟଇ ସାଥି
କଲମ ଆମ ମିତ ।
ବରଷା କାଳେ ମୁଢ଼ି ନଡ଼ିଆ
ଲାଗଇ ଭାରି ଭଲ
ସୁଶୀଳ, ଶାନ୍ତ, ବିନୟୀ ହେଲେ
କରିବେ ସର୍ବେ ଗେଲ ।
ଶୀତ ଦିନରେ ରାତିଟି ବଡ଼
ଦିନ ଅଟଇ ସାନ
ସାରା ବିଶ୍ୱରେ ମୋ ଜନ୍ମଭୂମି
ଭାରତ ଯେ ମହାନ୍ ।
ପଶ୍ଚିମ ଦିଗେ ସୂରୁଜ ବୁଡ଼େ
ଏହି କଥାଟି କହି
ମଣିଷ ମଲେ ଯଶ ତାହାର
ରହେ ଅମର ହୋଇ ।

**ଅପରାଜିତା ପ୍ରଧାନ**
ସପ୍ତମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କୁହୁଡୁଳି , କନ୍ଧମାଳ



## ରେମୋ

ବଣ, ପାହାଡ଼, ମୂଳକେ ରହେ
ଲୋକଙ୍କ ଭାଷାରେ ନିରକ୍ଷରଟାଏ
ସହରୀ, ଶିକ୍ଷିତ, ଲକ୍ଷଣ ନାହିଁ
ପ୍ରକୃତି ପୂଜକ କେରେଙ୍ଗ ପିନ୍ଧା ମଣିଷଟାଏ ।
ମନୁଷ୍ୟ ବୋଲି ବୁଝାଇ ଦେବା
ଭାଷା ନାହିଁ ମୋ ମୁଖେ
ତେଣୁ ମୁଁ ନିଜକୁ ରେମୋ କହେ ।
ମୋ ଭାଷା ସହିତ ପରିଚିତ ଯିଏ
ସେ, ଠଉରେଇନିଏ ମୁଁ ମଣିଷଟିଏ ।
ସାତଘେରା ପାହାଡ଼ ରାଇଜ ମୋର
ରାଜଧାନୀ ଠାରୁ ଅନେକ ଦୂର
ମହୁଲଗଛ ଏଠି ମୋ ଦେବତା
ସୂର୍ଯ୍ୟ ଚନ୍ଦ୍ରଙ୍କୁ ପୂଜେ ମୁଁ ସଦା ।
ପରିଦର୍ଶକ ଉପହାସ କରନ୍ତି,
ଦେଖି ମୋ ଅର୍ଦ୍ଧନଗ୍ନ ରୂପ
ଯେପରି ମୁଁ ନୁହେଁ ଏ ମାଟିର ସୁତ ।
ଫଟଚିତ୍ର ମୋର ବିଦେଶ ଯାଏ
ମୁଁ ମଣିଷଟାଏ
ତେଣୁ ମୁଁ "ରେମୋ" କହିଥାଏ ।

**ପ୍ରମୋଦ କୁମାର ମହାନ୍ତି**
ସରକାରୀ ଶିକ୍ଷକ, ଆଶ୍ରମ ବିଦ୍ୟାଳୟ, ରାଣୀଗଡ଼,
କୋରାପୁଟ



## ମୋ ଗାଆଁ

ସବୁଠୁ ସୁନ୍ଦର ଗାଆଁଟି ମୋର
ନାଆଁଟି ତାର କି ମନୋହର ।
ସବୁଜ ପାହାଡ଼ ସବୁଜ ବଣ
ଟାଣି ନିଏ ସଦା ଆମରି ମନ ।
ଟିକି ଝରଣାର ମଧୁର ଜଳ
ସେହି ଜଳ ପିଇ ହେଉ ଚଞ୍ଚଳ ।
ଅଙ୍କା ବଙ୍କା ନଈ ଯାଇଛି ବହି
କାନେ କାନେ କେତେ କଥାଟି କହି ।
ଦିନରେ ସୂରୁଜ ଆଲୋକ ଦିଏ
ସଞ୍ଜ ହେଲେ ଜହ୍ନ ଆକାଶେ ଉଏଁ ।
ଜୀବଥିବା ଯାଏ ଏଦେହେ ମୋର
ଭୁଲି ନ ପାରିବି ଗାଆଁକୁ ମୋର ।

**ପ୍ରିୟଦର୍ଶିନୀ ପ୍ରଧାନ**
ଷଷ୍ଠ ଶ୍ରେଣୀ,
ସରକାରୀ ଆଶ୍ରମ ବିଦ୍ୟାଳୟ
ବାଟାଗୁଡ଼ା, କନ୍ଧମାଳ



## ଜୀବନ

ଜୀବନ ଯାହାର ପରର ଆଖିରୁ
ଝରାଏ ଦି ଟୋପା ଲୁହ
ନର ନୁହେଁ ସିଏ ଅଟେ ନରାଧମ
ଏ କଥାଟି ଜାଣିଥାଅ ।
କଥାଦେଇ ଯିଏ କଥା ରଖେନାହିଁ
ବୁଝେ ନାହିଁ କାହା ମନ
ମଣିଷ ନୁହଁଇ ଅଟେ ସେ ଅଧମ
ପାଏ ନାହିଁ ସନମାନ ।
ମୁଖ ଦେଖିଯିଏ ପାରେ ନାହିଁ ଜାଣି
ଅନ୍ତରର ପ୍ରତିଛବି
ତାକୁ କି କହିବା ଅନୁଭବୀ ଜଣେ
ସେ କିବା ଭବୁକ କବି ।।
ଦୁଃଖ ଦେଖି କିଏ କହେ ନାହିଁ ଥରେ
ଆହା ପଦେ ମଣୀହରେ
ପଶୁଠାରୁ ହୀନ ପଥରର ପ୍ରାଣ
ଜିଇଁ ଥାଉ ଥାଉ ମରେ ।

**କୁମାରୀ ପାର୍ବତି ଜାରିକା**
ନବମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ



## ଆମ ପାଠପଢ଼ା

କେମିତି ଆମର ପାଠପଢ଼ା
ଘରଲୋକଙ୍କୁ ପାଠପଢ଼ାଠାରୁ
ଘରକାମ ବେଶି ଲୋଡ଼ା ।

ମା କୁହନ୍ତି ଧାନରୁଆକୁ ଯାଉଛି, ପିଲାକୁ ଧର
ବାପା କହନ୍ତି ପିଲାକୁ ଉତାରି ଛେଳିଚରା
ଏଇତ ଆମର ପାଠପଢ଼ା

ଆମ ପାଠପଢ଼ା ପାଇଁ
ଆମେ ଭାବିଲେ କଣ ବା ହେବ
ବାପାମା'ଙ୍କୁତ ଘରକାମ ଲୋଡ଼ା
ଆମର ଜୀବନ ଛେଳିଚରା,
ପିଲାଧରା ପାଇଁ ଗଲା ।

**ବାମୂଣୀ ହିକକା**
ସପ୍ତମ ଶ୍ରେଣୀ



## ବନ୍ଧୁତା

ଆମ ଅଗଣାରେ ଫୁଟିଛି
କିଏ ସେ ଦେବ ତାହାର ମୂଲ ।

ବାସନା ଭରେ
ଚହଟାଇ ଦିଏ ସାହି ସାହିରେ ।

ଭଅଁର ଆସେ ନିଇତି ବସେ
ଗୀତ ଗାଇ ଗାଇ ମନକୁ ରସେ ।

ଭଅଁର ସେଇ
ପଡ଼ିଶା ଘରକୁ ଯାଏଟି କହି,

ତୁମ ବଗିଚାରେ କି ଫୁଲ ଅଛି
ପଡ଼ିଶା ଘରକୁ ଦେବକି କହି ।

ଦୁଇ ପଡ଼ିଶାର ରାଗରୋଷ ସବୁ
ସେଇ ଭଅଁରଟି ଦିଏ ନିଭେଇ ।

**ଅମ୍ବିକା ଦିଗାଳ**
ସରକାରୀ ଆଶ୍ରମ ବିଦ୍ୟାଳୟ,
ବାଟାଗୁଡ଼ା , କନ୍ଧମାଳ



## ବୃକ୍ଷ ରୋପଣ

ଚାଲରେ ଚାଲ ଭଉଣୀ ଭାଇ
ବୃକ୍ଷ ରୋପଣ କରିବା ପାଇଁ
ପୃଥିବୀ ହେବ ଶସ୍ୟ ଶ୍ୟାମଳ
ଚାଲରେ ଭଉଣୀ ଭାଇ
ବୃକ୍ଷ ରୋପଣ କରିବା ପାଇଁ ।
ବୃକ୍ଷ ଦିଏ ଛାଇ ଶୀତଳ
ପୁଣି ଦିଏ ଫୁଲ ଫଳ ।
ବୃକ୍ଷ ନାହିଁତ ବରଷା ନାହିଁ
ବରଷା ଗଲେ ଫସଲ ନାହିଁ ।
ଚାଲରେ ଚାଲ ଭଉଣୀ ଭାଇ
ବୃକ୍ଷ ରୋପଣ କରିବା ପାଇଁ ।

**ହେମାବତୀ ପାଙ୍ଗୀ**
ଷଷ୍ଠ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ଡ଼ାବୁଗାଁ , ନବରଙ୍ଗପୁର



## କହିଲ ଦେଖି

ଦୁଇଟି ଅକ୍ଷରେ ନାଆଁଟି ତାର
ସାଥିରେ ଥାଏ ସେ ସମସ୍ତଙ୍କର
ତା ସାଥେ ଯେ ଚାଲଇ ବାଟ
ଜିଣିପାରେ ସିଏ ସାରା ଜଗତ ।
କାହାରିକୁ କରେ ନାହିଁ ଅପେକ୍ଷା
ସାଙ୍ଗ ସାଥି ହେଉକି ମାଆ ବାପା
କହିଲ ଦେଖି ନାଆଁଟି ତାର
ହାତରେ କାନ୍ଥରେ ସମସ୍ତଙ୍କର

**ବସନ୍ତ କୁମାର ବଳିୟାରସିଂହ**
ସରକାରୀ ଆଶ୍ରମ ବିଦ୍ୟାଳୟ
ବାଟାଗୁଡ଼ା, କନ୍ଧମାଳ




## ଜନମ ଭୂଇଁ

ସରଗ ରାଇଜେ ବଇକୁଣ୍ଠ ଧାମ
ଶୋକ ପାସୋରାସେ ଅମର୍ତ୍ତ ପୁରୀ
ତା ଠାରୁ ଅଧିକ ସୁଖର ପସରା
ଜନମ ଭୂଇଁ ମୋ ସପନ ପୁରୀ
ତା ମାଟି ମୋ ପାଇଁ ସରଗ ଠୁଁ ବଳି
ମା କୋଳ ସମ ଆଶ୍ରୟ ଦିଏ,
ତା ସରିତ ସର ନିରିମଳ ଜଳ
ରୁଧୀର ହୋଇ ମୋ ଶରୀରେ ବହେ ।
ତରୁଲତା ଛୁଇଁ ବହେତା ଅନିଳ
ମୋ ଦେହେ ଖେଳାଏ ଶ୍ୱାସ ତରଙ୍ଗ,
ତା ଶାକ ତଣ୍ଡୁଳ ଶରୀରେ ମୋ ବଳ
ଦେଇ ବଞ୍ଚାଏ ମୋ ଜୀବନ ଢଙ୍ଗ ।
ତା ପ୍ରାତଃ ସୁରୁଜ ବୁଣଇ ମୁରୁଜ
ରଞ୍ଜାଏ ମୋ ଦେହେ ସୁନେଲି ଆଶା
ତା'ଠୁଁ ବଳି ତାର ରାତିର ଅନ୍ଧାର
ବୋଲିଦିଏ ଦେହେ ନିଦର ନିଶା ।
ମୁହୂର୍ତ୍ତେ ତା କୋଳ ଛାଡ଼ି ଆନ ଥଳ
ଯିବାକୁ ମୋ ଶିଶୁମନ ନ ବଳେ,
ଜନମିଛି ଯହିଁ ବଢ଼ୁଅଛି ତହିଁ
ଚୀର ନିଦ୍ରା ଯାନ୍ତି ତାହାରି କୋଳେ ।

**କେଦାର ଚରଣ ସାହୁ**
ସହକାରୀ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ

## ମୋ ଗାଁ

ଜନମିଲି ମୁହିଁ ଯାହାର କୋଳେ
ବଢ଼ିଲି ମୁହିଁ ଯା ପାଣି ପବନେ
ସେହି ଯେ ମୋର ଗାଁ
ଟାଙ୍ଗରବାହାଲୀ ତାହାରି ନାଁ ।
ଗାଁ ଚାରିପଟ ଶସ୍ୟଶ୍ୟାମଳା ବିଲ
ଶରତ ଋତୁରେ ଶୋଭା କାଶତଣ୍ଡି ଫୁଲ
ମନେପଡ଼େ ମୋର ସେହି ଶୋଭା ରାଶୀ
କଇଁ ଯେହ୍ନେ ଚାହେଁ ଆକାଶର ଶଶୀ ।
ଗାଁ ମନ୍ଦିରରୁ ଶୁଭେ ଘଣ୍ଟ ଧ୍ୱନି
ପୂଜାରୀ କକାଙ୍କ ଓଁକାର ଧ୍ୱନି
ସେହି ଦେବତାଙ୍କ ଦରଶନ ଲାଗି
ମନ ମୋର ହୁଏ ବ୍ୟାକୁଳିତ
ଯାଇପାରେନି ମୁଁ ତା କୋଳକୁ ବୋଲି
ଜୀବନ ମୋ ହୁଏ ବ୍ୟଥିତ ।
ଗାଁ ଚାଟଶାଳୀ ଅବଧାନଙ୍କର
ପାଠପଢ଼ା ବେତ ପାହାର
ଆଜି ପରି ଲାଗେ ସବୁ କିଛି ମୋର
ଗାଁ ହୋଇଯାଏ ମୋ ଠାରୁ ପର ।
ଗାଁର ପୋଖରୀ କୂଳରେ
ଲମ୍ବା ତାଳଗଛ ମୂଳେ
ବାଗୁଡ଼ି, କବାଡ଼ି କେତେ ଖେଳ ଖେଳୁ
ଗାଁ ସାଥିଙ୍କର ମେଳେ ।
ବାପାଙ୍କର କଡ଼ା ଆଦେଶ
ପାଠପଢ଼ି ଦିନେ ବଡ଼ ହେବା ପାଇଁ
ଗାଁ ଛାଡ଼ି ହେଲି ନିରାଶ ।

**ସୁଜାତା ସାହୁ**
ଦଶମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ନାରଣପୁର

## ଆଦର୍ଶ ଛାତ୍ର

ଆଦର୍ଶ ଛାତ୍ରଟେ ହେବିରେ ମୁହିଁ
ଅର୍ଜି ଭଲଗୁଣ ହେବି ବିନୟୀ
ଗୁରୁ ଗୁରୁଜନେ କରି ଭକତି
ପାଇବି ସଭିଙ୍କ ଆଦର ପ୍ରୀତି
ନିୟମ ମାନି ମୁଁ ଚଳିବି ସଦା
ଅନୀତି ଅବାଟେ ଯିବିନି କଦା
ସହପାଠୀ ସଙ୍ଗେ ନକରି କଳି
ହସ ଖୁସି ହୋଇ ଯିବିରେ ଚଳି ।
ହୋଇବି ମୁଁ ଜଣେ ସୁନାଗରିକ
ଦେଶ ଜନନୀର ରଖିବି ଟେକ
ପାଠପଢ଼ି ହେବି ଭଲ ମଣିଷ
ମୋ ଭଲ କାମରେ ହସିବ ଦେଶ ।

**ସନ୍ତୋସିନୀ ପାତ୍ର**
ଦଶମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ନାରଣପୁର



## ଆମେ ଭାରତୀୟ

ଆମେ ସବୁ ଭାରତୀୟ
କରିବ ତାର ଜୟଗାନ
ନାହିଁ ଆମ ମନେ ଭେଦ ଭାବ
ଆମେ ସବୁ ଭାରତୀୟ ।
ଆମେ ସବୁ ଭାରତୀୟ
କରିବ ତାର ଜୟଗାନ
ଯେଉଁ ଦେଶରେ ଗଙ୍ଗା ବହୁଛି
ତାର ପାଦକୁ ଧୋଇ ଦେଉଛି ।
ସିଏ ଆମ ଜନ୍ମ ଭୂଇଁରେ
ତାର ସନ୍ତାନ ଆମେରେ
କରିବାତାର ଜୟଗାନ
ଆମେ ସବୁ ଭାରତୀୟ
କରିବାତାର ଜୟଗାନ





## ଆମ ସମ୍ବିଧାନ



ଆଜି ଆସିଛି
ଆଜି ଆସିଛି
ଜାନୁଆରୀ ଛବିଶି
ଆନନ୍ଦ ଉଲ୍ଲାସେ ଏ ଦେଶବାସୀ ।
ନାଚିବା ଗାଇବା ମନେ ପକାଇବା
ଆମ୍ବେଦକରଙ୍କୁ ଉତ୍ତମ ଭାବି
ଲେଖିଥିଲେ ସିଏ ସମ୍ବିଧାନଟି
ଜାତି ଧର୍ମ ବର୍ଣ୍ଣ ସାଧାରଣଟି
ତ୍ରିରଙ୍ଗା ପତାକା ତଳେ ଆମେ ସବୁ
ସମତାର ସୂତ୍ରେ ସତେ ବାନ୍ଧାଟି
ଆମ ସମ୍ବିଧାନ ଆମରି ଟେକ
ପୃଥିବୀ ବାସୀଏ ଦେଖରେ ଦେଖ
ଅନ୍ୟ ଦେଶେ ନାହିଁ ସମତାର ଧ୍ୱଜା
ଆମ ଦେଶେ ଯାହା ରହିଛି ଟେକ

**କୃଷ୍ଣଚନ୍ଦ୍ର ନାୟକ**
ପଞ୍ଚମ ଶ୍ରେଣୀ,
ସରକାରୀ ଆଶ୍ରମ ବିଦ୍ୟାଳୟ,
ବାଟାଗୁଡ଼ା, କନ୍ଧମାଳ

## ଲଗାଅ ଅଧିକ ଗଛ

ଛପି ଛପି ଆସେ ମଳୟ ପବନ
ଥିରି ଥିରି ଯାଏ ଶୀତ,
ତୋଟାମାଳ ନାହିଁ କୋଇଲି ବି ନାହିଁ
ଗାଇବାକୁ ମିଠା ଗୀତ ।
ସବୁଆଡେ ଖାଲି କଙ୍କିରିଟି ରାସ୍ତା
କଳ କୋଠା ଘର ବାଡ଼ି,
ବାସହରା ହୋଇ ପଶୁ ପକ୍ଷୀମାନେ
କୁଆଡେ ଗଲେ ବାହୁଡ଼ି ।
ସବୁଜ ବନାନୀ ହେଲା ମରୁଭୂମି
ବଢ଼ି ବଢ଼ି ଯାଏ ତାପ,
କିଛି ଦିନ ପରେ ଜୀବ ବୃକ୍ଷ ଆଦି
ଜଗତରୁ ହେବ ଲୋପ ।
ହୁଅ ସାବଧାନ ଏବେ ସବୁ ଜନ
ଲଗାଅ ଅଧିକ ଗଛ ।
ପରିବେଶ କଥା ପ୍ରଥମେ ଭାବିବ
ସବୁ କାମ କରି ପଛ ।

**ପ୍ରିୟଙ୍କା ମାଝି**
ସପ୍ତମ ଶ୍ରେଣୀ,
ଡାବୁଗା ବାଳିକା ଉଚ୍ଚ ବିଦ୍ୟାଳୟ, ନବରଙ୍ଗପୁର



## ସେ ମୋର ବନ୍ଧୁ ଟିଏ

ନିଜେ ଦୁଃଖି ରହି    ମୋତେ ସେ ହସାଏ
ସେ ମୋର ବନ୍ଧୁଟିଏ
ପ୍ରେମ ତାର ଅତି ଗଭୀର ସାଗର
ସିଏ ମୋର ଅତି ଆପଣାର
ଲେଖେ ସେ କବିତା ସ୍ନେହ ପ୍ରେମ ନେଇ
ମନେ ତାର ସ୍ୱାର୍ଥ ନାହିଁ ।
ମିଛେ ମିଛେ ମୋର କାନେ କୁହଇ ସେ
ଆ ତୁ ମୋର ପାଶେ ।
ମନର ମିତଟେ    କଥା କୁହା ଶାରୀ
ସେ ମୋର ବନ୍ଧୁ ଅଟେ ।
ଏମିତି ମିଛ ଯେ କୁହଇ ସେ ଯେ,
ଜଣଙ୍କ ଜୀବନ ବଞ୍ଚେ ।
ହସକୁ ବିକି ସେ    ଲୁହକୁ କିଣଇ
ତା ପରି କେ ନୁହେ
ସେ ପାଖେ ଥିଲେ ଲୋଡ଼ାନାହିଁ ମୋର
ଶୀତ କି ବରଷା କାକର
ମେଘ ଯେବେ ଡାକିବ
ଜହ୍ନ ଯେବେ ଲୁଚିବ
ସେ ମୋ ଆଲୁଅ ହେବ ।
ଦିବସ ସରଇ
ରଜନୀ ସରଇ
ସ୍ନେହ କେବେ ସରେ ନାହିଁ ।
ମାମୁନି ମାନିନୀ ନାଁ ଆମର
ମନେ ରହିବ ସଭିଙ୍କର ।



**ସଞ୍ଜୁ ତାଡ଼ିଙ୍ଗି**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଡ଼ାବୁଗା, ନବରଙ୍ଗପୁର

# ଆମ ବିଦ୍ୟାଳୟ

ଆମ ବିଦ୍ୟାଳୟ ସବୁଠୁ ସୁନ୍ଦର
କିଏ ହେବ ସମତାର
ଅବାଟରୁ ବାଟ ଦେଖାଏ ନିଇତି
ପ୍ରଣାମ ଚରଣେ ତା'ର.....।
କର୍ଚ୍ଚାମାଳ ଗ୍ରାମେ ସ୍କୁଲ ମୋହର
ବାଳିକା ବିଦ୍ୟାଳୟ ନାଁ ତାହାର
ତାର ଧୂଳି ମାଟି ମୋର ପ୍ରୀୟ ଅତି
ଆଉ ପ୍ରିୟ ମୋର ଗାଆଁ
ଦେବତା ସମାନ ଶିକ୍ଷକ ଆମର
ଅନାବିଳ ସ୍ନେହ ତାଙ୍କର
ଭଲପାଠ ପଢି ଭଲ କାମ କରି
ଯଶ ରଖିବି ମୋ ସ୍କୁଲର.......।
ବଗିଚା ଅଟଇ ଅତି ମନୋହର
ନଳକୂପ ଠାରୁ ରୋଷେଇ ଘର
ସବୁଠି ରହିଛି ମନୋରମ ଛବି
କି ଗୁଣ ଗାଇବି ତା'ର........।
ନଅଟି ଶିକ୍ଷକ ତିନି ଚପରାଶି
ଅଟନ୍ତି ଆମ ସମ୍ଭାର
ସ୍ନେହ ଭାତୃଭାବ ରହିଛି ଯେଉଁଠି
ସେହି ମୋ ଜ୍ଞାନ ମନ୍ଦିର।

**ଭଗବତୀ ଭତ୍ରା**
ଦଶମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
କର୍ଚାମାଲ, ନବରଙ୍ଗପୁର



# ମା

କେଡେ ସୁନ୍ଦର କେଡେ ମଧୁର
କେଡେ ମିଠା ସେ ନାଆଁ
ଭୁଲି ହୁଏନି ଯାହାର ଋଣ
ସେ ପରା ଅଟେ ମାଆ।
ସୁନ୍ଦର ସେହି ଡ଼ାକ ଭିତରୁ
ପଡେ ଅମୃତ ଝରି
ଜୀବନେ କେବେ କାହାରି ପାଇଁ
ନ ହୁଏ ସେ ବଇରୀ।
ମମତାରେ ଅନ୍ଧୁଣୀ ହୋଇ
ସ୍ନେହ ବିତରି ଥାଏ
ଯାହା ଗୁଣ କୀର୍ତ୍ତି ଭୁଲୁ ହୁଏନି
ଜୀବନ ଥିବା ଯାଏ।
ଆଦର୍ଶ ଭରା ଅନୁଶାସନ
ଦେଖାଏମୋତେ ପଥ
ତାଙ୍କର କୋଳ ଭିତରେ ଥିଲେ
ଅଶାନ୍ତ ମନ ହୁଅଇ ଶାନ୍ତ।

**କୁମାରୀ ସୂର୍ଯ୍ୟ ପିଙ୍ଗୁଆ**
ସପ୍ତମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କପିଳାସ



## ଛୋଟ ବୋଲି ଭାବ ନାହିଁ

## ସାନ ହେଲେ ମୁହିଁ

ଆକାଶରେ ଉଡେ ମୁହିଁ
ଟିକି ପର ଟିକି ଦେହ ନେଇ
ଟିକି ଟିକି ମୋର ଆଖି
ଦୂରେ ବହୁ ଦୂରେ ଯାଏ
ଉଡ଼ିଯାଏ ମୁହିଁ ।
କେତେ କଥା ଦେଖେ ମୁହିଁ
ପ୍ରକୃତିରେ ରାଣୀ
ବେଶି ବେଶି ସୁଖ ଦିଏ
ଅମାପ ଆକାଶ ପୁଣି
ଅମାପ ଧରଣୀ ।
ଟିକି ଟିକି ଦେହ ଆମ
ଆମେ ଯେ ପିମ୍ପୁଡ଼ି
ଟିକି ବୋଲି ଭାବ ନାହିଁ
ଆମେସବୁ ମହାନ ଏକାଠି ।
ଟିକି ଟିକି ତାର ଫୁଲ
ଆକାଶରେ ମିଟି ମିଟି
ଟିକି ବୋଲି ଭାବ ନାହିଁ
ବଡ଼ ବଡ଼ ଭାବଟି ।
ଦୁନିଆରେ ଯେତେ ସବୁ ଟିକିଟିକି
ସେଥି ଅଛି ମହତ
ଖୋଜିଲେ ମହତଗୁଣ
ରହିଅଛି ଭାରତ ।

**ରାଜଶ୍ରୀ ପ୍ରଧାନ**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କୁହୁତୁଲି, କନ୍ଧମାଳ

## ବଣ ମୂଳକରେ ଆମରି ଘର

ଜନଜାତି ଆମେ ଭାରି ସରଳ
ବଣ ମୂଳକରେ ଆମରି ଘର
ଘରଟି ଆମର ଚାଳ ଛପର
ଲିପା ପୋଛା ହୋଇ ଦିଶେ ସୁନ୍ଦର ।

ଘର ଚାରିପଟେ ସବୁଜ ବଣ
ସେଥିରେ କରନ୍ତି ପକ୍ଷୀ କୂଜନ
ଜାତି ଜାତି ଫୁଲ ସେଥିରେ ଫୁଟେ
ଥିରି ପବନରେ ବାସ ତା ଛୁଟେ ।

ଝର ଝର ହୋଇ ଝରଣାଝରେ
ଗୁଣୁଗୁଣୁ ତାର ଗୀତ ମୁଁ ଶୁଣେ
ହରିଣ ଠେକୁଆ ଚଳ ଚଞ୍ଚଳ
ବିଲୁଆ, ନେଉଳ ଖେଳନ୍ତି ଖେଳ ।

ଗାଁ ଚାରିଆଡେ ପାହାଡ଼ ମାଳ
ମନଲୋଭା ପୁଣି ରୂପସୁନ୍ଦର
ଘର ବାରଣ୍ଡାରେ କୁକୁଡ଼ା, ପୁଷି
ତାଙ୍କୁ ଦେଖି ଆମେ ହେଉଟି ଖୁସି ।

ସୁଖକର ଅଟେ ଆମ ଜୀବନ
ଆମରି ଭିତରେ ନାହିଁ କନ୍ଦଳ
ଜଙ୍ଗଲ ଆମର ସରଗ ପୁର
ବଣମୂଳକରେ ଆମରି ଘର ।

**ହେମାଳିନୀ ନାୟକ**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କୁହୁତୁଲି, କନ୍ଧମାଳ

# କେଡ଼େ ସୁନ୍ଦର ଦିଶେ ଆମ ଆକାଶ

ମାଟି ମାର ଛାତ ଆମ ଆକାଶ
ନୀଳ ରଙ୍ଗ ତାର କିମନୋହର
ବିରାଟ ହେଲେବି ସଦା ମଉନ
ମାପି ହୁଏନି ତାର ମହତ

ନୁହେଁ ଗରୀବ ନୁହଁଇ ହୀନ
ଶାନ୍ତରୂପ ତାର ଦିଏ ଆନନ୍ଦ
ରାତିର ଆକାଶ ଆହୁରି ଭଲ
ଚାନ୍ଦସାଥେ ଥିଲେ ଧରା ସୁନ୍ଦର

ମିଟି ମିଟି ତାରା ତାହାରି କୋଳେ
ଟିକି ପିଲାଙ୍କର ମନକୁହରେ
ଆକାଶ ଧରିଛି ଗ୍ରହ ନକ୍ଷତ୍ର
ସେଥି ଲାଗି ସିଏ ଅତି ବିଚିତ୍ର
ବୁଝିବା ତାହାକୁ ସହଜ ନୁହେଁ
ନୀରବରେ ସେହି ଅନେକ କୁହେ

ତାହାଠାରୁ ଆମେ ଅନେକ ଶିଖୁ
ଚୁପି ଚୁପି କାମ କରରେ ସବୁ
ବଡ଼ ହୋଇ କେବେ ନକର ଗର୍ବ
ତେବେ ସେ ହୋଇବ ଆକାଶ ସମ

**ଅଶ୍ୱିନୀ ପ୍ରଧାନ**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଦୁତୁଲି, କନ୍ଧମାଳ



# ମୋ ପାଠଶାଳା

ମୋ ପାଠଶାଳା ପରି ପାଠଶାଳାଟିଏ
ଏ ପୃଥିବୀରେ ପରାନାହିଁ
ନାହିଁ ପୁଅ-ଝିଅ, ଉଚ୍ଚନୀଚ ଭାବ
ସମସ୍ତେ ଭଉଣୀ ଭାଇ ।
ଆମ ଗାଁ ମୁଣ୍ଡ ପ୍ରାନ୍ତର ମଝିରେ
ଛୋଟ ପାଠଶାଳା ମୋର
କାହିଁ କେତେ ଦିନୁ ସ୍ଥାପିତ ହୋଇଛି
ଟାଇଲ ଛପର ଘର ।
ଆଗରେ ରହିଛି ଫୁଲର ବଗିଚା
ପଛରେ ଖେଳ ପଡ଼ିଆ
ଧାଡ଼ି ଧାଡ଼ି ହୋଇ ଲଗାଯାଇ ଅଛି
ଦେବଦାରୁ ପୁଣି ପାଇନ
ଖୋଲା ବାରଣ୍ଡାରେ ସବୁପିଲାମିଶି
ପ୍ରଭୁଙ୍କୁ ପ୍ରାର୍ଥନା କରୁ
ଘଣ୍ଟା ବାଜିଲେ ଆମେ ଶ୍ରେଣୀରେ ବସୁ
ହୁଏ ପାଠ ଆଲୋଚନା
ଘଣ୍ଟେ ବାଜିଲେ ମଧ୍ୟାହ୍ନ ଭୋଜନ
ମିଶି ଖାଉ ଆନନ୍ଦରେ
ପଢ଼ା ସରିଲେ ବଗିଚା କାମରେ
କିଏ ବା ଖେଳକୁଦରେ ।
ପାଠଶାଳାକାନ୍ଥେ ଲେଖାଯାଇ ଅଛି
ମହାପୁରୁଷଙ୍କ ବାଣୀ
ଗାନ୍ଧୀ, ଗୋପବନ୍ଧୁ, ନେହେରୁଙ୍କ ଛବି
ମନନେଉଥାଏ ଜିଣି ।
ମଣିଷ ପରିକା ମଣିଷଟେ ଆଜି
କରିଅଛି ମୋତେ ଯିଏ
ଚିରସ୍ମରଣୀୟ, ଚିରବନ୍ଦନୀୟ
ମୋର ପାଠଶାଳା ସିଏ ।

**କଳ୍ପନା ପ୍ରଧାନ**
ଦଶମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଦୁତୁଲି, କନ୍ଧମାଳ

# ସ୍ମୃତି

ସ୍ମୃତି ଏକ ଫୁଲବନ
ଯାହା କେବେ ଲିଭେନାହିଁ
ସ୍ମୃତି ଏକ ଉଜ୍ଜଳ ନକ୍ଷତ୍ର
ଯାହା କେବେ ହଜେନାହିଁ ।
ସମୟର ତାଡ଼ନା ହୁଏତ ଲୁଚାଇଦିଏ,
କିଛିଦିନ କିଛି ରାତି ସ୍ୱପ୍ନର
ଫୁଲବନେ କଣ୍ଟା ହୋଇ
ପୁଣି ପ୍ରସ୍ଫୁଟିତ ହୁଏ ମଧୁର ସାନ୍ନିଧରେ
ଯେପରି ଉଷାର ଆରମ୍ଭରେ
ରବିର ଚିକ୍‌ଚିକ୍ ଝଲକରେ
ମୋ ଜୀବନର ସ୍ମୃତି
ଆଜି ପଶ୍ଚିମର ଦିଗ୍‌ବଳୟେ
ସତେ କଣ ଲୁଚିଯିବ
ରଜନୀର ପ୍ରାରମ୍ଭରେ ।
ଆନନ୍ଦିତ ହୁଏ ମନ
ଅତୀତର ସ୍ମୃତି ଯେବେ
ଲୁଚକାଳି ପରି
ଦେଖାଦିଏ ପୁଣି ଲୁଚିଯାଏ
ଶରତ ଆକାଶରେ ଭାସ୍କରର
ଛାଇ ଆଲୁଅ ପରି ।
ସେଇ ସ୍ମୃତି ପୁଣି ଜୀବନ୍ତ ହୁଏ,
ଆଶାର ଆଲୋକରେ
ନୂତନ ଆଶାର ସନ୍ଧାନ ନେଇ ।

**ସସ୍ମିତା ପରିଡ଼ା**
ସହକାରୀ ଶିକ୍ଷୟତ୍ରୀ
ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳ୍ୟ
ରାମ୍ପିଲୋ, ଦାନଗଦୀ, ଯାଜପୁର

# ଛେଳି (ଆଦିବାସୀ କବିତା)

ତୁଇ ଆୟରେ ଛେଳି, କେନ୍ତାକାଜେ ଜନମହେଲୁସ୍
ଆମର କାଜେସବୁ ବେଳେ ପଡ଼ଲୁସ୍‌ନି ତୁଇବଲି
ମୁନୁଷ୍‌ଲୋକ୍‌କେ ଅଲପ୍ କାଏଟା ହେଲେ, ଯିବାଏ ଥାନାକଚେରୀ
ତୋର୍ ମର୍‌ବାକାତାକାଜେ ଆଇନ କାଏଟା ନାଇକରୀ
ଧନୀ, ଗରିବ, ସବୁମାରବାଏ ତକେ, ଟଣ୍ଡରା ସରଦା କାଜେ
ଭାବିଲା ବେଳେ ଦୁଃଖଲାଗସି, ଲୋକନା ଭାବନା କେବେ ।
ଗଛ ମାରଲେ ଦୋଷ, ଲୋକମାରଲେ ଦୋଷ, ଚେଢ଼େଇମାର୍‌ଲେ ଦୋଷ
ତୋର ମରବାକାଜେ ନାଏ ଦୋଷ ଏଟା କେନ୍ତା କାତା ।
ଭାଙ୍ଗଲା ସରି ସାନୁମୁଣ୍ଡକେ, କନ୍ଧରିଗଲାନି ମାତା ।
ଆସରେ ଭାଇ ଭଉନୀ ମୋନ, ଛେଳିର କାତା
ଅଲପା ଭାବୁ
କାଏ ଦୋଷ କରଲାଅଅଚେ, ଛେଳିକେ ନମାରୁ ।
ସେ ମିଶା ଆମର ପରାଜୀବନ
ଘରେ ନ ସଙ୍ଗାଇଲେ ମିଶା ପୁରୁବପରା ଯାଅପୁନି ବନେ ।



**ଭୀମ ଶିଶା**
ସପ୍ତମ ଶ୍ରେଣୀ, ଆଶ୍ରମ ବିଦ୍ୟାଳୟ, କୋରାପୁଟ

# ନାମର କରାମତି

ମୋହନ ଘର ଲମ୍ବାପତର ଗାଁରେ । ତାର ଥାନ୍ତି ଛ'ଜଣ ପୁଅ । ସେମାନଙ୍କୁ ମୋହନ ବଡ଼ ବିଚିତ୍ର ନାମ ଦେଇଥିଲା । ତାଙ୍କ ନାଆଁ ସବୁ କେ ଆସ, କେବସ, କେଖୋଳ, କେଧାଇଁପଳ, କେପଡ଼, କେ ଉବୁଟୁବୁ । ମୋହନ ବୁଢ଼ା ହେଲାଣି । ତଥାପି କାମଦାନ କରୁଥାଏ । ନିଜ ବାରିରେ ସାରୁଚାଷ କରୁଛି । ତାର ଛଅ ପୁଅ ତାକୁ ସାହାଯ୍ୟ କରୁଥାନ୍ତି । କୌଣସି ଜିନିଷର ଅଭାବ ନଥାଏ । ହସ ଖୁସିରେ ସମୟ କଟିଯାଉଥାଏ । ଥରେ ରାତିରେ ମୋହନ ନିଜ ସାରୁ ବଗିଚାରେ ଖଟିଆ ପକାଇ ଗଡ଼ପଡ଼ ହେଉଥାଏ । ପୁଅମାନେ ପାଖ ଗାଁକୁ ଯାଇଥାନ୍ତି । ଭୋଜି ଖାଇ ଫେରିବେ । କାଳେ ଚୋର ଆସି ସାରୁ ନେଇଯିବେ ସେଥିପାଇଁ ମୋହନ ଆଖିକୁ ନିଦ ଆସୁ ନଥାଏ । ଠିକ୍ ଏହି ସମୟରେ ଦଳେ ଚୋର ତାଙ୍କ ବଗିଚାରେ ପଶିଲେ । ଖସ୍‌ଖସ୍ ଶବ୍ଦହେଲା । ମୋହନର ଛାଇନିଦ ଭାଙ୍ଗିଗଲା । ସେ ଭାବିଲା ବୋଧେ ତାଙ୍କର ବଡ଼ପୁଅ ଆସିଲା । ତେଣୁ ସେ ବଡ଼ ପୁଅର ନାମଧରି ଡ଼ାକିଲେ , "କେଆସ, ଆରେ କେଆସ । ଚୋରମାନେ ଭାବିଲେ, ଆରେ ବୁଢ଼ା ତ ଆମର ଆସିବା କଥା ଜାଣିଗଲା । ତେଣୁ ସେମାନେ ଚୁପ୍‌ଚାପ୍ ବସିଲେ । କୌଣସି ଉତ୍ତର ନ ପାଇ ମୋହନ ଭାବିଲା-ବୋଧେ ଦ୍ୱିତୀୟ ପୁଅ ଆସିଲା, ତେଣୁ ଡ଼ାକିଲା, "କେବସ, ଆରେ କେବସ । ଚୋରମାନେ ଭାବିଲେ ବୁଢ଼ା ସେମାନଙ୍କର ବସିବାର ମଧ୍ୟ ଜାଣିଗଲାଣି । ତେଣୁ ସେମାନେ ତରବର ଭାବେ ସାରୁ ଖୋଳା ଆରମ୍ଭ କରିଦେଲେ । ଏପଟେ ବୁଢ଼ା କୌଣସି ଉତ୍ତର ନ ପାଇ ଭାବିଲା ହୁଏତ ତୃତୀୟ ପୁଅ ଆସିଥିବା । ତେଣୁ ସେ ଡ଼ାକିଲା, କିରେ କେଖୋଳ ଆରେ କେଖୋଳ । ଚୋରମାନେ ଡ଼ରିଗଲେ । ସାରୁ ଖୋଳା ଛାଡ଼ି ଧାଇଁବାକୁ ଲାଗିଲେ ଏଥର ମଧ୍ୟ କୌଣସି ଉତ୍ତର ନପାଇ ବୁଢ଼ା ବିରକ୍ତ ହୋଇଗଲା ଚତୁର୍ଥ ପୁଅକୁ ଡ଼ାକ ପକାଇଲା, ଆରେ କେଧାଇଁପଳ, ଆରେ କେ ଧାଇଁପଳ । ଏହା ଶୁଣି ଚୋରମାନେ ଧାଇଁ ପଳାଇଲେ । ଧାଇଁ ଧାଇଁ ଗୋଟଏ। କୂଅରେ ଗଳିପଡ଼ିଲେ । ବୁଢ଼ା ଏଥର ବିରକ୍ତ ହୋଇ ଉଠିପଡ଼ିଲା । ବଡ଼ପାଟିରେ ଡ଼ାକ ପକାଇଲା, କେପଡ଼ରେ, ଆରେ କେପଡ଼ରେ ।

ଏଣେ ଚୋରମାନେ କୂଅରେ ପଡ଼ି ଉବୁଟୁବୁ ହେଉଥାନ୍ତି । ବୁଢ଼ା ଏହି ଶବ୍ଦ ଶୁଣି ଭାବିଲା ବୋଧେ ସାନପୁଅ ଆସି ପାଣି କାଢୁଛି । ତେଣୁ ଠେଙ୍ଗା, ଲଣ୍ଠନ ଧରି କୂଅ ପାଖକୁ ଆସିଲା ଡ଼ାକପକାଇଲା, କିରେ କେ ଉବୁଟୁବୁ କେ ଉବୁଟୁବୁରେ ...... ଏ.......ଏ । ଚୋରମାନେ ବହୁତ ଡ଼ରିଗଲେ । କୂଅ ଭିତରୁ ଜବାବ୍ ଦେଲେ, "ଆଜ୍ଞା ଆମକୁ କ୍ଷମା କରିଦିଅନ୍ତି, ଏମିତି ଭୁଲ୍ ଆଉ ହେବନାହିଁ । ଦୟାକରି ଆମକୁ ଛାଡ଼ିଦିଅନ୍ତୁ । ଆମେ ସାରୁ ଚୋରିକରିବାକୁ ଆସିଥିଲୁ । ଆପଣ ଆମର ଆସିବାର ଜାଣିଗଲେ ।



ବୁଢ଼ା ଚାରି ଦିଗକୁ ଚାହିଁଲା, କେହି କୁଆଡେ ନାହିଁ । ଶେଷରେ ଶୁଣିଲା କୂଅ ଭିତରୁ ଏହି ଶବ୍ଦ ଆସୁଛି । ସେ ଜାଣିଗଲା ଯେ ପ୍ରକୃତରେ ତାର ପୁଅ ଆସିନାହାଁନ୍ତି । ଏମାନେ ଦଳେ-ଚୋର । ସେ ବଡ଼ ପାଟିରେ "ଚୋର" "ଚୋର" ବୋଲି ଡ଼ାକିପକାଇଲା ।

ଏହାଶୁଣି ଗାଁ ଲୋକେ ଠେଙ୍ଗା ବାଡ଼ି ଧରି ଧାଇଁ ଆସିଲେ । ଏହି ସମୟରେ ମୋହନର ଛଅ ପୁଅ ମଧ ପହଞ୍ଚିଗଲେ । ସମସ୍ତେ ମିଶି ଚୋରମାନଙ୍କୁ କୂଅରୁ କାଢ଼ିଲେ ।

ଚୋରମାନେ ମୋହନଙ୍କ ଗୋଡ଼ତଳେ ପଡ଼ି କ୍ଷମା ମାଗିଲେ । ଏମିତି ଭୁଲ୍ ଆଉ ହେବନାହିଁ ବୋଲି ଶପଥ କଲେ । କିନ୍ତୁ ଗାଁ ଲୋକ ସେମାନଙ୍କର ଫାଳେ ଲେଖାଏଁ ନିଶ କାଟିଦେଲେ । ମୁହଁରେ ଚୁନକାଳି ବୋଳିଦେଲେ । ଗାଁ ସାରା ବୁଲାଇ ବୁଲାଇ ପିଟିଲେ । ଶେଷରେ ପୋଲିସ୍ ହାତରେ ଦେଲେ । ଗାଁ ଲୋକେ ମୋହନ ବୁଢ଼ାକୁ ପଚାରିଲେ, "ସେମାନେ ଆସିଛନ୍ତି ବୋଲି କେମିତି ଜାଣିଲେ । ବୁଢ଼ା କହିଲା, ମୁଁ ମୋର ପୁଅମାନଙ୍କୁ ଡ଼ାକୁଥିଲି । ସେମାନେ ବୋଧହୁଏ ତାକୁ ନିଜ ଆଡ଼କୁ ନେଲେ । ଦଉଡ଼ି ପଳାଇଲା ବେଳେ କୂଅରେ ପଡ଼ିଲେ । ଏଥିରେ ମୋର କିଚି ବାହାଦୁରି ନାହିଁ, ଏହା ମୋ ପୁଅମାନଙ୍କ ନାମର କରାମତି । ଏହାଶୁଣି ସମସ୍ତେ ହସି ହସି ଗଡ଼ିଗଲେ ।

**ମାନ୍ସିଂ ହେମ୍ବ୍ରମ୍**
ଷଷ୍ଠ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋବରଘାଟୀ, ଯାଜପୁର

# ଚତୁର ଠେକୁଆ

ଗୋଟିଏ ଘଞ୍ଚ ଜଙ୍ଗଲଥିଲା । ଦିନବେଳେ ତା ଭିତରେ ସୂର୍ଯ୍ୟକିରଣ ପଡୁ ନଥାଏ । ସବୁବେଳେ ରାତିଭଳି ଜଣାପଡୁଥାଏ । ସେହି ବଣ ଭିତରେ ଗୋଟିଏ ପୋଖରୀ ଥିଲା । ବଣର ଜୀବଜନ୍ତୁ ସେଠାକୁ ଆସି ପାଣି ପିଅନ୍ତି । ବଣର ରାଜା ପଶୁରାଜ ସିଂହ । ସେ ପ୍ରତିଦିନ ଛୋଟବଡ଼ ଜୀବମାନଙ୍କୁ ମାରି ଖାଉଥିଲା ।

ଥରେ ପଶୁ ରାଜ ସିଂହ ବଣରେ ବୁଲୁବୁଲୁ ତାକୁ ଭରି ଶୋଷକଲା । ସେ ପାଣି ପିଇବା ପଇଁ ପୋଖରୀ କୂଳକୁ ଆସିଲା । ଠିକ୍ ଏତିକି ବେଳେ ତାର ବିପରୀତ ଦିଗକୁ ଆଖିପଡ଼ିଲା । ଦେଖିଲା ଗୋଟିଏ ଠେକୁଆ ପାଣି ପିଇବା ଆଶାରେ ପୋଖରୀ ଆଡ଼କୁ ଆସୁଛି । ଲୋଭିଲା ସିଂହ ନିଷ୍ଠୁର ହେଲେ ମଧ ତା ହୃଦୟ ଦୟାରେ ତରଳିଗଲା । ସେ ଭାବିଲା ଠେକୁଆ ଯଦି ତାକୁ ଦେଖେ ତେବେ ଭୟରେ ପାଣି ନ ପିଇ ଫେରିଯିବ ।

ଏଇୟା ଭାବି ପଶୁରାଜ ସିଂହ ଗୋଟିଏ ଗଛର ଆଢୁଆଳରେ ଲୁଚି ରହିଲା । ଏ ସବୁ ଦୃଶ୍ୟ ପାଣି ପିଉଥିବା ଠେକୁଆ ଦେଖୁଥାଏ । ତେଣୁ ଦେଖି ଭୟରେ ଲୁଚୁଛି । ଠେକୁଆଟି ମନରେ ସାହସ ବାନ୍ଧି କହିଲା ହେ ପଶୁ ଆଜି ତୁମେ ଲୁଚି ରହିଲେ ମଧ ବଞ୍ଚିପାରିବ ନାହିଁ ।

ଏକଥା ଦୟାଳୁ ସିଂହର ମନ ରାଗରେ ଭରିଗଲା । ସେ ଠେକୁଆକୁ ମାରିବାପାଇଁ ଦୌଡ଼ି ଆସିଲା । ସିଂହ ମାଡ଼ି ଆସୁଥିବା ଦେଖି ଠେକୁଆ ପ୍ରାଣ ଭୟରେ ପୋଖରୀରୁ ଡ଼ିଆଁ ମାରିବାରେ ଲାଗିଲା । ହେଲେ ଠେକୁଆ ବଳବାନ ସିଂହଠାରୁ କେତେ ବା ଆଗେଇବ । କିଛି ବାଟ ଯିବାପରେ ଠେକୁଆ ହାଲିଆ ହୋଇ ଗୋଟିଏ ବିଲୁଆ ଗାତ ଭିତରେ ପଶିଗଲା ।

ଠେକୁଆ ବିଲୁଆ ଗାତରେ ପଶିଯିବାରୁ ପଶୁରାଜ ସିଂହ ଆଉ କରିବ କଣ ଗାତ ମୁହଁରେ ଛକି ବସିଲା । ଏଥର ଠେକୁଆ ଗାତ ଭିତରକୁ ଯାଉ ଯାଉ ଦେଖିଲା ଯେ ଗାତ ଭିତରେ ବିଲୁଆଟିଏ ଅଛି । ଠେକୁଆ ବିଲୁଆକୁ ଦେଖି ଭୟରେ ଥରିବାକୁ ଲାଗିଲା । ଗାତ ଭିତରେ ଥିବା ବିଲୁଆ କିନ୍ତୁ ଠେକୁଆକୁ ଦେଖି ଖୁସିହେଲା । ମନେ ମନେ ଭାବିଲା ବିନା ପରିଶ୍ରମରେ ଭଗବାନ ତା ନିକଟକୁ ଖାଦ୍ୟ ପହଞ୍ଚାଇ ଦେଇଛନ୍ତି । ତେଣୁ ସେ ଠେକୁଆକୁ ଆଉଁସିବାରେ ଲାଗିଲା । ଏବେ ଠେକୁଆ ବିଚରା କରିବ କଣ ? ଗାତ ଭିତରେ ରହିଲେ ବିଲୁଆ ତାକୁ ଖାଇଯିବ ଆଉ ବାହାରକୁ ଗଲେ ପଶୁରାଜ ସିଂହ ହାବୁଡ଼ରେ ପଡ଼ିବ ତେଣୁ ସେ ବହୁତ ଚିନ୍ତା କଲା । ଏତିକିବେଳେ ତା ମନରେ ବୁଦ୍ଧି ଢୁକିଲା । ସେ ହାତ ଯୋଡ଼ି ବିଲୁଆକୁ କହିଲା, ହେ ବିଲୁଆ ନନା ମୁଁ ଗୋଟିଏ ଛୋଟ ଜୀବ । ମୁଁ ଏଠିକି କାହିଁକି ଆସିଛି ଏ କଥା ପଚାରନ୍ତୁ ହେ ବିଲୁଆ ନନା । ଆଜିଠାରୁ ତୁମେ ଏ ବଣ ରାଇଜର ନନା ନୁହଁ ତୁମେ ହେବ ଏ ବଣର ସମସ୍ତ ଜୀବମାନଙ୍କର ରାଜା ।

**ସୌଭାଗିନୀ ମଳିକ**
ନବମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ,
ସୁଦ୍ରା, କନ୍ଧମାଳ



# ଇଚ୍ଛାମୃତ୍ୟୁର ବର

ଜଣ ପରମ ଭକ୍ତ ବ୍ରାହ୍ମଣ ଥିଲେ । ଶିବ ଉପାସନାକୁ ପ୍ରଧାନ ତଥା ମୁଖ୍ୟ କର୍ତ୍ତବ୍ୟ ବୋଲି ଧରି ନେଇଥିଲେ ବ୍ରାହ୍ମଣ । ଶିବ ପୂଜାରେ ମଗ୍ନ ଥିବାବେଳେ ବ୍ରାହ୍ମଣ ବେଶ ପ୍ରସନ୍ନ ରହୁଥିଲେ, କିନ୍ତୁ ପର ମୁହୂର୍ତ୍ତରେ ଦୁଃଖ ଅନୁଭବ କରୁଥିଲେ ଏହିଥିପାଇଁ ଯେ ସେ ନିଃସନ୍ତାନ ଥିଲେ । ନିଜ ଦୁଃଖ ଶିବ ଶଙ୍କରଙ୍କୁ ଜଣାଇ ପ୍ରାର୍ଥନା କରୁଥାନ୍ତି, ଭଗବାନ ମୋତେ କୃପାକରି ପୁତ୍ର ଧନ ପ୍ରଦାନ କରନ୍ତୁ । ନିଃ ସନ୍ତାନ ହୋଇ ରହିବା ମତେ ଦୁର୍ବିସହବୋଧ ହେଉଛି ।

ଭଗବାନ ଶେଷରେ ଭକ୍ତର ଦୁଃଖ ଶୁଣିଲେ । ଶିବ କୃପାରୁ ବ୍ରାହ୍ମଣ ପୁତ୍ର ସନ୍ତାନର ଜନକ ହେଲେ । ଅତିକ୍ରାନ୍ତ ବୟସରେ ପୁତ୍ରଟିଏ ପାଇବାକୁ ଶିବ କୃପା ବୋଲି ମାନି ନେଇଥିଲେ । ବ୍ରାହ୍ମଣ ପୁତ୍ରର ନାମ ରଖିଲେ ଇଶାନ । ବିଡ଼ମ୍ବନା ଏହା ଥିଲା ଯେ ଇଶାନ ଜନ୍ମ ସମୟରୁ ହିଁ ମୁକ ଥିଲା । ଆଦୌ ପୁତ୍ର ନ ହେବା ଜନିତ ଦୁଃଖଠାରୁ ଏ ଦୁଃଖ ଆହୁରି ବଢ଼ିଗଲା । ପ୍ରତିକାର ଆଶାରେ ବ୍ରାହ୍ମଣ ବୈଦ୍ୟଙ୍କ ନିକଟକୁ ଗଲେ । ଅନେକ ବୈଦ୍ୟଙ୍କୁ ଦେଖାଇଲେ । ହେଲେ ସମସ୍ତେ ମତ ଦେଲେ ଏହି ବାଳକ ଜୀବ ଦଶାରେ କେବେହେଲେ କଥା କହିବାକୁ ସକ୍ଷମ ହେବନାହିଁ । ବ୍ରାହ୍ମଣ ଏହାକୁ ଭାଗ୍ୟଫଳ ବୋଲି ମାନିନେଇ ଚୁପ୍ ରହିଲେ, କିନ୍ତୁ ଶିବଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା, ସମ୍ମାନ ଊଣା ହୋଇନଥିଲା । ବ୍ରାହ୍ମଣଙ୍କର ଦୃଢ଼ ଧାରଣା ଥିଲା ଯେ ପ୍ରଭୁ ଶିବଙ୍କର କୃପା ହେଲେ ଦୁବ ଦାରୁ ହେବ, ପଥର ପାଣିରେ ଭାସିବ, ଅସମ୍ଭବ ସମ୍ଭବ ହୋଇ ତାଙ୍କର ମୂକ ପୁତ୍ର ବାଚାଳ ହେବା ସମ୍ଭବ ହୋଇପାରିବ । ବାଲ୍ୟକାଳରୁ ଇଶାନ କେବଳ ଫଳ ମୂଳ ହିଁ ଗ୍ରହଣ କରୁଥିଲା । ଅନ୍ନସ୍ପର୍ଶ କରୁନଥିଲା । ବଡ଼ହେବା ପରେ ସେ ସ୍ୱତଃ ଶିବଙ୍କର ଆରାଧନା କରିବାକୁ ଲାଗିଲା । ବୟସ ବୃଦ୍ଧି ସହ କ୍ରମଶଃ ଭକ୍ତି ବୃଦ୍ଧି ପାଇଲା ଶିବଙ୍କର କରୁଣା ପ୍ରାପ୍ତି ନିମନ୍ତେ କଠୋର ତପସ୍ୟାରେ



ମଗ୍ନ ହେଲା ଇଶାନ । କିଛିଦିନ ଅତିବାହିତ ହୋଇଗଲା । ନା ଶିବଶଙ୍କର ପ୍ରସନ୍ନ ହେଲେ ନା ଇଶାନ ତପସ୍ୟା ତ୍ୟାଗକଲା । ହେଲେ ଏହା କେତେକାଳ ପର୍ଯ୍ୟନ୍ତ ରହିଥାନ୍ତା ? ଭକ୍ତବତ୍ସଳ କୈଳାସ ପତି ଭକ୍ତର ଦୃଢ଼ତା ଉପରେ ହାର ମାନିଲେ । ଭକ୍ତର କାତର ପ୍ରାର୍ଥନାକୁ ଏଡ଼ି ନପାରି ଆବିର୍ଭାବ ହେଲେ ଭକ୍ତ ସମ୍ମୁଖରେ । ଦୟାମୟ ପ୍ରଭୁଙ୍କୁ ସମ୍ମୁଖରେ ଦେଖି ଭାବବିଭୋର ହୋଇଗଲେ ଇଶାନ । ଆଖିରୁ ଆନନ୍ଦାଶ୍ରୁ ନିର୍ଗତ ହେଲା । ଆପଣାର ଆରାଧ୍ୟ ଦେବତା ପାଦତଳେ ଲୋଟି ପଡ଼ିଲେ ଇଶାନ ।

ବତ୍ସ ! ମୁଁ ତମର ଭକ୍ତିରେ ପ୍ରୀତ; କିଛିବର ମାଗିପାର :- ଇଶାନଙ୍କ ଉଦ୍ଦେଶ୍ୟରେ କହିଲେ ଦେବାଧିଦେବ ମହାଦେ । ଇଶାନ ଜନ୍ମରୁ ମୁକ ଥିଲା । ପରମକାଣିକ ପ୍ରଭୁଙ୍କ କୃପାରୁ କଥା କହିବା ଶକ୍ତିଲାଭ କଲା । ମୁହଁରୁ ପ୍ରଥମଥର ପାଇଁ ବାହାରିଲା-ଭଗବାନ । ମତେ ଜନ୍ମ ମରଣ ଚକ୍ରରୁ ମୁକ୍ତ କରିଦିଅନ୍ତୁ । ଶିବ କହିଲେ ବତ୍ସ, ନାମ ଓ ରୂପ ଧାରଣ କରି ଆଜରତ୍ୱ ସମ୍ପୂର୍ଣ୍ଣ ଅସମ୍ଭବ । ତମେ ନିଜ ପାଇଁ ଇଚ୍ଛା ମୃତ୍ୟୁର ବର ମାଗିପାର ।

ମତେ ଏଇ ବର ଦିଅନ୍ତୁ ଯେ ଯେତେବେଳେ ମୋର ଶରୀରରୁ ସମସ୍ତ ଲୋମ ଝଡ଼ିଯାଇ ଏହା ଲୋମ ଶୂନ୍ୟ ହେବ ସେତେବେଳେ ମୋର ଶରୀର ନାଶ ହେବ (ମୃତ୍ୟୁ ହେବ) । ଭକ୍ତର ମନସ୍କାମନା ପୂର୍ଣ୍ଣକଲେ ଭଗବାନ "ତଥାସ୍ତୁ" କହିଲେ । ଇଶାନ ପରବର୍ତ୍ତୀ, ସମୟରେ ଲୋମଶ ମୁନି ନାମରେ ଖ୍ୟାତି ହୋଇଥିଲେ ।


**ସୌମ୍ୟ ରଞ୍ଜନ ପାତ୍ର**

ନବମ ଶ୍ରେଣୀ,

ସରକାରୀ ଉଚ୍ଚ ବିଦ୍ୟାଳୟ,

ନରଣପୁର

# କର୍ମର ଫଳ

ଗୋଟିଏ ନଦୀକୂଳରେ ଆଶ୍ରମଟିଏ ଥାଏ । ସେଠି ଜଣେ ସନ୍ନ୍ୟାସୀ ଥାଆନ୍ତି । ତାଙ୍କର କେତେଜଣ ଶିଷ୍ୟ ଥିଲେ । ତାଙ୍କ ମଧ୍ୟରୁ ଦୁଇଜଣ ଶିଷ୍ୟ ବୁଗୁଲିଆ ଓ ମିଛୁଆ ଥିଲେ । ସମସ୍ତେ ଶିଷ୍ୟ ଶିକ୍ଷାଲାଭ କରି ଦୀକ୍ଷା ନେଇ ନିଜ ନିଜ କର୍ମରେ ଯୋଗଦେଲେ କିନ୍ତୁ ଏହି ଦୁଇଶିଷ୍ୟ କେବେବି ବଦଳିଲେ ନାହିଁ କି ତାଙ୍କର ସ୍ୱଭାବ ବଦଳିଲା ନହିଁ । ସନ୍ନ୍ୟାସୀ ଭାବିଲେ ଏହି ଦୁଇ ଶିଷ୍ୟଙ୍କ ପାଖରେ ରଖି ତାଙ୍କୁ ପରିବର୍ତ୍ତନ କରାଇବେ । ଦିନେ ସନ୍ନ୍ୟାସୀ ଧ୍ୟାନମଗ୍ନ ଥିଲେ । ମଧ୍ୟାହ୍ନ ସମୟରେ ଧ୍ୟାନରୁ ଉଠି ଭୋଜନ ନିମନ୍ତେ ବାହାରିଲେ । ବାହାରେ ଟାଇଁ ଟାଇଁ ଖରା ହୋଇଚି । ସନ୍ନ୍ୟାସୀ କହିଲେ ଯାଅ ତୁଳସୀ ପତ୍ର ଆଣିବ, ପ୍ରସାଦ ସେବନ କରିବା । ପ୍ରଥମ ଶିଷ୍ୟ କହିଲା ମୁଁ ତ ତୁଳସୀ କଣ ଜାଣିନାହିଁ ଆଣିବି କେମିତି ? ଦ୍ୱିତୀୟ ଶିଷ୍ୟ କହିଲା ଯେଉଁ ପତ୍ର ହାତରେ ଧରିଲେ କୁଣ୍ଡେଇ ହୁଏ ତାହା ତୁଳସୀ ପତ୍ର । ଗୁରୁଦେବ ଜାଣିଲେ ତୁଳସୀ ଗଛ ପାଖକୁ ଗଲେ ତାତିଲା ବାଲି ପାର ହେବାକୁ ପଡ଼ିବ । ସେଥିପାଇଁ ଏମାନେ ମୋତେ ଏମିତି କହୁଛନ୍ତି । ସନ୍ନ୍ୟାସୀ କହିଲେ



"ଆଲୁଅ ଅନ୍ଧାର କଣା ଚଣା ଠାପୁଆ ସରବଜଣା" । ଶିଷ୍ୟ କହିଲେ ହଁ ଗୁରୁଦେବ ଆମେ ସବୁ ଜାଣିପାରୁ । ସକାଳୁ ସନ୍ନ୍ୟାସୀ କହିଲେ ନିତ୍ୟକର୍ମ ସାରି ଆଶ୍ରମ ପଛପାଖ ସଫା କରିବ ସବୁ କାଟି ନିଆଁ ଲଗାଇ ଦେବ ତୁଳସୀ ଗଛ ଲଗାଇବ । ସେ ଧ୍ୟାନ କରିବାକୁ ଚାଲିଲେ । ଶିଷ୍ୟ ଦୁଇ ଜଣ ଦେଖିଲେ ଗଛରେ କିଛି ନାଲିନାଲି ଫଳ ପାଚି ଶୁଖିଛି । ସେହି ଗଛକୁ କାଟି ଯଜ୍ଞକୁଣ୍ଡରେ ପକାଇଦେଲେ । କିନ୍ତୁ ସେ ଗଛ ଲଙ୍କା ଗଛ ଥିଲା । ଗୁରୁଦେବ ଲଙ୍କାଧୂଆଁରେ ଛିଙ୍କି, କାଶି ଝାଳନାଳ ହୋଇ ବାହାରି ଆସି କହିଲେ ଏ କଣ କଲ । ଶିଷ୍ୟ ଦୁଇଜଣ କହିଲେ ଗୁରୁଦେବ ଦିଆସିଲି କାଠି କାହିଁକି ସାରିଥାନ୍ତୁ । ସେଥିପାଇଁ ସେହି ନିଆଁ ଦେଖି ପୋଡ଼ିଦେଲୁ । ସନ୍ନ୍ୟାସୀ ରାଗିଯାଇ କହିଲେ ଭଲହେଲା । ମତେ ବେମାର ଥିଲା ତ ଲଙ୍କା ଧୂଆଁ ଦେଲ । ଶିଷ୍ୟ କହିଲେ ଠିକ୍ ଅଛି ଗୁରୁଦେବ । ଆଉ ବୈଦ୍ୟ ଡ଼ାକିବାକୁ ପଡ଼ିବନି କି ଔଷଧ ସେବନ କରିବେନି । ସନ୍ନ୍ୟାସୀ ଚିନ୍ତାରେ ପଡ଼ିଲେ । କିନ୍ତୁ ଯୋଗବଳରେ ଜାଣିଲେ ଏ ହେଉଛି ପୂର୍ବ ଜନ୍ମର କର୍ମଫଳ । ପୂର୍ବଜନ୍ମରରେ ସନ୍ନ୍ୟାସୀ ଜଣେ ଦୁଷ୍ଟ ଛାତ୍ରଥିଲେ । ଶିଷ୍ୟ ଦୁଇଜଣ ଶିକ୍ଷକ ଥିଲେ । ସେ ଶିଷ୍ୟଙ୍କୁ ହଇରାଣ କରନ୍ତି । ଏମିତି କି ଶିକ୍ଷକ ଧୋଇହେବା ପାଣିରେ ବିଛୁଆତି ଗୁଣ୍ଡ ପକାଇ ଦିଅନ୍ତି । ଶିକ୍ଷକଙ୍କୁ କ୍ଷୀର କିଣି ଆଣିଦେବା ବାଟରେ କ୍ଷୀର ପିଇ ପାଣି ମଧ୍ୟ ମିଶାନ୍ତି । ଏମିତି ଅନେକ ଦୁଷ୍ଟାମୀ କରନ୍ତି । ସନ୍ନ୍ୟାସୀ ଭାବିଲେ ତାହେଲେ ଏ ଜନ୍ମରେ ମୋତେ କଲାକର୍ମର ଫଳ ଭୋଗିବାକୁ ପଡୁଛି । କର୍ମଫଳ ଭୋଗିବାରେ ପିତାମହ ଭୀଷ୍ମ ବି ବାଦ୍ ପଡ଼ିନଥିଲେ । ଭୀଷ୍ମ ଥରେ ଗୋଟିଏ ଝିଣ୍ଟିକାକୁ ଅରଖ ଗଛରେ ବସିଥିବାର ଦେଖି କଣ୍ଟାଟିଏ ଫୁଟାଇଥିଲେ । ସେ କର୍ମର ଫଳ ତାଙ୍କୁ ୭୨ଜନ୍ମପରେ ଭୋଗିବାକୁ ପଡ଼ିଲା ଯେ ସେ ଭୀଷ୍ମ ହୋଇ ଶରଶଯ୍ୟା ଭୋଗିଥିଲେ । ଏ ଥିଲା ତାଙ୍କର କର୍ମଫଳ । ସେ ଭାବିଲେ ଏ ହେଉଛି ସ୍ୱୟଂ ଭଗବାନଙ୍କର ବିଡ଼ମ୍ବନା । ଏ ଜନ୍ମରେ ମୁଁ କର୍ମଫଳ ଭୋଗିବା ପାଇଁ ଏହି ଶିଷ୍ୟ ଦୁଇ ଜଣଙ୍କୁ ଏଭଳି ବୁଦ୍ଧି ଦେଇ ମୋ ପାଖକୁ ପଠାଇଛନ୍ତି । ଏବେ ମୋତେ ତ ମୋ କର୍ମଫଳ ଭୋଗିବାକୁ ପଡ଼ିବ ବୋଲି ସନ୍ନ୍ୟାସୀ ଭାବିଲେ ।

ଈର୍ଷାଳୁ ବ୍ୟକ୍ତିର କୌଣସି ପଡ଼ୋଶୀ ନ ଥାନ୍ତି ।
କ୍ରୋଧୀ ବ୍ୟକ୍ତିର କୌଣସି ପଡ଼ୋଶୀ ନ ଥାନ୍ତି ।

**କରିନା ପୁର୍ତ୍ତୀ**
ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ରାମ୍ପିଲୋ, ଯାଜପୁର

# ଶ୍ରେଷ୍ଠ ଶିଷ୍ୟ

ଗୁରୁକୁଳ ଆଶ୍ରମରେ ଥିବା ଶିଷ୍ୟଙ୍କ ମଧ୍ୟରେ ଶ୍ୟାମପଦ ଓ ଦିବ୍ୟଦତ୍ତ ଏହି ଦୁଇଜଣ ଗୁରୁ ବହୁତ ସ୍ନେହ ଶ୍ରଦ୍ଧା କରୁଥିଲେ । ସେ ଦୁଇଜଣ ଯାକ କିଏ କେଉଁଥିରେ ଊଣା ନୁହଁନ୍ତି । ଦିନେ ଶ୍ୟାମପଦ ଓ ଦିବ୍ୟଦତ୍ତଙ୍କ ମଧ୍ୟରେ କଳି ଲାଗିଲା । ଦୁଇଜଣ ଯାକ ନିଜେ ନିଜକୁ ଶ୍ରେଷ୍ଠ ବୋଲି କହି ପରସ୍ପରର ଦୋଷ ତ୍ରୁଟି ବାହାର କଲେ । ଏ କଥା ଗୁରୁଙ୍କ କାନରେ ବାଜିଲା । ଗୁରୁ ତାଙ୍କୁ ପାଖକୁ ଡ଼କାଇଲେ । ଉଭୟ ଗୁରୁଙ୍କୁ ପଚାରିଲେ ଗୁରୁଦେବ । ଆମ ଦୁଇଜଣଙ୍କ ମଧ୍ୟରେ କିଏ ଆପଣଙ୍କର ଶ୍ରେଷ୍ଠ ଶିଷ୍ୟ ଘୋଷଣା କରିଦିଅନ୍ତୁ । ଗୁରୁ ମୁରୁକି ହସି କହିଲେ ଆଜି ସନ୍ଧ୍ୟାକୁ ଏକଥା ବିଚାର ହେବ । ବର୍ତ୍ତମାନ ତୁମେ ଦୁହେଁ ଗାଁକୁ ଭିକ୍ଷା କରିବାକୁ ଯାଅ, କିନ୍ତୁ କାହାସହ କଥା ହେବନି କି କାହାକୁ ଛୁଇଁବନି । ସର୍ତ୍ତ ଉଲଘଂନ କଲେ ଶ୍ରେଷ୍ଠତ୍ୱ ହରାଇବ । ଦୁହେଁ ଭିକ୍ଷା କରି ସନ୍ଧ୍ୟା ବେଳକୁ ଆଶ୍ରମକୁ ଫେରୁଥାଆନ୍ତି । ଆଗରେ ଶ୍ୟାମପଦ ଓ କିଛି ଦୂରରେ ପଛରେ ଦିବ୍ୟଦତ୍ତ ଥାଏ । ଫେରିବା ବାଟରେ ଶ୍ୟାମପଦ ଦେଖିଲା ବାଛୁରୀଟିଏ ପଙ୍କ ଗଡ଼ିଆ ଭିତରେ ପଶିଯାଇ ବାହାରି ପାରୁନି । ଶ୍ୟାମପଦ ଭାବିଲା ମୁଁ ଯଦି ବାଛୁରୀଟିକୁ ଉଦ୍ଧାର କରୁଛି ଗୁରୁଙ୍କ କଥା ରହିବନି ମୁଁ ଶ୍ରେଷ୍ଠତ୍ୱ ହରାଇବି । ତା ବାଟରେ ସେ ଚାଲି ଆସିଲା । କିଛି ବାଟ ଆସିଛି କି ନାହିଁ ଜଙ୍ଗଲ ଭିତରେ ପଶୁ ପଶୁ ଦେଖିଲା- କାଠୁରିଆଟିଏ କାଠବାନ୍ଧି ବିଡ଼ା କରିଛି, ହେଲେ ମୁଣ୍ଡକୁ ଉଠାଇ ପାରୁନି । ଶ୍ୟାମପଦକୁ ଦେଖି କହିଲା-ଭାଇ କାଠବିଡ଼ାଟିକୁ ଟିକେ ଉଠେଇ ଦିଅନି । ଶ୍ୟାମପଦ କିଛି କଥା ହେଲାନାହିଁ । ସିଧା ସିଧା ଜଙ୍ଗଲ ଭିତରେ ଚାଲିଲା । ତରତର ହୋଇ ଆଶ୍ରମକୁ ଫେରୁଥିବା ସମୟରେ କିଛି ଦୂରରୁ ଏକ ଝିଅ କାନ୍ଦ ତା କାନରେ ବାଜିଲା । ସେ ସେଥିପ୍ରତି ନଜର ନଦେଇ ଭଲମନ୍ଦ ନବୁଝି ଆଗେଇ ଚାଲିଲା ।



କିଛି ସମୟପରେ ଦିବ୍ୟଦତ୍ତ ସେହି ବାଟଦେଇ

ଫେରୁଥାଏ । ସେ ବାଛୁରୀଟିର ବିକଳ ଅବସ୍ଥା ଦେଖି ଭାବିଲା ଗୁରୁଙ୍କ ଶିକ୍ଷା ଜୀବମାନଙ୍କୁ ଦୟା କରିବା ମଣିଷର କର୍ତ୍ତବ୍ୟ । କର୍ତ୍ତବ୍ୟ ହିଁ ଭଗବାନ । ନିଜ ସ୍ୱାର୍ଥ ପାଇଁ ଜୀବଟା ମରିଯିବ ଭାବି ବାଛୁରୀଟିକୁ ପଙ୍କରୁ ଉଦ୍ଧାର କଲା । ପୁଣି କିଛି ବାଟ ଯିବାପରେ ଦେଖିଲା-କାଠୁରିଆ କାଠଧରି ବସିଛି । ଦିବ୍ୟଦତ୍ତଙ୍କୁ ଦେଖି ଦେଖି କାଠୁରିଆ ଡ଼ାକଦେଲେ ଭାଇ । ବିଡ଼ା ମୋ ମୁଣ୍ଡକୁ ଟିକେ ବୋହ ଉଠେଇ ଦିଅ । ଭାବିଲା କଣ କରିବି । ଭାବିଲା ଗୁରୁ କହୁଥିଲେ ପରୋପକାରରେ ଇଶ୍ୱର ସନ୍ତୁଷ୍ଟ ହୁଅନ୍ତି । ତେଣୁ କାଠୁରିଆକୁ ସାହାଯ୍ୟ କଲା । ଦିବ୍ୟଦତ୍ତ ଆଶ୍ରମ ପାଖାପାଖି ହେବାକୁ କିଛି ବାଟ ଥାଏ । ସେ ଶୁଣିଲା ଏକ ଝିଅର କାନ୍ଦ । ଭାବିଲା କେହି ଜଣେ ବିପଦରେ ପଡ଼ିଛି । ତାର ମନେ ପଡ଼ିଗଲା । ଗୁରୁଙ୍କ ବାଣୀ-ଅସହାୟକୁ ସାହାଯ୍ୟ ହେବା । ସେ କାନ୍ଦ ବାରି ଝିଅ ପାଖରେ ଉଭାହେଲା । ଦେଖିଲା ଗରିବ ସ୍ତ୍ରୀ ଲୋକଟି ଓ ଛୋଟ ଝିଅଟି ବଣକୁ ଫଳ ମୂଳ ସଂଗ୍ରହ କରିବାକୁ ଆସି ସନ୍ଧ୍ୟା ହେବାରୁ ବାଟ ପାଉନାହାଁନ୍ତି । ଜୀବଜନ୍ତୁଙ୍କ ଭୟରେ କାନ୍ଦୁଛନ୍ତି । ତାଙ୍କୁ ସାନ୍ତ୍ୱନା ଦେଇ କହିଲା - ଆସ ମୋ ସହିତ ଆଶ୍ରମକୁ ଯିବା ।

ସମସ୍ତେ ଖାଇପିଇ ସାରିଲେ । ଗୁରୁ ସ୍ତ୍ରୀ ଲୋକ ଏବଂ ତାର ଝିଅ ପାଇଁ ବିଶ୍ରାମ ନେବା ଅବସ୍ଥାରେ ଶ୍ୟାମପଦ ଓ ଦିବ୍ୟଦତ୍ତ ଓ ସମସ୍ତ ଶିଷ୍ୟ ମାନଙ୍କୁ ପାଖକୁ ଡ଼ାକି ବସାଇଲେ । ଶ୍ୟାମପଦ ଗୁରୁଙ୍କ କଥାମାନି ଖୁସିରେ ଡ଼ଗଡ଼ଗ ହୋଇ ବଖାଣି ହେଲା । ଏହାପରେ ଦିବ୍ୟଦତ୍ତ ନମ୍ରତାର ସହ ସମସ୍ତ ଘଟଣାକୁ ଗୁରୁଙ୍କୁ ଶୁଣାଇଲା । ଗୁରୁ ସମସ୍ତ ଉଦ୍ଦେଶ୍ୟରେ କହିଲେ ଯିଏ ନିଜର ସ୍ୱାର୍ଥ ପାଇଁ ଅନ୍ୟର ଭଲ-ମନ୍ଦରେ ସାହା ନ ହୋଇ ପରର ଉପକାର କରିବା ଜାଣେନି, ସେ କେବେ ସଂସାରରେ ବଡ଼ ହୋଇପାରେ ନାହିଁ । ଯିଏ ସ୍ୱାର୍ଥ ତ୍ୟାଗକରି ସମାଜର ହିତପାଇଁ କାର୍ଯ୍ୟକରେ ତାକୁ ଶ୍ରେଷ୍ଠ ଆସନ ମିଳେ । ଦିବ୍ୟଦତ୍ତ ମୋର ଆଦେଶକୁ ଅବଜ୍ଞା କରିଥିଲେ ସୁଦ୍ଧା ମୋର ଆଦର୍ଶ ଓ ନୀତି ମଣିଷ ପଣିଆ ଅଧ୍ୟୟନରେ ମୂଲ୍ୟ ଇତ୍ୟାଦି ଉପଯୁକ୍ତ ସମ୍ମାନ ଦେଇଛି । କିନ୍ତୁ ଶ୍ୟାମ ପଦ ନିଜର ସ୍ୱାର୍ଥପାଇଁ ସବୁ ଗୁରୁଙ୍କର ନୀତି ଆଦର୍ଶ ମଣିଷ ପଣିଆ ଅବଜ୍ଞା କରିଛି । ଏ ସବୁ ଶୁଣି ଶ୍ୟାମପଦ ଗୁରୁଙ୍କ ନିକଟରେ ନିଜ ଅହମିକା ପାଇଁ କ୍ଷମା ମାଗିନେଲେ ଏବଂ ବିନା ଦ୍ୱିଧାରେ ଦିବ୍ୟଦତ୍ତ ଙ୍କୁ ଶ୍ରେଷ୍ଠ ବୋଲି ସ୍ୱୀକାର କଲେ । ଗୁରୁ ଶ୍ୟାମପଦଙ୍କୁ କୋଳେଇଦେଇ ପିଠି ଥାପୁଡେଇ ଆଶୀର୍ବାଦ କଲେ ।

**ମଧୁସୂଦନ ହାଁସଦାଃ**
ଅଷ୍ଟମ ଶ୍ରେଣୀ
ସରକାରୀ ଉଚ ବିଦ୍ୟାଳୟ, ଚଣ୍ଡିଖୋଲ

# ରାଜପୁତ୍ରଙ୍କ ମନ୍ଦ ଅଭ୍ୟାସ



ରାଜପୁତ୍ରଙ୍କର ଦୁଷ୍ଟମି ରାଜା ଓ ରାଣୀଙ୍କର ମୁଣ୍ଡବ୍ୟଥାର କାରଣ ପାଲଟି ଯାଇଥିଲା । ତାଙ୍କ ଦୁଷ୍ଟାମି ଯୋଗୁଁ ଖାଲି ମଣିଷ ନୁହଁନ୍ତି, ନିରୀହ କଙ୍କି ପ୍ରଜାପତି ଚଢେଇ ଓ ଫଳନ୍ତି ଗଛ ମଧ୍ୟ କଷ୍ଟ ପାଆନ୍ତି । ଏ ସବୁ ତାଙ୍କର ଏକ ବଦଭ୍ୟାସ ପାଲଟି ଯାଇଥିଲା । ଏଥିପାଇଁ ରାଜାରାଣୀ ଯେତେ ବୁଝାଶୁଝା କଲେ ଡ଼ରଭୟ ଦେଖାଇଲେ ବି ରାଜପୁତ୍ରଙ୍କର ସ୍ୱଭାବ ବଦଳୁ ନଥାଏ । ସେତେବେଳକୁ ରାଜପୁତଙ୍କୁ ଦଶବର୍ଷ ହେଲାଣି ଦୁଷ୍ଟାମି ପାଇଁ ରାଜାରଣୀ ତାଙ୍କୁ ଗୁରୁକୁଳରେ ଛାଡ଼ି ପାରୁ ନ ଥାନ୍ତି । କାରଣ ରାଜପୁତ୍ରଙ୍କର ଦୁଷ୍ଟାମି ଯୋଗୁଁ ଗୁରୁକୁଳରେ ଅନ୍ୟ ବିଦ୍ୟାର୍ଥୀ ହଇରାଣ ହରକତ ହେବା ସେମାନେ ଚାହୁଁ ନ ଥିଲେ । ଏଥିପାଇଁ କି ଉପାୟ କରିବେ ବୋଲି ରାଜାରାଣୀ ବଡ଼ ଚିନ୍ତାରେ ଥାଆନ୍ତି । ଦିନେ ରାଜା ତାଙ୍କ ବିଚକ୍ଷଣ ମନ୍ତ୍ରୀଙ୍କୁ ଏ ବିଷୟରେ ପଚାରିଲେ ମନ୍ତ୍ରୀ ରାଜାଙ୍କୁ ବଖରା ଶେଷରେ ଥିବା ଏକ ଉଦ୍ୟାନରେ ବସବାସ କରୁଥିବା ଜଣେ ଗୁରୁଙ୍କୁ ଭେଟିବାକୁ କହିଲେ । ସେ ଅନୁଯାୟୀ ଉଭୟ ରାଜା ଓ ରାଣୀ ଗୁରୁଙ୍କୁ ଭେଟିବାକୁ ଗଲେ ସମସ୍ତ କଥା କହିଲେ । ସବୁଶୁଣି ଗୁରୁ ରାଜପୁତ୍ରଙ୍କୁ ଦେଖିବାକୁ ରାଜା ଓ ରାଣୀଙ୍କ ସହ ନଅରକୁ ଆସିଲେ ରାଜପୁତ୍ର ଉଆସରେ ନ ଥିଲେ । ରାଜାଙ୍କ ଆଦେଶରେ ଜଣେ ବାସୀ ରାଜପୁତ୍ରଙ୍କୁ ଡ଼ାକି ଆଣିବାକୁ ବାହାରିଲା । କିନ୍ତୁ ଗୁରୁ ରାଜପୁତ୍ରଙ୍କୁ ଡ଼ାକିବାକୁ ବାରଣ କରି ନିଜେ ଦାସୀ ସହ ଯାଇ ତାଙ୍କ ପାଖରେ ପହଞ୍ଚିଲେ । ରାଜା ରାଣୀ ମଧ ସେମାନଙ୍କ ପଛେ ପଛେ ଗଲେ । ରାଜପୁତ୍ର ଥିଲେ ଉଦ୍ୟାନରେ ସେତେବେଳେ ତାଙ୍କ ଦୁଷ୍ଟାମିରେ ଅସହାୟ ହୋଇ ମାଳୀ ଦୁଇଜଣ ମୁଣ୍ଡରେ ହାତଦେଇ ବସିଥିଲେ କଥାକଣ କି, ସେମାନେ କଠୋର ପରିଶ୍ରମ କରି ଲଗାଇଥିବା ଫୁଲଚାରା ପଟାଳିକୁ ରାଜପୁତ୍ର ଡ଼େଇଁକୁଦି ନଷ୍ଟ

କରିଦେଇଥିଲେ । ଆହୁରି କିଛି ଚାରା ଉପାଡ଼ି ଧରି ସେମାନଙ୍କୁ ଉପହାସ କରି ଖତେଇ ହେଉଥିଲେ । ହଠାତ୍ ଜଣେ ଅଚିହ୍ନା ଲୋକଙ୍କୁ ଉଦ୍ୟାନରେ ଦେଖି ରାଜପୁତ୍ର ଟିକେ ଶଙ୍କିଗଲେ କିନ୍ତୁ ପର ମୂହୁର୍ତ୍ତରେ ଯାହାକୁ ତାହା । ଗୁରୁ ତାଙ୍କ ପାଖକୁ ଯାଇ ଆଉ କିଛି ଚାରା ଉପାଡ଼ିବାକୁ କହିଲେ ଗୁରୁଙ୍କ ପାଟିରୁ କଥା ନ ସରୁଣୁ ରାଜପୁତ୍ର ଅନାୟାସରେ ତାହା କରିପକାଇଲେ । ଗୁରୁ ହସିଲେ, ରାଜପୁତ୍ର ବି ହସିଲେ । କିଛି ଦୂରରେ ଠିଆ ହୋଇଥିବା ରାଜାରାଣୀ, ଦାସୀ ଓ ମାଳୀମାନେ ଗୁରୁଙ୍କର ଏ ଭଳି ଆଚରଣ ଦେଖି ଆଚମ୍ୱିତ ହେଲେ କିନ୍ତୁ ଆଗକୁ କଣ ହେବ ଦେଖିବାକୁ ଚୁପ୍ ରହିଲେ । ଏଥର ଗୁରୁ ରାଜପୁତ୍ରଙ୍କୁ ଉଦ୍ୟାନରେ ଥିବା ଆମ୍ବଟିକୁ ଉପାଡ଼ିବାକୁ କହିଲେ, କିଛି ନ ବିଚାରି ରାଜପୁତ୍ର ଧାଇଁଗଲେ ଆମ୍ବଗଛ ମୂଳକୁ । ବହୁ ଚେଷ୍ଟା କଲେ, ଆମ୍ବଗଛକୁ ଉପାଡ଼ିବା କଥା ଛାଡ଼ ଦୋହଲାଇ ପାରିଲେନାହିଁ । ଗୁରୁ ପାଖକୁ ଯାଇ ରାଜପୁତ୍ରଙ୍କ ଅଲରା କେଶ ସାଉଁଳାଇ ଦେଇ କହିଲେ କୁମାର ଆପଣ ପିଲାଲୋକ ଆପଣଙ୍କର ଭିତରେ ଥିବା ମନ୍ଦ ଅଭ୍ୟାସ ସବୁ ଏଇ ଟିକି ଟିକି ଚାରା ପରି ଏବେ ସେଗୁଡ଼ିକୁ ସହଜରେ ଉପାଡ଼ି ହଟାଇ ଦେଇହେବ । ବିରାଟ ଗଚ ପାଲଟିବା ଆଗରୁ ସେ ସବୁକୁ ନିଜ ଭିତରୁ ହଟାଇ ଦେଲେ କେମିତି ହୁଅନ୍ତା । ଏ କଥାର କୌଣସି ଉତ୍ତର ରାଜପୁତ୍ରଙ୍କ ମୁଣ୍ଡକୁ ଜୁଟିଲାନାହିଁ । ସେ ବଲବଲ କରି ଗୁରୁଙ୍କ ମୁହଁକୁ ଚାହିଁଲେ । ଗୁରୁ ଟିକେ ହସିଲେ । ତାଙ୍କ କଥାରେ କିମିଆ ଥିଲା ସତକୁ ସତ ରାଜପୁତ୍ରଙ୍କ ଭିତରେ ଘୋର ପରିବର୍ତ୍ତନ ଆସିଲା । କ୍ରମେ ଶିଷ୍ଟ ହୋଇ ବିଦ୍ୟା ଅର୍ଜନରେ ମନଦେଲେ ।

**କୁମାରୀ ଅନିତା ସୁର୍ମ୍ମ**
ଷଷ୍ଠ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ, ଯାଜପୁର

# ରାଜୁ ହେଲା ସୁନାପିଲା

ରାଜୁ ନାମରେ ଗୋଟିଏ ପିଲାଥିଲା । ସେ ବହୁତ ଅପରିଷ୍କାର ରୁହେ । ଦାନ୍ତ ଘସୁ ନଥାଏ, ଗାଧଉ ନ ଥାଏ । ଯାହା ଫଳରେ ତା ସାଙ୍ଗରେ କେହି ସାଙ୍ଗ ହେଉନଥିଲେ । ମନ ଦୁଃଖରେ ସେ ଦିନେ ଚଢେଇ ପାଖକୁ ଗଲା ଓ କହିଲା - ଛଢେଇଭାଇ ଚଢେଇ ଭାଇ ମୋ ସାଙ୍ଗରେ ଖେଳିବି ? ଚଢେଇ କହିଲା- ଛି ଛି ତୁ କି ଅପରିଷ୍କାର ? ତୋ ସାଙ୍ଗରେ ଖେଳିଲେ ମୋ ପର ସବୁ ଅପରିଷ୍କାର ହୋଇଯିବ । ମୁଁ ତୋ ସାଙ୍ଗରେ ଖେଳିବି ନାହିଁ । ରାଜୁ ମନ ଦୁଃଖରେ ବାଟରେ ଯାଉ ଯାଉ ବିଲେଇ ନାନୀ ବିଲେଇ ନାନୀ ମୋ ସାଙ୍ଗରେ ଖେଳିବ ? ବିଲେଇ ନାନୀ କହିଲା- ଇଃ ତୁ ଟା କି ଅସନା ହୋଇଛୁ ? ତୋ ସାଙ୍ଗାରେ ଖେଳିଲେ ମୋ ଦେହବି ଅସନା ହୋଇଯିବ । ତୁ ଯାଆ ଆଉ କାହା ସାଙ୍ଗରେ ଖେଳିବୁ । ରାଜୁ ସେଇଠୁ ମନ ଦୁଃଖରେ ଯାଇ ନଈ କୂଳରେ ବସି କାନ୍ଦିବାକୁ ଲାଗିଲା । ଦଳେ ଘୁଷୁରୀ ତାଙ୍କରେ ସାଲୁବାଲୁ ହୋଇ ସେଇବାଟେ ଯାଉଥିଲେ । ରାଜୁ ପାଖକୁ ଯଅଇ ସେମାନଙ୍କ ମଧ୍ୟରୁ ଗୋଟିଏ ଘୁଷୁରୀ ପଚାରିଲା-ତମେ କାହିଁକି କାନ୍ଦୁଛ ? ରାଜୁ କାନ୍ଦି କାନ୍ଦି କହିଲା- କେହି ମୋ ସାଙ୍ଗ ହେଉ ନାହାନ୍ତି । ଘୁଷୁରୀ ସେଇଠୁ କହିଲା - ମୁଁ ପଙ୍କ କାଦୁଅରେ ଘାଣ୍ଟି ହୋଇ ଅପରିଷ୍କାର ହେଉଛି ବୋଲି ମୋ ସାଙ୍ଗରେ ବି କେବି ସାଙ୍ଗ ହେଉନାହାଁନ୍ତି । ଆଜିଠୁ ତୁମେ ମୋର ବଡ଼ଭାଇ । ଆସ ସାଙ୍ଗହୋଇ ଖେଳିବା । ରାଜୁକୁ ଖୁବ୍ ଲାଜ ଲାଗିଲା । ସେ ଘୁଷୁରୀର ସାଙ୍ଗ ହେଲାନି । ନିଜ ଭୁଲ୍ ବୁଝି ପାରିଲା । ଦାନ୍ତ ଘଷିଲା, ଗାଧୋଇଲା, ମୁଣ୍ଡ କୁଣ୍ଡାଇଲା, ସାବୁନରେ ହାତ ଧୋଇ ଖାଇଲା । ଆଉ କେବେ ବି ଅପରିଷ୍କାର ହେଲାନାହିଁ । ଏଥିରୁ ଆମେ ଏହି ଶିକ୍ଷା ପାଇଲେ ଯେ ଆମେ କେବେବି ଅପରିଷ୍କାର ହେବାନି କି ଘୁଷୁରୀର ବଡ଼ଭାଇ ହେବାନି ।

**କୁମାରୀ ଗାଙ୍ଗୀ ପାଳିଆ**
ସପ୍ତମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ



# ସେକାଳର ରଜାଝିଅ ଆଜିର ଧୂଆଁ ପତ୍ର

ପୂର୍ବକାଳରେ ଜଣେ ରାଜାଥିଲେ । ତାଙ୍କର ଧନ ଦୌଲତର ଅଭାବ ନଥିଲା । କିନ୍ତୁ ସନ୍ତାନ କହିଲେ ଗୋଟିଏ ବୋଲି ଝିଅଥିଲା । ସେ ଝିଅଟି ପୁଣି ଗେଡ଼ି । ଖାଲି ଗେଡ଼ି ତ ନୁହଁ, ଆଖି ଦୁଇଟା ଚିଲା ଚିଲା, ମୁଣ୍ଡବାଳ କହରା । ପୁଣି ଗୋଟେ ହାତ ଏକାବେଳକେ କେମ୍ପା ହୋଇଥିବାରୁ ଅଚଳ । ଯାହାକୁ କହନ୍ତି ଅସୁନ୍ଦରୀ । ସେ ଝିଅଟି ଜାଣିକରି ସେଇଆ । ଏଥିରେ ରଜାଙ୍କର ବା ଦୋଷ କଣ । କିନ୍ତୁ ତାଙ୍କ ମନ ଭାରି ଦୁଃଖ ହୁଏ । ଯେତେବେଳେ ଏକୁଟିଆ ବସନ୍ତି ଝିଅଟିର ଭବିଷ୍ୟତ କଥା ଭାବନ୍ତି । ସେ ବଡ଼ହେଲେ ସତରେ କଣ ଏ ଅସୁନ୍ଦରୀ ଝିଅଟିକୁ କିଏ ବାହାହେବ ? ଝିଅଟି ବଡ଼ ହେଲା । ରାଜା ଘୋଷଣାକଲେ- "ଯିଏ ତାଙ୍କ ଝିଅକୁ ବାହାହେବ ତାକୁ ବହୁତ ଧନସମ୍ପଦ ଦେବେ । ଟଙ୍କା ଲୋଭରେ କେତେ ଆଡୁ କେତେ ସୁନ୍ଦର ଯୁବକମାନେ ଆସିଲେ ରାଜା ଝିଅକୁ ଦେଖିବାକୁ । ଝିଅର ଅସୁନ୍ଦର ରୂପ ଦେଖି, ସମସ୍ତେ ଖିଆପିଆ କରି ଚୁପ୍‌ଚାପ୍ ଲେଉଟିଗଲେ, ହଁ କହିଲେ ନାହିଁ କି ନାଁ କହିଲେ ନାହିଁ । ଝିଅଟି ଭଲ ସ୍ୱଭାବର । କିନ୍ତୁ ତା ଗୁଣ କଥା କେହି ପଚାରିଲେ ନାହିଁ । ରାଜାଙ୍କ ମନ ଦୁଃଖ ହେଲା । ବାପର ମନ ଦୁଃଖ ଜାଣି ଦିନେ ଝିଅଟି ତାକୁ କହିଲା - "ବାପା ମୋତେ ତ କେହି ହେଲେ ପସନ୍ଦ କରୁନାହନ୍ତି । ଏ ଜୀବନ ରଖି ଲାଭ କଣ ?" ଏତିକି କହିବାପରେ ସେ ସେଇଠି ଲଥ୍ କରି ତଳେ ବସି ପଡ଼ିଲା । ରଜା ଝିଅକୁ ଉଠାଇ ଦେଖିଲେ ତା ଦେହରେ ଆଉ ଜୀବନ ନାହିଁ । ରାଜା କାନ୍ଦିଲେ, ରାଣୀ କାନ୍ଦିଲେ । ମନ୍ତ୍ରୀ, କଟୁଆ. ଦାସ-ଦାସୀମାନେ ସମସ୍ତେ କାନ୍ଦିଲେ । ସାରା ନଅରରେ କାନ୍ଦ ବୋବାଳି ପଡ଼ିଲା । ରାଜା କହିଲେ ଝିଅଟିକୁ ଭଲ ଭାବରେ ସମାଧି ଦେବା । କିନ୍ତୁ ପଡ଼ୋଶୀମାନେ କହିଲେ-ନା ନା ଝିଅକୁ ପୋଡ଼ିଦେବା । ରଜାଝିଅର ଶବ ପୋଡ଼ାଗଲା । ଚାହୁଁ ଚାହୁଁ ତା ଦେହ ପାଉଁଶ ହୋଇଗଲା । କେବଳ ପିଠି ପାଖର ଖଣ୍ଡିଏ ହାତ ଅପୋଡ଼ା ରହିଥିଲା । କିନ୍ତୁ ପାଉଁଶ ଭିତରେ ପୋତି ହୋଇଥିବାରୁ ସେ କଥା କେହି ଜାଣିପାରି ନଥିଲେ । ମରଣ ପରେ ଏଇ ଅସୁନ୍ଦରୀ ଝିଅର ଆତ୍ମା ଯାଇ ଭଗବାନଙ୍କ ପାଖରେ ପହଞ୍ଚିଲା । ଭଗବାନ ଜାଣିଥିଲେ ଯେ ତାର ଗୁଣ ଭାରି ଭଲ । ହେଲେ ରୂପଟି ଅସୁନ୍ଦର ହୋଇଥିବାରୁ କେହି ତାକୁ ବିଭା କଲେନି । ସେଇ ଦୁଃଖରେ ମଲା । ସେ ଖୁସି ହୋଇ କହିଲେ - " କି ବର ମାଗୁଛୁ ମାଗ୍ ।" ଝିଅ କହିଲା - "ସଂସାରରେ ମୋତେ କେହି ପସନ୍ଦ କଲେନି । ଏଥର ମୋତେ ଏମିତି ଭାବରେ ତିଆରି କର ଯେମିତି ସମସ୍ତେ ଆଦର କରିବେ ।" ଭଗବାନ କହିଲେ - ହଉ । ତା ପରେ ଭଗବାନ କଣ କଲେ ନା ଝିଅର ଆତ୍ମାକୁ ସେଇ ଅପୋଡ଼ା ହାତ ଖଣ୍ଡିକ ଭିତରକୁ ପଠେଇ ଦେଲେ । କିଛି ଦିନ ପରେ ସେଇ ହାତରୁ ଗୋଟିଏ ସୁନ୍ଦର ଗଛ ବାହାରିଲା । ଦିନେ ଜଣେ ଛେଳି ଜଗାଳି ସେ ଗଛଟିକୁ ଦେଖି ତାର ପତ୍ର କେମିତି ଲାଗୁଛି ଜାଣିବାକୁ ଖଣ୍ଡେ ନେଇ ଚୋବାଇବାରୁ ଖୁସି ହୋଇଗଲା । ତା ପରେ ସେଇ

ଗଛର ମଞ୍ଜି ନେଇ ଅନ୍ୟ ଜାଗାରେ ଲଗାଇଲା । ଗୋଟେ ଗଛରୁ ହଜାର ହଜାର ଗଛ ହୋଇଗଲା । ନୂଆ ଗଛର ଗୁଣ କଥାଟା ଅଛପା ରହିଲାନାହିଁ । ତାର ପତ୍ର ଯିଏ ଖାଇଲା ସେ ଆଦରକଲା । ସେଇ ଗଛ ହେଉଛି ଧୂଆଁପତ୍ର ଗଛ । ଦୁନିଆରେ ତାର ଏପରି ଆଦର ଦେଖି ଅସୁନ୍ଦରୀ ରଜାଝିଅ ଭାରି ଖୁସିହେଲା । ତାର ଇଛା ପୂରଣ ହେବାରୁ ସେ ମନେ ମନେ କହିଲା - "ହେ ଭଗବାନ ତୁମକୁ ଅନେକ ଅନେକ ଧନ୍ୟବାଦ ।"


**କୁମାରୀ ପିଙ୍କି ହେମ୍ବ୍ରମ**

ସପ୍ତମ ଶ୍ରେଣୀ,

ସରକାରୀ ଉଚ୍ଚବିଦ୍ୟାଳୟ,ଗୋବରଘାଟୀ


# ନିଜ ସୁରକ୍ଷା ନିଜ ହାତରେ

ଜଙ୍ଗଲରେ ଗୋଟିଏ ଠେକୁଆ ରହୁଥିଲା । ତାର ଅନେକ ବନ୍ଧୁ ଥିଲେ । ନିଜ ବନ୍ଧୁଙ୍କୁ ନେଇ ସେ ଖୁବ୍ ଗର୍ବିତ ଥିଲା । ଥରେ ଠେକୁଆ ଦେଖିଲା ତା ଆଡେ ଦଳେ କୁକୁର ମାଡ଼ି ଆସୁଛନ୍ତି । ଏହାଦେଖି ସେ ଭୟରେ ନିଜବନ୍ଧୁ ହରିଣ ପାଖକୁ ଦୌଡ଼ିଲା । ହରିଣକୁ କହିଲା, ବନ୍ଧୁ ତୁମେ ତ ଖୁବ୍ ବେଗରେ ଦୌଡ଼ିପାର । ତୁମର ସିଂଗ ବି ମୁନିଆ । ତୁମେ ଏମାନଙ୍କୁ ଘଉଡ଼ାଇ ଦେବକି ? ଏହା ଶୁଣି ହରିଣ କହିଲା ମୁଁ କରିପାରିବି । କିନ୍ତୁ ଏବେ ବ୍ୟସ୍ତ ଅଛି ତୁମେ ଭାଲୁକୁ ସାହାଯ୍ୟ ମାଗିପାର ।

ଠେକୁଆ ଭାଲୁ ନିକଟକୁ ସାହାଯ୍ୟ ପାଇଁ ଗଲା । ତାକୁ ବି ସାହାଯ୍ୟ ମାଗିଲା । କିନ୍ତୁ ଭାଲୁ କହିଲା, ମୁଁ ଶକ୍ତିଶାଳୀ ଯେ କିନ୍ତୁ ଏବେ ଖୁବ୍ ଭୋକିଲା ଅଛି, ଥକି ଯାଇଛି । ମୁଁ ଖାଦ୍ୟ ଅପେକ୍ଷାରେ । ତେଣୁ ତୁମେ ମାଙ୍କଡ଼କୁ ସାହାଯ୍ୟ ମାଗ । ଠେକୁଆ, ମାଙ୍କଡ଼, ହାତୀ, ଛେଳି ଏପରି ସବୁ ବନ୍ଧୁଙ୍କୁ ସାହାଯ୍ୟ ମାଗିଲା, କିନ୍ତୁ କେହି ତାକୁ ସାହାଯ୍ୟ କଲେନି । ସେ ବୁଝିଗଲା ଯେ ତାକୁ ହିଁ ଏଥିପାଇଁ କିଛି ବାଟ ବାହାର କରିବାକୁ ପଡ଼ିବ । ସେ ଏକ ଗୁମ୍ଫା ଭିତରେ ଲୁଚି ରହିଲା ଏବଂ କୁକୁରମାନେ ଯିବାପରେ ବାହାରିଲା । ତେଣୁ ସେ ବୁଝିଗଲା ଯେ, ନିଜ ସୁରକ୍ଷା ପାଇଁ ନିଜକୁ ବୁଦ୍ଧି ଖଟାଇବାକୁ ପଡ଼ିଥାଏ ।


**ସତ୍ୟଜୀତ୍ ଲାମାଏ**

ସପ୍ତମ ଶ୍ରେଣୀ,

ସରକାରୀ ଉଚ୍ଚ ବିଦ୍ୟାଳୟ ଗୋବରଘାଟୀ ହାଇସ୍କୁଲ






# କୁକୁଡ଼ା ଏବଂ ବିଲୁଆ କଥା

ଗଛ ଡ଼ାଳରେ ବସି କୁକୁଡ଼ାଟିଏ ଖୁସି ମନରେ ଗୀତ ଗାଉଥାଏ କକର ....କ, କକର ....କ। ସେଇ ବାଟରେ ବିଲୁଆଟିଏ ଯାଉଥାଏ। କୁକୁଡ଼ା ରାବ ଯେମିତି ତା କାନରେ ପଡ଼ିଛି, ସେ କି ଆଉ ସମ୍ଭାଳି ରହନ୍ତା। ସିଧା ଆସି ଗଛ ମୂଳରେ ହାଜର ତହଟ ଚିକ୍କଣ କୁକୁଡ଼ାଟିକୁ ଦେଖି ବିଲୁଆ ପାଟିରୁ ଲାଳ ଗଡ଼ିଲା। କେମିତି ସେ ଚାଲାକି କରି କୁକୁଡ଼ାକୁ ମାରି ଖାଇବ, ସେ କଥା ବସି ଭାବିଲା। ଏଣେ ଆଖି ଆଗରେ ବିଲୁଆକୁ ଦେଖି କୁକୁଡ଼ା ଡ଼ରିଗଲା। ସେ ଆଉ ଗୀତ ଗାଇବ କଣ ଭୟରେ ଥରିବାକୁ ଲାଗିଲା।

ସଙ୍ଗେ ସଙ୍ଗେ ବିଲୁଆ ମୁଣ୍ଡକୁ ବୁଦ୍ଧିଟିଏ ହଠାତ ଜୁଟିଗଲା। ସେ ନରମ ଗଳାରେ କହିଲା ଆଲୋଏ କୁକୁଡ଼ାନାନୀ ମତେ ଦେଖି ଡ଼ରୁଛୁ କି ? ଜମା ଡ଼ରନା ଜାଣିଛ ବାଘ ରାଜା ଘୋଷଣା କରିଛନ୍ତି ଏଣିକି କେହି ଆଉ କାହାରିକୁ ଶିକାର କରିବେ ନାହିଁ। ସମସ୍ତେ ମିଳିମିଶି ରହିବା। ଆଉ ଯିଏ ଶିକାର କରିବ ସେ କଠୋର ଦଣ୍ଡପାଇବ।

ଓହୋଃ ଏମିତି କଥା । ତାହାଲେ ତ ବଢ଼ିଆ ହେଲା। ଖୁସିରେ ଗଦ୍ ଗଦ୍ ହୋଇ କୁକୁଡ଼ା କହିଲା । ଟିକିଏ ରହି ବିଲୁଆ ପୁଣି କହିଲା, ହଁ ପରା ଖାସ୍ ସେଇ କଥା କହିବାପାଇଁ ମୁଁ ଆଜି ସକାଳ ପହରୁ ବଣ ସାରା ବୁଲୁଚି। ସମସ୍ତଙ୍କୁ ଖବର ଦେଉଛି । ଖବରଟା ତ ଜାଣିଲୁ ଏବେ ଦଳକୁ ଟିକିଏ ଓହ୍ଲେଇଆସ। ସାଙ୍ଗ ହୋଇ ଖେଳିବା। ମନଭରି ଗୀତ ଗାଇବା।

ବିଲୁଆର ଫିନ୍ଦି ଫିକର ତ କୁକୁଡ଼ାକୁ ବେଶ୍ ଜଣା। ତେଣୁ ସେ ବିଲୁଆର ଅସଲ ଉଦ୍ଦେଶ୍ୟ ଭଲ ଭାବରେ ଜାଣି ପାରିଲା। ଏଣୁ ସେ ବି ବିଲୁଆକୁ ପାନେ ଦେବାକୁ ଠିକ୍ କଲା। ଏଥର କୁକୁଡ଼ା ବିଲୁଆକୁ କହିଲା.... “ହେଲା ଯେ ଆମେ ଦୁଇଜଣରେ ଖେଳଟା ଜମିବନାହିଁ”। ଟିକିଏ ରୁହ ମୁଁ ମୋର ସାଙ୍ଗମାନଙ୍କୁ ଡ଼ାକୁଛି ସେମାନେ ଆସିଲେ ଏକାଠି ଖେଳିବା, ବହୁତ ମଜାହେବ। ଏକଥା ଶୁଣି ବିଲୁଆ ଆଉଟିକେ ଖୁସିହେଲା। ଭାବିଲା, ଭଲ ମଉକା ଆସି ଜୁଟିଛି। ଏକାଥରେ ଗୁଡ଼ାଏ ଶିକାର ମିଳିବ। କୁକୁଡ଼ାର ସାଙ୍ଗମାନେ ଆସିଲେ ଜମାଣିଆ ଭୋଜନଟିଏ ହେବ। ଏଇଆ ଚିନ୍ତା କରି ବିଲୁଆ କହିଲା-ଆଲୋ ଏ କୁକୁଡ଼ାନାନୀ ତାହେଲେ ଡ଼ାକୁନୁ ତୋ ସାଙ୍ଗମାନଙ୍କୁ । ଏକାଠି ମିଶି ଖେଳିବା। ଏଥର କୁକୁଡ଼ା ରଡ଼ି ଛାଡ଼ି ତା ସାଙ୍ଗମାନଙ୍କୁ ଡ଼ାକ ପକାଇଲା କକର............ କ, କରର.............. କ। ତା ପାଟିଶୁଣି କୁକୁଡ଼ାର ଦୁଇସାଙ୍ଗ କାଳିଆ ଓ ବଳିଆ ଝାମ୍ପମାରି ସେଇଠି ଆସି ପହଞ୍ଚିଗଲେ। ବିଲୁଆ ଭାବିଲା କୁକୁଡ଼ାର ଦୁଇସାଙ୍ଗ ନିଶ୍ଚୟ କୁକୁଡ଼ା ହୋଇଥିବେ। ହେଲେ ଏ ଶିକାରୀ କୁକୁର ଦୁଇଟିକୁ ଦେଖି ବିଲୁଆର ହୋସ୍ ଉଡ଼ିଗଲା। ବାବାରେ, ବାବା ଏ

କି ବିପଦ ! ଏ ଦୁଇଟା ସାଙ୍ଗ ନା ଯମ। ଏଇଠି ରହିଲେ ମରଣ ନିଶ୍ଚିତ। ତେଣୁ ବିଲୁଆ ଆଉ କି ରୁହେ। ଲାଙ୍ଗୁଡ଼ ଜାକି ବିକଳରେ ଧାଇଁଛି ଯେ ଧାଇଁଛି।

ଏହାପରେ କୁକୁଡ଼ା ଡ଼ାକ ଛାଡ଼ିଲା-ଆରେ ଆରେ ବିଲୁଆ ଭାଇ ତୁମେ ଏମିତି ପଳାଇ ଯାଉଛ କାହିଁକି ? ଏକାଠି ମିଶି ଖେଳିବ ନା ନାହିଁ। ତା ହେଲେ ତୁମେ ମୋ ସାଙ୍ଗମାନଙ୍କୁ ଦେଖି ଡ଼ରି ପଳାଉଛ କାହିଁକି ? ଟିକିଏ ରୁହଭଲା। ହେଲେ ବିଲୁଆର ତ ଅକଲ ଗୁଡୁମ୍। ସେ କି ଆଉ ସେଠି ରହିଚି। କୁକୁଡା କଥାକୁ କାନ ନ ଦେଇ ଜୀବନ ବିକଳରେ ଧାଇଁଛି ଯେ ଧାଇଁଛି।

**କୁମାରୀ ଜବାମଣୀ ସୋରେନ**
ସପ୍ତମ ଶ୍ରେଣୀ,
ସରକାରୀ ଉଚ୍ଚବିଦ୍ୟାଳୟ,ଗୋବରଘାଟୀ



# ସ୍ୱାଗତ ସଂଗୀତ

ସ୍ୱାଗତମ୍ ସ୍ୱାଗତମ୍ ହେ ପୂଜ୍ୟ ଅତିଥି ସ୍ୱାଗତମ୍------୨
ଆମେ ଭାରତ ମାତାର ସନ୍ତାନ
ଆମେ ଭଞ୍ଜ ଭୂମିର ସନ୍ତାନ
ଆସହେ  ଅତିଥି ସ୍ୱାଗତ କରୁଛୁ------୨
ଏହି ଆମ ଅନୁଷ୍ଠାନ
ଆମେ ଭାରତ ମାତାର ସନ୍ତାନ
ଆମେ ଭଞ୍ଜ ଭୂମିର ସନ୍ତାନ।

ଆମେ ଏ ଦେଶର ଆଗାମୀ ଦିନର
ବକୁଳ ବାସ ଚନ୍ଦନ
ଆମେ ଯେତେ ସବୁ ଆଧିବାସୀ ଶିଶୁ
କରୁଛୁ ଅଭିନନ୍ଦନ
ଅଜଣା ରାଇଜ ଜନମ ଆମର
ପଡ଼େନାହିଁ କେବେ କାହାରି ନଜର
ହେ ପୂଜ୍ୟ ଅତିଥି ଘେନ ହେ ପ୍ରଣତି
କରୁଅଛୁ ନିବେଦନ
ଆମେ ଭାରତ ମାତାର ସନ୍ତାନ
ଆମେ ଭଞ୍ଜ ଭୂମିର ସନ୍ତାନ।

ସିମିଳୀ ପାହାଡ଼ ତଳର ଯେ ଗ୍ରାମ
କଟୁରିଆ ଆଶ୍ରମ
ବର୍ଷକରେ ଥରେ ପାଇଛୁ ସୁଯୋଗ
କରିବୁ ତବ ବନ୍ଦନ
ଦିଅହେ ଆଶିଷ ହେ ପୂଜ୍ୟ ଅତିଥି
ଟିକି ଫୁଲ କବି କରୁଚୁ ପ୍ରଣତି
ଉପସ୍ଥିତ ସବୁ ଯେତେକ ଅତିଥି
ସଭିଙ୍କୁ ଆମ ପ୍ରଣାମ

ଆମେ ଭାରତ ମାତାର ସନ୍ତାନ
ଆମେ ଭଞ୍ଜ ଭୂମିର ସନ୍ତାନ।

**ପ୍ରଗତି ସାହୁ**
କାଟୁରିଆ ଆଶ୍ରମ, ମୟୂରଭଞ୍ଜ

# ଚିଠିଟିଏ ତୁମ ପାଇଁ

ପିଲାଏ !

ଭାରି ଇଚ୍ଛା ହେଲା ତୁମମାନଙ୍କୁ ଚିଠିଟିଏ ଲେଖିବାକୁ । ତୁମେ ଭାବୁଥିବ ମୋବାଇଲ୍ ଫୋନ୍‌ରେତ କଥା ହୋଇଥିଲେ ହୋଇଥାନ୍ତା । ଚିଠି ପୁଣି କଣ ? କିନ୍ତୁ ମୋ ପାଖରେ ତ ତମ ସମସ୍ତଙ୍କର ଫୋନ୍ ନମ୍ବର ନାହିଁ, ସଠିକ ଠିକଣା ବି ନାହିଁ ସମସ୍ତଙ୍କୁ ଚିଠି ପଠାଇବାକୁ, ତେଣୁ ଭାବିଲି ଏଇ ସର୍‌ଗୀ ଫୁଲ ଠିକଣାରେ ଚିଠିଟା ପଠାଇଦେଲେ ତୁମେ ସମସ୍ତେ ପଢ଼ିବ, କଣ ଠିକ୍ ହେଲାନାହିଁ ?

ହଁ ପିଲେ, ସବୁ ବର୍ଷ ଭଳି ଆଜିବି ସର୍‌ଗୀ ଫୁଲ ଫୁଟିଛି ପେନ୍ଥା ପେନ୍ଥା । ସରଗୀ ଫୁଲତ ଫୁଟେ ବସନ୍ତ ଆସିଲେ, କୋଇଲି ରାବିଲେ, ତୁମେ କିନ୍ତୁ ସର୍‌ଗୀ ଫୁଲ ଫୁଟାଇ ଦେଇଛ ଏ ଜାଡୁଆ ଶୀତଟାରେ ! ତାର ସବୁ ପାଖୁଡ଼ାକୁ ସାତ ରଙ୍ଗରେ ଭରି ଦେଇଛ ତୁମରି କୋମଳ ହାତର ସ୍ପର୍ଶରେ। ତୁମରି ଭାବ ପ୍ରବଣତା ଆଉ ଆପଣା ପଣରେ, ପୁଣି ସଜେଇ ଦେଇଛ ତମର ଆବେଗଭରା ସୃଷ୍ଟି ସମ୍ଭାରରେ । କଣ ନକରିଛ ସତରେ ? ତୁମର ଏଇ ରଙ୍ଗୀନ୍ ଫୁଲକୁ ଦେଖିଲେ ମୋର କଣ ମନେପଡେ ଜାଣିଛ ? ସେହି କଥାଟି କହୁଛି ତୁମମାନଙ୍କୁ । ମନଦେଇ ଶୁଣିବ ଆଉ ବୁଝିବ ମଧ୍ୟ ।

"ୟୁନାନ୍ ପ୍ରଦେଶର ଥ୍ରେସ୍ ନାମକ ଏକ ସ୍ଥାନରେ ଗୋଟିଏ ଗରିବ ବାଳକଟିଏ ରହୁଥାଏ । ପ୍ରତିଦିନ ସେ ଜଙ୍ଗଲ ଯାଇ ଜାଳେଣି କାଠ ସଂଗ୍ରହ କରେ । ସେ କାଠ ଗୁଡ଼ିକୁ ଖୁବ୍ ସୁନ୍ଦର ଭାବରେ ବିଡ଼ା ବାନ୍ଧି ସ୍ଥାନୀୟ ବଜାରରେ ବିକ୍ରି କରେ । ଦିନେ ଜଣେ ସଂଭ୍ରାନ୍ତ ବ୍ୟକ୍ତି ସେହି ବଜାର ମଧ୍ୟରେ ଯାଉଥିଲେ । ଏହି ସମୟରେ ବ୍ୟକ୍ତିଙ୍କର ନଜର ପଡ଼ିଲା ବାଳକଟିର କାଠବିଡ଼ା ଉପରେ । ସେ ଲକ୍ଷ୍ୟ କଲେ ଯେ ଖୁବ୍ କଳାତ୍ମକ ଭାବରେ ବିଡ଼ାଟି ବନ୍ଧା ହୋଇଛି । କିଛିକ୍ଷଣ ସେ ଅଟକିଗଲେ । ବାଳକଟିକୁ ପଚାରିଲେ- "କଣ ଏ ବିଡ଼ାଟି ତୁମେ ନିଜେ ବାନ୍ଧିଛ" ? "ହଁ ଆଜ୍ଞା, ମୁଁ ନିଜେ ବାନ୍ଧିଛି । ମୁଁ ସାରାଦିନ ଜଙ୍ଗଲରେ କାଠ ସଂଗ୍ରହ କରେ । ନିଜେ ଏହାକୁ ବିଡ଼ା ବାନ୍ଧିଥାଏ ଓ ସଂଧ୍ୟାରେ ବିକିବାକୁ ଆଣେ ।" ବାଳକଟି ଏକା ନିଃଶ୍ୱାସରେ ବହିଗଲା । ଏହାକୁ ଖୋଲି ପୁଣିଥରେ ଠିକ୍ ସେହିପ୍ରକାର ବିଡ଼ା ବାନ୍ଧି ପାରିବ ? ଆଗନ୍ତୁକ ବାଳକକୁ ପ୍ରଶ୍ନ କଲେ । "ଏଇ ଦେଖନ୍ତୁ"- ଏହାକହି ବାଳକଟି ସେହି କାଠ ବିଡ଼ା ଖୋଲି ବଡ଼ ସୁନ୍ଦର ଭାବରେ ଆଉଥରେ ବାନ୍ଧିଦେଲା । ଏହି କାର୍ଯ୍ୟ ବାଳକଟି ଖୁବ୍ ନିଷ୍ଠା, ଧ୍ୟାନ ସହକାରେ ତଥା ବେଶ୍ ଫୁର୍ତ୍ତୀରେ କରିପକାଇଲା, ବାଳକଟିର ଏହି ଏକାଗ୍ରତା, ନିଷ୍ଠା ଓ କଳାତ୍ମକ ପ୍ରତିଭା ସଂଭ୍ରାନ୍ତ ବ୍ୟକ୍ତିଙ୍କୁ ବେଶ୍ ପ୍ରଭାବିତ କଲା, ସେ ଲକ୍ଷ୍ୟ କଲେ ଯେ ବାଳକଠାରେ ଏଇ ଛୋଟିଆ କାମଟିକୁ ଧ୍ୟାନର ସହ ଆକର୍ଷଣୀୟ ଓ କଳାତ୍ମକ ଢଙ୍ଗରେ କରିବାଗୁଣ ବିଦ୍ୟମାନ ଅଛି । ଏହା ବିଚାର କରି ବାଳକଟିକୁ କହିଲେ- "କଣ ତୁମେ ମୋ ସାଥୀରେ ଯିବ ? ଯଦି ରାଜି ହୁଅ ମୁଁ ତୁମକୁ ଶିକ୍ଷାଦୀକ୍ଷା ଦେବି, ସମସ୍ତ ଖର୍ଚ୍ଚ ବହନ କରିବି" । ବାଳକଟି କିଚିକ୍ଷଣ ଚିନ୍ତାକରି ଯିବାକୁ ରାଜି ହୋଇଗଲା । ସେହି ବ୍ୟକ୍ତି ବାଳକଟିର ରହିବା ଓ ଶିକ୍ଷାର ସମସ୍ତ ବ୍ୟବସ୍ଥା କରିଦେଲେ ।

ସେ ନିଜେ ମଧ୍ୟ ସମୟେ ସମୟେ ବାଳକଟିକୁ ପାଠ ପଢାଉଥାଆନ୍ତି, ଅଳ୍ପ କେତେ ବର୍ଷ ପରେ ବାଳକଟି ନିଜର ପ୍ରତିଭା, ଅଧ୍ୟବସାୟ ଓ ତୀକ୍ଷ୍ଣ ବୁଦ୍ଧିବଳରେ ଉଚ୍ଚଶିକ୍ଷା ପ୍ରାପ୍ତ ହେଲା ।

ବଡ଼ହେଲାପରେ ସେହି ବାଳକ ୟୁନାନ୍‌ର ମହାନ୍ ଦାର୍ଶନିକ ପିଥାଗୋରାସ ନାମରେ ପରିଚିତ ହୋଇଥିଲେ, ତୁମେ ପିଥାଗୋରାସ୍‌ଙ୍କ ନାଁ ଶୁଣିଛ ତ ? ସେହି ସଂଭ୍ରାନ୍ତ ବ୍ୟକ୍ତି ଯିଏ ବାଳକର ନିଷ୍ଠା, ବ୍ୟବସାର ବୁଦ୍ଧି ଓ କଳାତ୍ମକ ପ୍ରତିଭାରେ ମୁଗ୍‌ଧ ହୋଇ ନିଜର ଅନ୍ତର୍ଦୃଷ୍ଟି ବଳରେ ବାଳକ ମଧ୍ୟରେ ଛପି ରହିଥିବା ମହାନତାକୁ ଦେଖି ପାରିଥିଲେ ଓ ତା ଭିତରେ ସୁପ୍ତଥିବା ପ୍ରତିଭାର ବୀଜକୁ ଅଙ୍କୁରିତ ତଥା ପଲ୍ଲବିତ ହେବାରେ ସହାୟକ ହୋଇଥିଲେ ସେ ଥିଲେ ୟୁନାନ୍‌ର ପ୍ରଖ୍ୟାତ ଦାର୍ଶନିକ ତତ୍ତ୍ୱଜ୍ଞାନୀ ଡ଼ିମୋକ୍ରିଟସ୍ ।

ପିଲାଏ ! ତୁମେ ଆହୁରି ଜାଣିଛ ତ ଆମର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ପୂଜ୍ୟ କଲାମ ପଞ୍ଚମ ଶ୍ରେଣୀରେ ପଢୁଥିବା ସମୟରେ ପକ୍ଷୀ କେମିତି ଉଡେ ଶ୍ରେଣୀ ଗୃହରେ ବୁଝି ନପାରିବା ହେତୁ ସମୁଦ୍ରକୂଳକୁ ନେଇ ପକ୍ଷୀମାନଙ୍କର ଇଂଜିନ୍ ଏବଂ ତାହା କେଉଁ ଶକ୍ତି ଦ୍ୱାରା ଚାଳିତ ପ୍ରାଞ୍ଜଳ ଭାବରେ ବୁଝାଇଦେଇ କିଏ ତାଙ୍କୁ ଏରୋନଟିକାଲ ଇଂଜିନିୟର ହେବାର ଉତ୍ସାହ ଓ ପ୍ରେରଣା ଦେଇଥିଲେ ସେ ହଉଛନ୍ତି ତାଙ୍କର ଶିକ୍ଷକ ଶ୍ରୀ ଶିବ ସୁବ୍ରମନିୟମ ଆୟାର ।

ମୋର ମନେହୁଏ ତୁମ ମାନଙ୍କ ଭିତରେ ବି ଗୋଟିଏ ନୁହେଁ ଅନେକ କଳାତ୍ମକ ଲୁଚି ରହିଛି । ମୁଁ ଠିକ୍ ବାରି ପାରୁଛି ତୁମ ଭିତରେ ଥିବା ଚାଙ୍ଗୁଡ଼ାଏ ମଲ୍ଲୀଫୁଲର ମହ ମହ ବାସ୍ନା, ପେନ୍ଥା ପେନ୍ଥା ସରଗୀଫୁଲ ଆଉ ଜହ୍ନ ରାତିର ଭାବପ୍ରବଣତା । ତୁମେ ପାରିବ ପିଲେ । ସବୁ ପାରିବ । ଦରକାର କେବଳ ନିଷ୍ଠା, ଏକାଗ୍ରତା ଆଉ ସଚ୍ଚୋଟତା ।

ପିଲାଏ ! ଯିଏ ଛୋଟ ଛୋଟ କାର୍ଯ୍ୟକୁ ନିଷ୍ଠା ସଚ୍ଚୋଟତା ଓ ଦାୟିତ୍ୱପୂର୍ଣ୍ଣ ଭାବରେ ସଂପାଦନ କରିଥାନ୍ତି ସେମାନଙ୍କ ଭିତରେ ଗୋଟେ ମହାନତାର ବୀଜ ଛପିକି ରହିଥାଏ । ସଫଳରତାର ସୋପାନ ଆରୋହଣ କରିବାକୁ ଆଭିଜାତ୍ୟ ସଂପନ୍ନ ପରିବାରରେ ଜନ୍ମ ହେବା ଆବଶ୍ୟକ ନାହିଁ କିମ୍ବା ହାତ ପାହାନ୍ତାରେ ସବୁ ସୁଖ ସୁବିଧା ଥିବା ଆବଶ୍ୟକ ନାହିଁ । ଅତ୍ୟାବଶ୍ୟକ ହେଲା କର୍ତ୍ତବ୍ୟ ସଂପାଦନ ପ୍ରତି ଅଙ୍ଗୀକାର ବଦ୍ଧତା, ନିଷ୍ଠା ଓ ସାଧୁତା । ଆଜି ତୁମ ମାନଙ୍କପାଇଁ ଡ଼ିମୋକ୍ରିଟସ ଆଉ ଶିବ ସୁବ୍ରମନିୟମ ଆୟାରଙ୍କ ଭଳି ଶିକ୍ଷକମାନଙ୍କର ଆବଶ୍ୟକତା ରହିଛି । ତାପରେ ତୁମେ ଉଡ଼ିବ ଆଉ ଲଂଘିବ ସାତ ସାଗର ତେରନଈ । ଏ ବିଶ୍ୱରେ ହୋଇଯିବ ତୁମେ ଗୋଟିଏ ଗୋଟିଏ ସଫଳ ମଣିଷ । ବିତାଇବ ସଫଳ ଜୀବନ । ସେଦିନ ତୁମେ ସରଗୀଫୁଲ ହୋଇ ଫୁଟିବ । ଶୀତରେ ନୁହେଁ ବସନ୍ତରେ । ମହ ମହ ବାସ୍ନାରେ ମହକିବ ଏ ଦେଶ ଏ ବିଶ୍ୱ ।

ମୋର ଏ ଚିଠିଟିକୁ ପଢ଼ିବ ଭଲଭାବରେ ଯଦି ଇଚ୍ଛାହୁଏ ଚିଠି ଲେଖିବ । ଶେଷରେ ତୁମପାଇଁ ମୋର ଅନ୍ତରର ଶୁଭେଚ୍ଛା ଆଉ ଶୁଭକାମନା ରହୁଛି ।

ଡ଼କ୍ଟର ନଳିନୀ ଦାସ
ପ୍ରଧାନ ଶିକ୍ଷୟତ୍ରୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ନିଶାଗଡ଼ିଆ, କେଉଁଝର

# ଝଲକରେ ସରଗିଫୁଲ ୨୦୧୫

ପାରମ୍ପରିକ ରୀତିରେ ୨୧ ଡ଼ିସେମ୍ବର ୨୦୧୫ ପୂର୍ବାହ୍ଣରେ ଆଦିବାସୀ ପଡ଼ିଆର ମନଲୋଭା ସୁସଜ୍ଜିତ ପ୍ରାଙ୍ଗଣରେ ତିନି ଦିନ ଧରି ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ "ସରଗିଫୁଲ-୨୦୧୫" ମାନ୍ୟବର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ପ୍ରତିଭାର ଉପଯୁକ୍ତ ବିକାଶ ସହ ଯଥାଯଥ ପ୍ରଦର୍ଶନ କରାଇବାକୁ ସେ ଆହ୍ୱାନ ଜଣାଇଥିଲେ। ଦେଶ ଗଠନରେ ଜନଜାତି ସମାଜର ପିଲାମାନଙ୍କ ଯୋଗଦାନକୁ ସେ ପ୍ରଶଂସା କରିଥିଲେ। ବିଭାଗୀୟ ସଚିବ ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର "ସରଗିଫୁଲ" ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନାଦେଇ ଏହି ଉତ୍ସବ କିପରି ଏକ ଆନନ୍ଦମୁଖର ରୂପ ନେଇଛି ଏବଂ ଭାଗ ନେବାକୁ ଆସିଥିବା ପିଲାମାନଙ୍କ ସମସ୍ତ ସୁବନ୍ଦୋବସ୍ତ କରାଯାଇଥିବାର ସେ ସୂଚନା ଦେଇଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥିରୂପେ ବିଭାଗୀୟ ମନ୍ତ୍ରୀ ଶ୍ରୀଯୁକ୍ତ ଲାଲବିହାରୀ ହିମିରୀକା, ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାରାଣ୍ଡି ତଥା ମାନନୀୟା ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଯୋଗଦାନ ପୂର୍ବକ ଏହି ବିଭାଗ ଶିକ୍ଷାପ୍ରଦାନ କ୍ଷେତ୍ରରେ କିପରି ପ୍ରମୁଖ ସ୍ଥାନ ଗ୍ରହଣ କରିଛି ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବିଜ୍ଞାନର ଆବଶ୍ୟକତା ନେଇ ଏହି ଉତ୍ସବ





















ସାଙ୍ଗରେ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା ଯାହା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ "ଅନ୍ୱେଷା" କାର୍ଯ୍ୟକ୍ରମକୁ ଲୋକାର୍ପିତ କରିଥିଲେ ଏବଂ ପିଲାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ କିଶୋର ସୃଜନର ସଂଗ୍ରହ ସରଗିଫୁଲ ଉନ୍ମୋଚିତ ହୋଇ ଶିକ୍ଷକ ଓ ଛାତ୍ର ଛାତ୍ରୀଙ୍କୁ ବଣ୍ଟନ କରାଯାଇଥିଲା ।

"ସରଗିଫୁଲ" ଉତ୍ସବରେ ପିଲାମାନଙ୍କର ଉତ୍ସାହପ୍ରଦ ଯୋଗଦାନକୁ ଆଖିଆଗରେ ରଖି ବିଭିନ୍ନ କର୍ମଶାଳା ଓ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଜ୍ଞାନ ଆହରଣ କରିବା, ଅନ୍ୟମାନଙ୍କୁ ବାଣ୍ଟିବା, ଅନ୍ୟମାନଙ୍କର ଦକ୍ଷତା ଅନୁରୂପ ନିଜକୁ ଗଢ଼ିବା ଏବଂ ମଉଜନେବା ଏହି ଉତ୍ସବର ଆଭିମୁଖ୍ୟ ଥିଲା । କର୍ମଶାଳା ପ୍ରଭାଗରେ ଚିତ୍ରକଳା, ଚଳଚିତ୍ର ପ୍ରସ୍ତୁତି, ଶିଶୁ ସାମ୍ବାଦିକତା,

ଚିତ୍ର ଉତ୍ତୋଳନ କଳା, ସୃଜନାତ୍ମକ ରଚନା, ଅଦରକାରୀରୁ ସୁନ୍ଦର ବସ୍ତୁ ନିର୍ମାଣ, ଟେରାକୋଟା ଗହଣା ପ୍ରସ୍ତୁତି , ଥିଏଟର କର୍ମଶାଳା, ବିଜ୍ଞାନ ଖେଳ, ଓଡ଼ିଶୀ ନୃତ୍ୟ କର୍ମଶାଳା, କାଗଜ କଳା, ବାଲୁକା କଳା ତଥା ଜୀବନ କୌଶଳ ଉପରେ ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା ବିଦ୍ୟାଳୟ ସ୍ତରରେ ଗଠିତ ହୋଇଥିବା ମନ୍ତ୍ରୀମଣ୍ଡଳର ପିଲାମାନଙ୍କର ଯୋଗଦାନ ନେଇ ଏକ କର୍ମଶାଳା ମଧ୍ୟ ଏଥିରେ ସଂଯୋଜିତ ହୋଇଥିଲା।

ଚିତ୍ରକଳା କର୍ମଶାଳାର ଉଦ୍ଦେଶ୍ୟ ଥିଲା ପିଲାମାନେ ନିଜକୁ କିପରି ଏକ ଦକ୍ଷ ଚିତ୍ରକାର ହିସାବରେ ପ୍ରତିଷ୍ଠିତ କରିବେ। ଏହି କର୍ମଶାଳାରେ ମୁଖ୍ୟତଃ କାଗଜ ଉପରେ ପ୍ରାରମ୍ଭିକଭାବେ ପେନ୍‌ସିଲ୍‌ରେ ରେଖାଚିତ୍ର ଅଙ୍କନ ଉପରାନ୍ତ ତାକୁ ରଙ୍ଗଦେଇ ଜୀବନ୍ତ କରିବା, ନିତିଦିନିଆ ଘରେ ବ୍ୟବହୃତ ହେଉଥିବା ଟାଇଲ୍ ଉପରେ ଆକର୍ଷଣୀୟ ଚିତ୍ର ଅଙ୍କନ କରିବା ଏବଂ ଏ ସବୁ ପ୍ରସ୍ତୁତ ସାମଗ୍ରୀକୁ ଅନ୍ତିମ ଦିନରେ ପ୍ରଦର୍ଶନ କରିବାଦ୍ୱାରା ପିଲାମାନଙ୍କ ଦକ୍ଷତାକୁ ପ୍ରମାଣିତ କରିଥିଲା। ଚିତ୍ର ନିର୍ମାଣ କର୍ମଶାଳାରେ ପିଲାମାନଙ୍କୁ vedio camera ର ବ୍ୟବହାର ପଦ୍ଧତି; ନିଜ କଳ୍ପନା ଅନୁରୂପ କାହାଣୀ ପ୍ରସ୍ତୁତ ଉପରାନ୍ତ ତାକୁ ଚଳଚିତ୍ର ରୂପ ପ୍ରଦାନ ଏହି କର୍ମଶାଳାର ମୁଖ୍ୟ ଆଭିମୁଖ୍ୟ ଥିଲା। ଏହି କର୍ମଶାଳାରେ ପିଲାମାନେ ପ୍ରଥମେ camera ର କେମିତି ବ୍ୟବହାର କରାଯାଏ ଏବଂ ଚିତ୍ର ଉତ୍ତୋଳନର କିପରି ଗାଣିତିକ ବିଧି ପ୍ରୟୋଗ କରାଯାଏ ତା ଉପରେ ସୂଚନା ପାଇଥିଲେ। ଏହାପରେ କ୍ଷେତ୍ରରେ କିପରି କ୍ୟାମେରା ବ୍ୟବହାର କରିବେ ତା ଉପରେ ମାର୍ଗଦର୍ଶନ ଦିଆଯାଇଥିଲା। ପିଲାମାନଙ୍କ ମନଲାଖି ଏକ କାହାଣୀକୁ କିପରି ଚଳଚିତ୍ର କାହାଣୀରେ ରୂପାନ୍ତରିତ କରାଯିବ ତା ଉପରେ ଆବଶ୍ୟକ କୌଶଳ ଶିକ୍ଷା ଦିଆଯାଇଥିଲା। କହିବା କୌଶଳର ଭିନ୍ନ ଭିନ୍ନ ଦକ୍ଷତାର ପ୍ରୟୋଗ ଏବଂ ଚରିତ୍ର ଉପଯୋଗୀ ସଂଳାପର ପ୍ରୟୋଗ ଉପରେ ସୂଚନା ଦେବା ସାଙ୍ଗକୁ camera ଦ୍ୱାରା ଉତ୍ତୋଳିତ ଦୃଶ୍ୟାବଳୀକୁ କିପରି ସମ୍ପାଦନା କରାଯାଇ ଏକ ବୃତ୍ତଚିତ୍ର ନିର୍ମାଣ କରାଯାଇପାରିବ ତା ଉପରେ ସମ୍ୟକ୍ ଧାରଣା ଦିଆଯାଇ କର୍ମଶାଳା ଶେଷରେ ତାକୁ ପ୍ରଦର୍ଶିତ କରାଯାଇଥିଲା।

ଶିଶୁ ସାମ୍ବାଦିକତା ପ୍ରଭାଗରେ ଶିଶୁମାନେ କିପରି ଚରିତ୍ରମାନଙ୍କୁ ଜାଣିବେ ସେମାନଙ୍କୁ ଅନୁଶୀଳନ କରିବେ ଏବଂ ତଦନୁରୂପ ପ୍ରଶ୍ନ ପ୍ରସ୍ତୁତ ପୂର୍ବକ ତାଙ୍କଠାରୁ ଉତ୍ତର ଆଦାୟକରି ତାକୁ ସମ୍ବାଦ ହିସାବରେ ପ୍ରସ୍ତୁତ କରିବେ। ଏହି କୌଶଳ ଶିଶୁ ସାମ୍ବାଦିକତା ପ୍ରଭାଗରେ ଶିକ୍ଷା ଦିଆଯାଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ପିଲାମାନେ ବିଭିନ୍ନ ଜନସାଧାରଣ, ପ୍ରଶାସକ ତଥା ଅଂଶ ଗ୍ରହଣକାରୀମାନଙ୍କ ପାଖରୁ ଅନ୍ତରଙ୍ଗ ଆଳାପ ମାଧ୍ୟମରେ ବହୁବିଧ ପ୍ରଶ୍ନ ପଚାରି ତଥ୍ୟ ସଂଗ୍ରହ କରି ନିଜ ଦକ୍ଷତାର ପରିଚୟ ଦେଇଥିଲେ।





ସ୍ଥିର ଚିତ୍ର ଉତ୍ତୋଳନ ଏବଂ ତାର ସଂପାଦନା ଉପରେ ଆଧାରିତ କର୍ମଶାଳାରେ ଏକ ଚିତ୍ରକୁ କିପରି ଫ୍ରେମ୍‌ରେ ରଖାହୁଏ, ଏକ ସୁଦୃଶ୍ୟ ତଥା ଆକର୍ଷଣୀୟ ଚିତ୍ର କିପରି ଉତ୍ତୋଳନ କରାଯାଏ; ଏକ ସୁନ୍ଦର ଫଟୋ ଓ ଆକର୍ଷଣୀୟ ଫଟୋ ମାଧ୍ୟମରେ ପ୍ରଭେଦ ଜାଣିବା ତଥା ସ୍ଥିର ଚିତ୍ର ଉତ୍ତୋଳନ ପୂର୍ବକ ତାକୁ ଆକର୍ଷଣୀୟ କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା । ବିଭିନ୍ନ ସମୟରେ ଉତ୍ତୋଳିତ ହୋଇଥିବା ଚିତ୍ର ଗୁଡ଼ିକୁ ଆକର୍ଷଣୀୟ କରିବା ନିମନ୍ତେ ସମ୍ପାଦନାର ଆବଶ୍ୟକତା ଥାଏ । ଉପଯୁକ୍ତ ସମ୍ପାଦନା ଉପରାନ୍ତ ଫଟୋଗୁଡ଼ିକ କିପରି ଆକର୍ଷଣୀୟ ହେବ ତାହା ଉପରେ ଏହି କର୍ମଶାଳା ମାର୍ଗଦର୍ଶନ ଦେଇଥିଲା ।

ସୃଜନାତ୍ମକ ରଚନା କର୍ମଶାଳାରେ ପିଲାମାନଙ୍କ ଅନ୍ତର୍ନିହିତ ସୃଜନ କଳାର ବିକାଶ ସାଙ୍ଗକୁ ରଚନାତ୍ମକ ଦୃଷ୍ଟିଭଙ୍ଗୀ କିପରି ହେବା ଆବଶ୍ୟକ ଏବଂ ତାକୁ ଲେଖନୀ ମୁନରେ ରୂପନେଇ କିପରି ଜୀବନ୍ତ କରିପାରିବେ ଏହି କର୍ମଶାଳା ତା ଉପରେ ବିଶେଷ ସୂଚନା ପ୍ରଦାନ କରିଥିଲା । କଳ୍ପନାକୁ ସଂକ୍ଷେପରେ ପ୍ରକାଶ କରିଥିବା କ୍ଷୁଦ୍ର ଗଳ୍ପ, କବିତା ପ୍ରକାଶ ପୂର୍ବକ ବିଭିନ୍ନ ଜନଜାତି ଭାଷାରେ ଏହାର ସୂକ୍ଷ୍ମ ପରିପ୍ରକାଶ କିପରି ହେବ ଏକ ଅନ୍ୟମାନଙ୍କ ପ୍ରଦର୍ଶିତ ହୋଇପାରିବ ତା ଉପରେ ସୂଚନା ପ୍ରଦାନ କରାଯାଇଥିଲା । କର୍ମଶାଳାର ଅନ୍ତିମ ତିଥିରେ ସୃଜନୀସମଗ୍ରକୁ ପିଲାମାନେ ସଂପାଦିତ କରି ନିଜ ପ୍ରତିଭାର ପ୍ରମାଣ ଦେଇଥିଲେ ।

ଆମ ନିତିଦିନିଆ ସମାଜରେ ଅନେକ ଜିନିଷ ଅଛି, ଯାହାକୁ ଆମେ ଅଦରକାରୀ ବୋଲି ଫିଙ୍ଗି ଦେଇଥାଉ ଯଥା-କାଗଜ ଠୁ ଆରମ୍ଭକରି ବିଭିନ୍ନ ଦ୍ରବ୍ୟ କିଣିବା ଉପରାନ୍ତ ତାର ଖୋଳ ସମୂହ, ଚକ୍‌ଲେଟ୍ ଖୋଳ, ପ୍ଲାଷ୍ଟିକ ବୋତଲ, ଇତ୍ୟାଦି ଅନେକ ଜିନିଷ ଯାହା ଅଦରକାରୀ ମନେ ହେଉଥିଲେ ହେଁ ସୂକ୍ଷ୍ମ କଳା ପ୍ରୟୋଗ ପୂର୍ବକ ରଙ୍ଗ, ଅଠା କିଛି ରଙ୍ଗୀନ୍ କାଗଜକୁ ଆଧାର କରି ସ୍ୱଳ୍ପ ମୂଲ୍ୟ ବିନିଯୋଗରେ ଆକର୍ଷଣୀୟ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ କରାଯିବା କୌଶଳ ଏହି କର୍ମଶାଳାରେ ଶିକ୍ଷା ଦିଆଯାଇଥିଲା । ପିଲାମାନେ ଅତି ଆଗ୍ରହ ସହକାରେ ଅଦରକାରୀ ବସ୍ତୁ ସଂଗ୍ରହ ପୂର୍ବକ କିପରି ଆକର୍ଷଣୀୟ ଓ ସଂଗ୍ରହଣୀୟ ବସ୍ତୁ ପ୍ରସ୍ତୁତ କରାଯାଇପାରିବ ତାହା ତିନିଦିନ ଭିତରେ ଶିକ୍ଷା ଲାଭକରି ଉପସ୍ଥାପିତ କରିଥିଲେ ।

ଆମ ନିତିଦିନିଆ ଜୀବନରେ ଆମେ ଅନେକ ଆକର୍ଷଣୀୟ ଅଳଙ୍କାର ସଂପର୍ଶରେ ଆସୁ ମାତ୍ର ବଜାରରେ ତାର ମୂଲ୍ୟର ଆକଳନ ଉପରାନ୍ତ ଆମ ନିଜକୁ ଦୂରେଇଦେଉ, ତେଣୁ ସ୍ୱଳ୍ପ ମୂଲ୍ୟରେ ଓ ନିଜସ୍ୱ ଚେଷ୍ଟାରେ ଗହଣା ପ୍ରସ୍ତୁତ କରିବା ଓ ନିଜକୁ ଅଳଙ୍କାରରେ ବିମଣ୍ଡିତ କରିବା ସମସ୍ତଙ୍କର ଆଶା ଥାଏ । ଏହାକୁ ସାକାର କରିବାକୁ ଯାଇ ମାଟିରୁ





ପ୍ରସ୍ତୁତ ଅଳଙ୍କାର ନିର୍ମାଣ କୌଶଳ ଉପରେ ଏପରି କର୍ମଶାଳାରେ ଆଲୋକପାତ କରାଯାଇଥିଲା । ଭାଗନେଇଥିବା ପିଲାମାନେ ଆଗ୍ରହର ସହିତ ଏହା ପ୍ରସ୍ତୁତ ପୂର୍ବକ ନିଜ ଚାହିଦା ମେଣ୍ଟାଇବା କୌଶଳ ସହ ଅବଗତ ହୋଇଥିଲେ । ଅଳଙ୍କାର ଗୁଡ଼ିକ ପ୍ରସ୍ତୁତ ସହ ଅନ୍ତୀମ ଦିବସରେ ଏହାକୁ ପ୍ରସ୍ତୁତ କରିଥଲେ ।

ନାଟ୍ୟ କର୍ମଶାଳା :- ଓଡ଼ିଶାର ବିଭିନ୍ନ ଗୋଷ୍ଠୀର ଜନଜାତି ପିଲାମାନେ ନାଚ, ଗୀତ, ମଞ୍ଚନାଟକ, ବାଦ୍ୟଯନ୍ତ୍ର ତଥା ଅଭିନୟ କଳାରେ ସେମାନଙ୍କର ଆଗ୍ରହ ଦେଖାଇଥାନ୍ତି । ଏହି କର୍ମଶାଳାରେ ଭାଗନେଇଥିବା ଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ଉପରାନ୍ତ ନିଜକୁ ଆହୁରି ଦକ୍ଷ ଓ ଆତ୍ମବିଶ୍ୱାସ ସମ୍ପନ୍ନ କରିପାରିଥିଲେ । ନାଟ୍ୟ କଳାର ଉଦ୍ଦେଶ୍ୟ ଓ ପରିସ୍ଫୁଟନ ପାଇଁ ଏହା ଏକ ସର୍ବୋତ୍କୃଷ୍ଟ ମଞ୍ଚଥିଲା । ସେମାନଙ୍କର ସଂଳାପ ସୃଜନକୁ ଆହୁରି ଉନ୍ନତ କରିବା ଏବଂ ସଂକୋଚ ଦୂର କରାଇବାରେ ଏହି କର୍ମଶାଳା ଉପାଦେୟ ହୋଇପାରିଥିଲା । କର୍ମଶାଳାରେ ଅଭିନାୟାତ୍ମକ ଖେଳ ମାଧ୍ୟମରେ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ; ଅଭିନେତା ଓ ଚରିତ୍ରକୁ ଆଧାର କରି ଅଭିନୟରେ ଉତ୍କର୍ଷତା ପ୍ରତିପାଦନ ଓ ସୌହାର୍ଯ୍ୟ ପୂର୍ଣ୍ଣ ବାତାବରଣରେ ଦକ୍ଷତାପୂର୍ଣ୍ଣ ଉପସ୍ଥାପନ, ଅଭିନୟରେ ମନୋନିବେଶ, ମାନସିକ ଏବଂ ଶାରିରୀକ କ୍ରିୟା କଳାପର ବିକାଶ ତଥା ବ୍ୟକ୍ତିଗତ ଅଭୀରୁଚୀର ବିଶ୍ୱାସ ଉପରେ ଏହି କର୍ମଶାଳା କେନ୍ଦ୍ରୀଭୁତହୋଇ ପିଲାମାଙ୍କର ଅଭିନୟ ସାମର୍ଥକୁ ପ୍ରକାଶ କରିଥିଲେ ।









ବିଜ୍ଞାନ ଖେଳ କର୍ମଶାଳା:- ଏହି କର୍ମଶାଳା ମାଧ୍ୟମରେ ଯେଉଁ ପିଲାମାନଙ୍କର ବିଜ୍ଞାନ ପ୍ରତି ଦୁର୍ବଳତା ରହିଛି ସେମାନଙ୍କୁ ପାଠ୍ୟକ୍ରମ ଆଧାରିତ ବିଭିନ୍ନ ବିଷୟରେ ସାଧାରଣ ଦକ୍ଷତା ହାସଲ କରିବା ପାଇଁ କୌତୁକିଆ ପରିବେଶ ସୃଷ୍ଟି କରି ବିଭିନ୍ନ ଗତିବିଧି ଭିତ୍ତିକ ସୃଜନାତ୍ମକ କ୍ରୀଡ଼ା କର୍ମଶାଳା ଆୟୋଜନ କରାଯାଇଥିଲା । ଦୁଇ ଦଳରେ ବିଭକ୍ତ ହୋଇ ପିଲାମାନେ ସେମାନଙ୍କର ନିତିଦିନିଆ ବ୍ୟବହାରରେ ଆସୁଥିବା ବିଜ୍ଞାନର ଭିନ୍ନ ଭିନ୍ନ ଭାବ ଗୁଡ଼ିକୁ ରଙ୍ଗୀନ ପେନ୍ସିଲ୍ ମୁନରେ ରୂପ ଦେଇଥିଲେ ଏବଂ ତାହାକୁ କର୍ମଶାଳାରେ ଅନ୍ତିମ ଦିବସରେ ପ୍ରଦର୍ଶିତ କରିଥିଲେ ।












କଣ୍ଢେଇ କର୍ମଶାଳା:- ଦୃଶ୍ୟଶ୍ରାବ୍ୟ ପ୍ରଦର୍ଶନ କଳାର ଅନ୍ୟତମ ନମୁନା କଣ୍ଢେଇ ନାଚ କର୍ମଶାଳାରେ ଭାଗନେଇଥିବା ପିଲାମାନେ ଖୁବ୍ ଆଗ୍ରହର ସହ ଏକ କଥାବସ୍ତୁ ଆଧାରିତ ବିଷୟକୁ କଣ୍ଢେଇ କର୍ମଶାଳାରେ ନ୍ୟାସ ଦେଇଥିଲେ । ପ୍ରଥମେ କାଗଜରେ ବିଭିନ୍ନ କଣ୍ଢେଇର ପ୍ରାରୂପ ପ୍ରସ୍ତୁତ କରି ତାକୁ ଏକ ପ୍ରତିମାର ରୂପ ଦେଇଥିଲେ ଏବଂ ବିଭିନ୍ନ ଅଙ୍ଗଗୁଡ଼ିକୁ ସୂତା ମାଧ୍ୱମରେ ଯୋଡ଼ି ଆଙ୍ଗୁଠିରେ କେମିତି ନଚେଇ ହେବ ତାର କୌଶଳମାନ ପ୍ରଦର୍ଶନ କରିଥିଲେ । କଥାବସ୍ତୁ ଆଧାରରେ ଆଙ୍ଗୁଠି ଚାଳନା ଦ୍ୱାରା କଣ୍ଢେଇ କର୍ମଶାଳା ବେଶ୍ ଉପଭୋଗ୍ୟ ହୋଇଥିଲା ।

ଓଡ଼ିଶୀନୃତ୍ୟ କର୍ମଶାଳା:- ଭାରତରେ ପ୍ରଚଳିତ ୬ଟି ଶାସ୍ତ୍ରୀୟ ନୃତ୍ୟକଳା ମଧ୍ୟରେ ଓଡ଼ିଶୀନୃତ୍ୟ ଅନ୍ୟତମ । ଅନ୍ୟାନ୍ୟ ଶାସ୍ତ୍ରୀୟ ନୃତ୍ୟକଳା ପରି ପୌରାଣିକ କଥାବସ୍ତୁ, ଧାର୍ମିକ ଚିନ୍ତନ ଓ ଦାର୍ଶନୀକ











ସୃଜନ ସହିତ ମୁଦ୍ରାମାଧ୍ୟମରେ ତାର ପ୍ରରିପ୍ରକାଶ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ଛନ୍ଦ, ଭଙ୍ଗୀ ଏବଂ ମୁଦ୍ରାର ସମ୍ମିଶ୍ରଣର ନୃତ୍ୟରେ ଏହା ଲାସ୍ୟଭାବ ପ୍ରସ୍ଫୁଟିତ କରିଥିଲା । ଉପଯୁକ୍ତ ସଂରଚନା ଓ ବ୍ୟାକରଣିକ ନିଯମରେ ଏହି ନୃତ୍ୟକଳା ଶିଖିବା ପାଇଁ ପ୍ରତ୍ୟେକଙ୍କ ମନରେ ଜିଜ୍ଞାସା ଜାତ ହୋଇଥାଏ । ଅନୁଷ୍ଠିତ ଏହି କର୍ମଶାଳାରେ ନୃତ୍ୟପ୍ରତି ଅଭିରଚି ରଖୁଥିବା ଛାତ୍ରଛାତ୍ରୀମାନେ ତିନିଦିନ ଧରି ଓଡ଼ିଶୀ ନୃତ୍ୟର ମୁଦ୍ରାଭଙ୍ଗୀ, ଅଭିନୟ ଛବିକୁ ଆଗ୍ରହ ସହିତ ଅନୁସରଣ ପୂର୍ବକ ନିଜର ନୃତ୍ୟ ଚାତୁରୀ ପ୍ରଦର୍ଶନ କରିଥିଲେ ଏବଂ ଅନ୍ତିମ ଦିବସରେ ଏହାକୁ ପରିବେଷଣ ପୂର୍ବକ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ ।

କାଗଜ ମୁଖା ପ୍ରସ୍ତୁତି କର୍ମଶାଳା :- SIDACରେ ସଂସାଧକଙ୍କ ମାର୍ଗଦର୍ଶନରେ ଖବର କାଗଜ ଏବଂ ଅଠାକୁ ନେଇ ବିଭିନ୍ନ ପ୍ରକାର ବ୍ୟବହାର୍ଯ୍ୟ ବସ୍ତୁ ପ୍ରସ୍ତୁତି କରାଯାଇଥିଲା ଏବଂ ପିଲାମାନେ ଏହାକୁ ଆଗ୍ରହର ସହିତ ଶିଖିଥିଲେ ଏବଂ ଅନ୍ତିମ ଦିବସରେ ତାହାକୁ ପ୍ରଦର୍ଶନ କରାଇଥିଲେ ।



ବାଲୁକା କଳା କର୍ମଶାଳା :- ପ୍ରସିଦ୍ଧ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ବାଲୁକାରେ ବିଭିନ୍ନ ପ୍ରତିକୃତି ନିର୍ମାଣ କରିବାର କଳା ପିଲାମାନେ ଶିଖିବା ସହ ପ୍ରଦର୍ଶନ କରାଇଥିଲେ । ଏହା UNFPA ଦ୍ୱାରା ପ୍ରାୟୋଜିତ ହୋଇଥିଲା






ଜୀବନ କୌଶଳ କର୍ମଶାଳା :- ଟଘରଚଇର ପୌରୋହିତ୍ୟରେ କିଶୋର କିଶୋରୀଙ୍କ ପାଇଁ ଜୀବନ କୌଶଳ ଶିକ୍ଷା କାର୍ଯ୍ୟକ୍ରମ ପରିଚାଳିତ ହୋଇଛି । ପିଲାମାନଙ୍କୁ ଜୀବନ କୌଶଳ ଶିକ୍ଷା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଏଥିରେ ଅର୍ନ୍ତଭୂକ୍ତ କରାଯାଇଛି । ଏଥି ନିମନ୍ତେ "ମୋ ଅନୁଭୂତି ମୋ ସନ୍ଦେଶକୁ" ଆଧାର କରି ସରଗିଫୁଲ ଉତ୍ସବରେ ଏକ ନାଟକ ମଞ୍ଚସ୍ଥ ହୋଇ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷିତ ହୋଇଥିଲା ।

ସଂପ୍ରତି ବିଦ୍ୟାଳୟ ପରିଚାଳନାରେ ଛାତ୍ରଛାତ୍ରୀ ମାନଙ୍କ ଅଂଶ ଗ୍ରହଣ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ଅଂଶ ଗ୍ରହଣକୁ ଆହୁରି ଆନୁଷ୍ଠାନିକ କରିବାପାଇଁ ବିଦ୍ୟାଳୟ ମନ୍ତ୍ରୀମଣ୍ଡଳ ଗଠନ କରାଯାଇଛି । ଏହି ମନ୍ତ୍ରୀମଣ୍ଡଳକୁ ସୁସଂଗଠିତ ଓ ଆହୁରି କ୍ରିୟାଶୀଳ କରିବାପାଇଁ ତଥା ଏଥିରେ ଅଂଶଗ୍ରହଣ କରିଥିବା ପିଲାମାନଙ୍କୁ ଆହୁରି ସଚେତନ କରିବାପାଇଁ ତିନିଦିନିକିଆ କର୍ମଶାଳାର ଆୟୋଜନ କରି ସେମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା । ପିଲାମାନେ ସଚେତନାତର ବାର୍ତ୍ତାନେଇ ସେମାନଙ୍କ ସାଙ୍ଗ ମହଲରେ ଏବଂ ବିଦ୍ୟାଳୟରେ ଏହାକୁ ପ୍ରସାରିତ କରିବାପାଇଁ ଏଠାରୁ ବାର୍ତ୍ତାନେଇ ଯାଇଥିଲେ ।














WORKSHOP ON PAPER MACHE




ସର୍ବଶିକ୍ଷା ଅଭିଯାନ




















Workshop
21st to 23rd December 2015